# ମାର୍କ ଲିଖିତ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର
# ମାର୍କ ରାସ୍‌ତିମାନି ଜିସୁ କ୍ରିସ୍ତଦି ନେଗିକାବୁର୍

## ଇୟା ବଇ ବିସୟତାନ୍ ଏସ ମାଟା

ଜିସୁ କ୍ରିସ୍ତଦି ଜିବନ୍ ବିସୟତାନ୍ ୱେର୍‌ସିମାନି ପୁନି ନିୟମ୍‌ତି ନାଲ୍‌ଗି ବଇଙ୍ଗାଁ ମାଣ୍‌କୁ ମାର୍କ ରାସ୍‌ତିମାନି ସୁସମାଚାର୍ ଆଜିନାଡ୍ ଉଣ୍ତି । ଆୟାୱିଜୁଦିଙ୍ଗ୍ ସୁସମାଚାର୍ ଇନ୍‌ନାର୍, ଆମାତାନି ଅର୍ତ "ନେଗିକାବୁର୍" । ଆୟାୱିଜୁ ଜିସୁଦି ସାତି ୱେନ୍‌କା ମାଥିଉ, ମାର୍କ, ଲୁକ ମାରି ଯୋହନତି ମାଣ୍‌କୁ ରାସାତାମାନାଡ୍ । ନାଲ୍‌ଗି ସୁସମାଚାର୍ ମାଣ୍‌କୁ ମାର୍କ ରାସ୍‌ତିମାନି ସୁସମାଚାର୍ ଆଜିନାଡ୍ ୱିଜୁ ମାଣ୍‌କୁ ଇସ୍ରିକା । ଇକାବା ବିସ୍‌ବାସ୍ କିଆନାଡ୍ ଜେ, ଇକା ସୁସମାଚାର୍ ମାଣ୍‌କୁ ୱିଜୁଦି ଆଗ୍‌ଡ଼ି, ଖ୍ରୀଷ୍ଟାବ୍ଦ ୬୫-୭୦ ନିସୋ ବାର୍ସକ୍ ଲୋଇ ରାସାତାମାନାଡ୍ । ବାଇବଲ୍‌ତି ପଣ୍ଡିତ୍‌କୁ ବିସ୍‌ବାସ୍ କିନାର୍ ଜେ, ରୋମ୍‌ତୁ ମାନି କ୍ରିସ୍ତାନ୍ ଲୋକାଙ୍ଗ୍ ୱେଡ଼ିକା କିନି ଉଣ୍ତିଙ୍ଗ୍ ଇକା ରୋମ୍‌ତୁ ରାସାତାମାନାଡ୍ ।

ମାର୍କ, ଏନ୍‌କି ଯୋହନ ମାର୍କ ଦର୍‌ତାନ୍ ୱେଙ୍ଗିଁତାମାନାନ୍, ୱାନ୍ ପାଉଲ ମାରି ବର୍ଣ୍ଣବାସତି ତଡ଼୍ ମାର୍‌ଆନ୍, ମାତର୍ ଏସ୍ତିୱାଲେ ୱାନ୍ ୱାରିଙ୍ଗ୍ ପ୍ରଚାର୍ କିଦେଙ୍ଗ୍ ସନି ସାର୍‌ଦୁ ଡ଼ିସ୍‌ତା ୱାତାନ୍, ନାସ୍ତିୱାଲେ ୱାନି ଦର୍ ମାର୍‌ଗିତା ସରାଆଡ୍ ପ୍ରେରିତ ୧୩:୧୩ । ୱେନ୍‌କା ମାର୍କ ମାରିଡ଼େସି ବର୍ଣ୍ଣବାସତିୱାଲେ ସେବା ପାଣିଦୁ ସର୍‌ଆନ୍ ପ୍ରେରିତ ୧୫:୩୭-୩୯ । ମାର୍କ ବା ପିତର୍‌ତି ଅରେନ୍ ନିଜେଦି ତଡ଼୍‌ତି ୱାଜା ୱେଙ୍ଗିଁତା ମାର୍‌ଆନ୍ ୧ ପିତର ୫:୧୩ । ଜଦିବା ମାର୍କ ଅରେନ୍ ଜିସୁଦି ଜିବନ୍‌ତି ସୁଡ଼୍‌ତି ସାକି ସିଲେତାନ୍, ଆତିଙ୍ଗ୍‌ବା ବାଇବଲ୍ ପଣ୍ଡିତ୍‌କୁ ବିସ୍‌ବାସ୍ କିନାର୍ ଜେ, ୱାନ୍ ପିତର୍‌ତି ସାକି ୱେନ୍‌ଜି ନିଜେଦି ସୁସମାଚାର୍ ରାସ୍‌ତାମାନାନ୍ । ସୁସମାଚାର୍‌ତୁ ମାର୍କ ସିସୁର୍ ବିସୟ ମାରି ୱିଜ୍‌ନି ଦିନ୍‌ତି ବିସୟତାନ୍ ଜିସୁଦି ସିକିୟା ମୁସ୍‌କୁ ସୁଡ଼୍‌ଜୁ

ରାସ୍‌ତାମାନାନ୍ ।

ମାର୍କ ଇୟା ବଇଦୁ ଜିସୁ କ୍ରିସ୍ତଦିଙ୍ଗ୍ ଅରେନ୍ ଦାର୍ମୁ ଗଡିମୁରୁଲି ମାରି ମାପୁରୁଦି ବଦାଦିଙ୍ଗ୍ ମାନାଜି କିନି ଉଣ୍ଡିଙ୍ଗ୍ ୱିଜୁୱାଲେ ତିଆର୍ ଆନି ମାନି ଲାଡ୍‌ତି ମାରିନ୍ ୱାଜା ୱେର୍‌ତା ମାନାନ୍, ଆୟା ଉଣ୍ଡିଙ୍ଗ୍ ୱାନ୍ ଜିସୁଦି କାବାଆନି ପାଣି ବିସୟତାନ୍ ରାସ୍‌ନାନ୍ । ସାରାସାରି ୱାନ୍ ସାରା ଦୁନିଆଦୁ ସୁସମାଚାର୍ ପ୍ରଚାର୍ କିନି ପେରି ଆଦେସ୍‌ତି ୱାଲେ ଇୟା ସୁସମାଚାର୍ ରାସ୍‌ତିତାନିଙ୍ଗ୍ ବନ୍ଦ୍ କିନାନ୍ ।

## ଇୟା ବଇଦୁ ମାନି ମୁକିୟ ବିସୟ୍

୧. ଡୁବନ୍ ସିନି ଜୋହନ ମାରି ଜିସୁଦି ଡୁବନ୍ । ୧:୧-୧୩
୨. ଗାଲିଲିଦୁ ଜିସୁଦି ସେବାକିନି ପାଣି । ୧:୧୪; ୯:୫୦
୩. ଜିରୁସାଲମ୍‌ତୁ ଜିସୁ ସନିକା ମାରି ମନ୍ଦିର୍‌ତୁ ଡ଼ଗୁନିକା । ୧୦:୧; ୧୨:୪୪
୪. ୱାନି ଦିନ୍‌ତି ବିସୟତାନ୍ ୱାଜିନି ଦିନ୍‌ତି ମାଟା । ୧୩:୧-୩୭
୫. ଜିସୁଦି ସାନିକା, ଡ଼େସି ନିଙ୍ଗିନିକା, ମାରି ପେରି ଆଦେସ୍ । ୧୪:୧–୧୬:୨୦

### ଏର୍‌ତୁ ଡୁବନ୍ ସିନି ଜୋହନତି ପ୍ରଚାର୍
*(ମାତିଉ ୩:୧-୧୨; ଲୁକ ୩:୧-୧୮; ଜୋହନ ୧:୯-୨୮)*

୧ ଇକା ଆଜିନାଡ୍ ମାପୁରୁ ମାରିସି ଜିସୁ କ୍ରିସ୍ତଦି ନେଗି କାବୁର୍
ଆରାମ୍ ।
୨ ଜିସାୟ ବାବବାଦିଦି* ବଇଦୁ ଏଣ୍ଡେସ୍ ରାସାତାମାନାଡ୍,
"ସୁଡ଼ଦୁ, ମାପୁରୁ ଇର୍ହାନ୍," ମାପ୍ ମା ଦୁଡ୍‌ତିଙ୍ଗ୍ ମି ଆଗ୍‌ଡ଼ି ପୋକ୍‌ନାପ୍,
ୱାନ୍ ମି ସାରି ରସ୍‌ନାନ୍ ।
୩ ମରୁବୁମିଦୁ ପେରିୱେୟୁଦାନ୍ ଆଉଲିଆଜିମାନି ଅରେନ୍ ୱାନି ବଲ୍,
ପ୍ରବୁଦି ସାରି ରସ୍‌ଆ,
ୱାନି ସାରି ସାଡ଼କୁ କିଆ ।
୪ ଆବେଟ୍‌କୁ ଏର୍‌ତୁ ଡୁବନ୍ ସିନି ଜୋହନ ବାଲିଭୁମିଦୁ ସର୍ହାନ୍‌ନୋ
ୱେର୍‌ତାନ୍, ମାରି ଡୁବନ୍ ସିତାନ୍ । ୱାଣ୍ଡ୍ରୁ ପ୍ରଚାର୍ କିଜି ଲୋକାଙ୍ଗ୍

* **୧:୨** ଏନ୍ ମାପୁରୁଦି ମାଟା ମାପୁରୁଦି ମାଣାନ୍ ଲୋକାଙ୍ଗ୍ ୱେର୍‌ନାନ୍ ।

ଇନ୍ଡ୍ରେଙ୍ଗ୍ ଆସ୍ତାନ୍, "ପାପ୍ତାନ୍ ମନ୍ତିଙ୍ଗ୍ ଡେ଼ପ୍ତୁ, ମାରି ଡୁବନ୍
ଅତୁ ଆବେଟ୍ ମାପୁରୁ ମି ପାପ୍କେମା କିନାନ୍ ।"
୫ ଆବେଟ୍ ଯିହୁଦା ରାଜି ମାରି ଜିରୁସାଲାମ୍ତି ୱିଜୁ ଲୋକୁ ସତାରୋ
ଯୋହନତି ଲାକ୍ତୁ ୱାଦେଙ୍ଗ୍ ଆସ୍ତାର୍ ମାରି ନିଜେ ନିଜେଦି ପାପ୍
ମାନାଜି ୱାନି ମାଣ୍କୁ ଜର୍ଦନ ଗାଡାଦୁ ଡୁବନ୍ ଅତାର୍ ।
୬ ଜୋହନ ଉଟ୍ ବୁର୍ବୁସାଦାନ୍ ଡିଆର୍ ଆଡି ଆଙ୍ଗିଁ ଆରାଜି
ମାର୍ଆନ୍ ମାରି ୱାନି ଜୁକିଦି ସାରିବେଡ଼ତି ଡଲ୍ତି ନାସ୍
ତରାଜିମାର୍ହାନ୍, ମାରି ମାଡ଼ିମାଉ ନି ଗରନ୍ ପୁକି ତିନ୍ଜିମାର୍ଆନ୍
।
୭ ୱାଣ୍ତ୍ରୁ ଆଉଲି ଆଜି ଇଣ୍ତ୍ରେଙ୍ଗ୍ ଆସ୍ତାନ୍, "ଏନ୍କି ନା ମାଣ୍କୁ
ନାଣ୍ତ ବପୁମାନାନ୍, ଆକାନ୍ ନା ୱେନ୍କା ୱାଜିନାନ୍; ନାନୁ ପାଡ଼ଜ
ଜୁଟେଙ୍ଗ୍ତି ଗାଟି ବା କୁଡ଼୍ତେଙ୍ଗ୍ ଜଗ୍ ସିଲେ ।
୮ ନାନୁ ମିଙ୍ଗିଁ ଏର୍ତୁ ଡୁବନ୍ ସିଜିନା, ମାତର୍ ୱାନ୍ ମିଙ୍ଗିଁ ପବିତ୍ର
ଆତ୍ମାଦୁ ଡୁବନ୍ ସିନାନ୍ ।"

## ଜିସୁଦି ଡୁବନ୍ ମାରି ପରିକା
(ମାତିଉ ୩:୧୩; ୪:୧୧; ଲୁକ ୩:୨୧-୨୨; ୪:୧-୧୩)

୯ ନାସ୍ତିୱାଲେ ଜିସୁ ଗାଲିଲି ରାଜିଦି ନାଜରିତ ଦର୍ତି ନାଟାଣ୍କୁ
ୱାଜି ଜର୍ଦନ ଗାଡାଦୁ ଜୋହନମାନୁ ୱାନ୍ ଡୁବନ୍ ଅତାନ୍ ।
୧୦ ଜିସୁ ଏର୍ତାନ୍ ସହସି ୱାନିୱାଲେ ବାଦଡ଼୍ ରେଆଡି ମାନିୱାଜା
ମାରି ପବିତ୍ର ଆତ୍ମା ପାର୍ୱାଦି ୱାଜା ୱାଜି ୱାନି ମୁସ୍କୁ ରେଡାନିକା
ୱାନ୍ ସୁଡ଼ତ୍ନାନ୍,
୧୧ ✡ନାସ୍ତିୱାଲେ ବାଦଡ଼୍ତାନ୍ ଉଣ୍ତ୍ରି ବଲ୍ ୱେଙ୍ଗିଁତାଡ଼୍, "ନିନୁ ମା
ଲାଡ଼୍ତି ମାରିନ୍, ନିବାନ୍ ମାପୁ ନାଣ୍ତ ୱେଡ଼ିକା ।"
୧୨ ଆୟାଦାପ୍ରେ ପବିତ୍ର ଆତ୍ମା ଜିସୁଙ୍ଗୁଁ ଉଣ୍ତ୍ରି ସିମ୍ରା ବାଡିଦୁ ଅତାଡ଼୍ ।
୧୩ ଜିସୁ ସିମ୍ରା ବାଡିଦୁ ସାଲିସ୍ ଦିନ୍ ତେବାଜି; ସୟତାନ୍ତି ମାଣାନ୍
ପରିକା କିଆୟ୍ଆତାନ୍; ଜିସୁ ବନ୍ତି ଜାତୁଙ୍ଗାୱାଲେ ମାର୍ଆନ୍,
ମାତର୍ ମୁସ୍କୁପୁର୍ତି ଦୁତ୍କୁ ୱାଜି ୱାନି ସେବାକିଜିମାରେଏ ।

---

✡ **୧:୧୧** ମାତିଉ ୩:୧୭; ୧୨:୧୮; ମାର୍କ ୯:୭; ଲୁକ ୩:୨୨.

## ଜିସୁ ନାଲ୍‌ଏର୍ ମିନ୍‌କୁ ଆସ୍‌ନି ଲୋକାଙ୍ଗ୍ କୁକ୍‌ତାନ୍
## (ମାତିଉ ୪:୧୨-୨୨; ଲୁକ ୪:୧୪-୧୫; ୫:୧-୧୧)

୧୪ ଯୋହନ ଜଇଲ୍‌ତୁ ସର୍‌ହି ୱେନ୍‌କା ଜିସୁ ଗାଲିଲି ରାଜିଦୁ
ୱାତାନ୍ ନୋ ମାପୁରୁଦି ନେଗି କାବୁର୍ ପ୍ରଚାର୍ କିଦେଙ୍ଗ୍ ଆସ୍‌ତାନ୍ ।
୧୫ ଜିସୁ ୱେର୍‌ତେଙ୍ଗ୍ ଆସ୍‌ତାନ୍, "ଦିନ୍ ଲାକ୍‌ତୁ ୱାତାତ୍‌ନି, ମାପୁରୁଦି
ରାଜି ଇଗା ୱାଜିନାତ୍ ! ପାପ୍‌ତାନ୍ ମନ୍‌ତିଙ୍ଗ୍ ଡେପ୍‌ତୁ ମାରି ମାପୁରୁଦି
ନେଗିକାବୁର୍‌ତୁ ବିସ୍‌ବାସ୍ କିଦୁ ।"
୧୬ ଜିସୁ ଗାଲିଲିଦି ସାମ୍‌ଦୁର୍ ପାଡ଼ି ସିଜି ସନିୱାଲେ ସିମୋନ୍ ପିତର
ମାରି ଆନ୍ଦ୍ରିୟ ତଡ଼୍ ରିଏରିଙ୍ଗ୍ ସାମ୍‌ଦୁର୍‌ତୁ ମିନ୍‌କୁ ଜାଡ଼ି ପକ୍‌ନିକା
ସୁଡ଼୍‌ତୁାନ୍, ଇରିଙ୍ଗ୍ ୱାର୍ ମିନ୍‌କୁ ଆସ୍‌ନିକାର୍ ମାର୍‌ଆର୍ ।
୧୭ ଜିସୁ ୱାରିଙ୍ଗ୍ ଇର୍‌ଆନ୍, ନା ୱାଲେ ରାଦୁ, ନାନ୍ ମିଙ୍ଗିଁ
ଲୋକାଙ୍ଗ୍ ମାପୁରୁ ଲାକ୍‌ତୁ ତାନିକା ଅଜାକିନା ।
୧୮ ଆବେଟ୍ ୱାର୍ ଆୟାଦାପ୍ରେ ଜାଡ଼ି ଡ଼ିସ୍‌ତାରୋ ଜିସୁୱାଲେ ୱାଲେ
ସର୍‌ଆର୍ ।
୧୯ ମାରି, ଜିସୁ ଅଡ଼ପ୍ ଆଗ୍‌ଡ଼ି ସର୍‌ଆନ୍‌ନୋ ଜେବଦିଦି ରିଏର୍
ମାରିସିର୍ ଜାକୁବ ନି ୱାନି ତଡ଼ାନ୍ ଜୋହନତିଙ୍ଗ୍ ୱାରି ଡଙ୍ଗାଁଦୁ ଜାଡ଼ି
ମଦାକିନିକା ସୁଡ଼୍‌ତୁାନ୍ ।
୨୦ ଜିସୁ ୱାରିଙ୍ଗ୍ ସୁଡ଼୍‌ଜି ଦାପ୍ରେ ୱାନି ଲାକ୍‌ତୁ କୁକ୍‌ତାନ୍, ୱାର୍
ୱାରି ବୁବାସି ଜେବଦିଙ୍ଗ୍ ବୁତିକିନି ଲୋକାୱାଲେ ଡଙ୍ଗାଁଦୁ ଡ଼ିସ୍‌ତାରୋ
ଜିସୁୱାଲେ ୱାଲେ ସର୍ହାର୍ ।

## ଜିସୁ ଅରେନ୍ ଦୁବା ଆସ୍‌ତି ଲୋକ୍‌ତିଙ୍ଗ୍ ନେଗେଣ୍ଡ କିତାନ୍
## (ଲୁକ ୪:୩୧-୩୭)

୨୧ ଜିସୁ ମାରି ସିସୁର୍ କପର୍‌ନାହୁମ୍ ଇନି ଗାଡ଼୍‌ତୁ ସର୍‌ଆର୍,
ଆୟାଦାପ୍ରେ ଜିସୁ ରୋମ୍‌ନି ନାଣ୍ଡିଙ୍ଗ୍ ଜିହୁଦିରି ପାର୍‌ତନା କିନି ଇଲୁ
ଲୋଇ ସର୍‌ଆନ୍‌ନୋ ସିକିୟା ସିଦେଙ୍ଗ୍ ଆସ୍‌ତାନ୍ ।
୨୨ ✡ୱାନି ସିକିୟା ୱେନ୍‌ଜି ଲୋକ୍‌ଡର୍ କାବାଆତାର୍; ଇରିଙ୍ଗ୍ ଜିସୁ
ସାସ୍ତ୍ରୀରି ୱାଜା ସିକିୟା ସିଏନ୍‌ଣ୍ଡା ଅରେନ୍ ଅଦିକାର୍ ପଇତି ଲୋକ୍‌ତି
ୱାଜା ସିକିୟା ସିଜି ମାର୍‌ଆନ୍ ।

---

✡ **୧:୨୨** ମାତିଉ ୭:୨୮,୨୯.

୨୩ ନାସ୍ତିୱାଲେ ଅରେନ୍ ଦୁବା କାସ୍ତି ଲୋକୁ ପାର୍‌ତନା କିନି ଇଲୁ
ଲୋଇ ମାରାନ୍ ନୋ ଆଉଲି ଆଜି ଇର୍‌ଆନ୍ ।
୨୪ "ଏ ନାଜରିତିୟ ଜିସୁ, ନିୱାଲେ ମା ଇନି ପାଣି ମାନାତ୍ ?
ନିନ୍‌ନେ ମାଙ୍ଗି ୱିସ୍‌ତେଙ୍ଗ୍ ୱାତି ? ନିନୁ ଏନ୍ ଆକା ନାନ୍ ନେସ୍‌ନା,
ନିନୁ ମାପୁରୁତି ମାଣ୍‌କୁ ୱାତିମାନି ପବିତ୍ର ଲୋକୁ ।"
୨୫ ଜିସୁ ତାନିଙ୍ଗ୍ ଆଦ୍‌ରିସ୍ କିଜି ଇର୍ହାନ୍, "ଆଲ୍‌ଜ ମାନ୍‌ଆ, ଇୟା
ୱେନିମାଣ୍‌କୁ ସସି ସାଙ୍ଗ୍‌ଆ ।"
୨୬ ତାନେ ୱେନ୍‌କା ଆୟା ତାଗ୍‌ଇଆତ୍ମା ୱାନିଙ୍ଗ୍ ଦୁକ୍‌ତା ପକ୍‌ତା
ଦୋ ନାଣ୍ଡ ପେରି ୱେୟୁଦାନ୍ ଆଉଲି ଆଜି ୱାନି ମାଣ୍‌କୁ ସତା
ସର୍‌ଆତ୍ ।
୨୭ ଆବେ ମାର୍‌ଇ ଲୋକ୍‌ଡର୍ କାବାଆତା ସର୍‌ଆର୍‌ନୋ ୱାରି ୱାରି
ଲୋଇ ୱାର୍‌ଗିଜି ସାତାର୍, "ଇକା ଇନିକା ? ଇକା ତୋ ଉଣ୍ଡି
ଅଦିକାର୍ ମାନି ପୁନି ସିକିୟା, ୱାନ୍ ତାଗ୍‌ଇ ଆତ୍ମେଆଙ୍ଗ୍ ବା ଆଦେସ୍
ସିନାନ୍, ମାରି ତାଗ୍‌ଇ ଆତ୍‌ମେଙ୍ଗ୍ ୱାନି ଆଦେସ୍ ମାନାନେ ।"
୨୮ ଆୟାୱେନ୍‌କା ଜିସୁଦି ବିସୟତୁ ମାଟା ଦାପେ ଦାପେ ଗାଲିଲି
ରାଜିଦୁ ୱିଜୁ ତରିନ୍ ୱେଙ୍ଗି ତାସର୍‌ଆତ୍ ।

## ଜିସୁ ନାଣ୍ଡ ଲୋକାଙ୍ଗ୍ ନେଗେଣ୍ଡ କିତାନ୍
(ମାତିଉ ୮:୧୪-୧୭; ଲୁକ ୪:୩୮-୪୧)

୨୯ ତାନେ ୱେନ୍‌କା ଜିସୁ ମାରି ସିସୁର୍ ପାର୍‌ତନା କିନି ଇଲୁଦାନ୍
ସତାରୋ ଯାକୁବ ନି ଜୋହନ ୱାଲେ ଆୟାଦାପ୍ରେ ସିମୋନ୍ ମାରି
ଆନ୍ଦ୍ରିୟରି ଇଲ୍‌ତୁ ସର୍‌ଆର୍ ।
୩୦ ସିମୋନ୍‌କା ମିମ୍‌ସି ନବ୍‌ତି ଉଣ୍ଡିଙ୍ଗ୍ ନିଙ୍ଗ୍‌ଦେଙ୍ଗ୍ ଆଟ୍‌ଏଜି
ମାର୍‌ଆତ୍, ମାରି ସିସୁର୍ ଆୟାଦାପ୍ରେ ତାନେ ମାଟା ଜିସୁଙ୍ଗୁ ୱେର୍‌ତାର୍
।
୩୧ ଆବେଟ୍ ଜିସୁ ଲାକ୍‌ତୁ ସର୍‌ଆନ୍‌ନୋ ତାନି କିୟୁ ଆସ୍‌ତାନ୍‌ନୋ
ତାନେଙ୍ଗ୍ ନିକ୍‌ତାନ୍, ଆବେଟ୍ ତାନିଙ୍ଗ୍ ନବ୍ ଡ଼ିସ୍‌ତାତ୍, ମାରି ୱାଦ୍
ନେଗେଣ୍ଡ ଆତାଦୋ ଜିସୁ ମାରି ସିସୁରି ଉଣ୍ଡିଙ୍ଗ୍ ଖାଦି ସେବା ତିଆର୍
କିଦେଙ୍ଗ୍ ଆସ୍‌ତାତ୍ ।
୩୨ ୱେଡାସହର୍ି ୱେନ୍‌କା ଲୋକ୍‌ଡର୍ ଜିସୁ ଲାକ୍‌ତୁ ୱିଜୁ ରକମ୍‌ତି
ରୋଗ୍ ମାରି ଦୁବା କାସ୍ତି ଲୋକାଙ୍ଗ୍ ତାତେଙ୍ଗ୍ ଆସ୍‌ତାର୍ ।

୩୩ ଆୟା ଗାଡ଼୍‌ତି ଲୋକୁ ୱିଜେରେ ୱାଜି ଆୟା ଇଲୁ ସେର୍‌ଲା
ଲାକ୍‌ତୁ ଉଣ୍ଡାତାର୍ ।
୩୪ ଜିସୁ ନାନା ରକମ୍‌ତି ରୋଗ୍ ଲୋକାଙ୍ଗ୍ ନେଗେଣ୍ଡ କିତାନ୍ ମାରି
ଏସ ଦୁବା କାସ୍ତି ଲୋକାଙ୍ଗ୍ ଡ଼ିସିସ୍ କିତାନ୍, ମାରି ୱାନ୍‌ଡୁ ଦୁବେଆଙ୍ଗ୍
ୱାର୍‌ଗିଦେଙ୍ଗ୍ ସିଏତାନ୍, ଇରିଙ୍ଗ୍ ଦୁବେଙ୍ଗ୍ ଉର୍ ଜିସୁଙ୍ଗୁଁ ନେସ୍‌ସି
ମାର୍‌ହେ ।

## ଗାଲିଲି ରାଜିଦୁ ଜିସୁ ନେଗିକାବୁର୍ ପ୍ରଚାର୍ କିତାନ୍ (ଲୁକ ୪:୪୨-୪୪)

୩୫ ମାର୍‌ନାଣ୍ଡିଙ୍ଗ୍ ୱେଡ଼ା ସନି ଆଗ୍‌ଡ଼ି ସାଲ୍‌ଦି ସିକାଟି ମାନ୍‌ବୁ
ମାନ୍‌ବୁନେ ଜିସୁ ନିଂଇତା ସତା ସର୍‌ଆନ୍ ମାରି ଉଣ୍ଡି ସିମ୍ରା ବାଡିଦୁ
ସର୍‌ଆନ୍‌ନୋ ଆବେ ପାର୍‌ତନା କିଦେଙ୍ଗ୍ ଆସ୍‌ତାନ୍ ।
୩୬ ସିମୋନ୍ ମାରି ୱାନି ତଡ଼୍ ଲୋକୁ ଜିସୁଙ୍ଗୁଁ ପଇଦେଙ୍ଗ୍ ଆସ୍‌ତାର୍,
୩୭ ଏସ୍ତିୱାଲେ ଜିସୁଙ୍ଗୁଁ ୱାର୍ ସୁଡ଼ତୁାର୍ ୱାନିଙ୍ଗ୍ ଇର୍ହାର୍, "ୱିଜେରେ
ନିଂଇ ପଇଜି ଅସିନାର୍ ।"
୩୮ ମାତର୍ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ରାଦୁ, ମାଡୁ ଇୟା ଲାକ୍‌ତୁ
ମାନି ନାର୍‌କାଙ୍ଗ୍ ସଁନାଟ୍ । ନାନ୍ ଆବେବା ପ୍ରଚାର୍ କିନା, ଇରିଙ୍ଗ୍
ଆୟା ଉଣ୍ଡିଙ୍ଗ୍ ନାନୁ ସତା ୱାତାମାନା ।"
୩୯ ଆୟାୱେନ୍‌କା ଜିସୁ ଗାଲିଲି ରାଜିଦି ୱିଜୁ ନାର୍‌କାଙ୍ଗ୍ ବୁଁଲାଜି
ବୁଲାଜି ୱାରି ୱିଜୁ ପାର୍‌ତନାକିନି ଇଲ୍‌କାଙ୍ଗ୍ ପ୍ରଚାର୍ କିତାନ୍ ମାରି
ଦୁବେଙ୍ଗ୍ ଆସ୍‌ତି ଲୋକାଙ୍ଗ୍ ଡ଼ିସ୍‌ପିସ୍‌ତାନ୍ ।

## ଜିସୁ ଅରେନ୍ କୁସ୍ତ ରୋଗିଙ୍ଗ୍ ନେଗେଣ୍ଡ କିତାନ୍ (ମାତିଉ ୮:୧-୪; ଲୁକ ୫:୧୨-୧୬)

୪୦ ଜିସୁଦି ଲାକ୍‌ତୁ ଅରେନ୍ କୁସ୍ଟରୋଗ୍ ଆତି ମାରିକାନ୍ ୱାତାନ୍ ନୋ
ୱାନି ଆଗ୍‌ଡ଼ି ମେଣ୍ଡେଙ୍ଗ୍ ଗଟ୍ କିତାନ୍‌ନୋ ଇର୍‌ଆନ୍, "ନିନ୍ ଜଦି ବଦା
କିନି, ନାଙ୍ଗେଁ ନେଗେଣ୍ଡ† କିଦେଙ୍ଗ୍ ଆଟ୍‌ନି ।"
୪୧ ଜିସୁ ଦୟା ତର୍‌ତାନ୍‌ନୋ କିୟୁ ପେର୍‌ଜି ୱାନିଙ୍ଗ୍ ମୁଟ୍‌ସି ଇର୍ହାନ୍,
ନାନ୍ ବଦା କିଜିନା, "ନିନ୍ ନେଗେଣ୍ଡ ଆଆ ।"

† **୧:୪୦** କୁସ୍ତ ରୋଗ୍‌ତି ଉଣ୍ଡିଙ୍ଗ୍ ଅରେନ୍ ଯିହୁଦି ଲୋକୁ ମାପୁରୁତି ପୁଜା କିଦେଙ୍ଗ୍ ଆଟ୍‌ଏଜି ମାର୍‌ଆନ୍, ଇରିଙ୍ଗ୍ କୁସ୍ତ ରୋଗ୍‌ତିଙ୍ଗ ଜିହୁଦି ଲୋକୁ ତାଗିଇକା ଇଜି ଅଡ଼ବିଜି ମାର୍‌ଆର୍ ।

୪୨ ଆୟାଦାପ୍ରେନେ କୁସ୍ଟରୋଗ୍ ୱାନି ମାଣାନ୍ ଡ଼ିସ୍ତା ସର୍ଆତ୍
ମାରି ୱାଣ୍ଡ୍ରୁ ନେଗେଣ୍ତ ଆତାନ୍ ।
୪୩ ଇୟା ୱେନ୍‌କା ଜିସୁ ୱାନିଙ୍ଗ୍ ଆଟ୍‌ୱାଦାନ୍ ଆଦେସ୍ ସିଜି
ଆୟାଦାପ୍ରେ ପୋକ୍‌ସି ଇର୍‌ଆନ୍,
୪୪ "ଜାଗାର୍‌ତା, ଏଙ୍ଗ୍‌ବା ଇନିକା ଇନ୍‌ମା, ମାତର୍ ସାଙ୍ଗ୍‌ଆ,
ଜାଜକରିମାନୁ ନିଜେଦିଙ୍ଗ୍ ତର୍‌ଆ; ନିନ୍ ଜେ ନେଗେଣ୍ତ
କିଆଇଆତିମାନି ଇକା ଲୋକାମାନୁ ସାକି ସିଦେଙ୍ଗ୍ ଇଜି ମୋସାଦି
ସିତିମାନି ନିୟମ୍‌ତାନ୍ ପୁଜା ସିଆ ।"
୪୫ ମାତର୍ ଆକାନ୍ ସତା ସର୍‌ଆନ୍ ନୋ ଇୟା ମାଟା ୱିଜୁ ତରିନ୍
ଇଜି ବୁଲାତାନ୍ ଜେ, ଜିସୁ ମାରି ପ୍ରଚାର୍ କିଦେଙ୍ଗ୍ ତରାଜି ଏମେ
ନାର୍‌ତୁବା ସନ୍‌ଡ୍ରେଙ୍ଗ୍ ଆଟ୍‌ଏତାନ୍, ମାତର୍ ଜିସୁ ଆତ୍‌ରେ ସିମ୍ରା ବାଡିଦୁ
ମାନ୍‌ଜି ମାର୍‌ଆନ୍; ମାରି ୱିଜୁ ତରିଣ୍‌ତି ଲୋକୁ ଜିସୁ ଲାକ୍‌ତୁ ୱାଦେଙ୍ଗ୍
ଆସ୍‌ତାର୍ ।

# ୨

## ଜିସୁ ଅରେନ୍ କିକୁକାଲ୍‌କୁ ୱାର୍‌ତି ରୋଗ୍ ଲୋକତିଙ୍ଗ୍ ନେଗେଣ୍ତ କିତାନ୍

*(ମାତିଉ ୯:୧-୮; ଲୁକ ୫:୧୭-୨୬)*

୧ ଏସୋ ଦିନ୍ ସରିଇ ୱେନ୍‌କା ଜିସୁ କପର୍‌ନାହୁମ୍ ନାର୍‌ତୁ, ଏମେ
ଇଣ୍ଡ୍ରୁତେବାଜି ମାରାଆନ୍ ଆୟା ଇଣ୍ଡ୍ରୁମାରିଡ଼େସି ୱାତାନ୍ । ଜିସୁ
ଆୟା ଇଲ୍‌ତୁ ମାନାନ୍ ଇଜି ଲୋକାମାନୁ କାବୁର୍ ସର୍‌ଆତ୍ ।
୨ ଆବେ ନିସା ଲୋକୁ ଉଣ୍ଡାତାର୍ ଜେ, ସେର୍‌ଲା ଲାକ୍‌ତୁବା ଅଡ଼ପ୍
ବାଡି ସିଲେତାତ୍, ମାରି ଜିସୁ ୱାରିମାନୁ ବାକ୍ୟ ୱେର୍‌ତେଙ୍ଗ୍ ଆସ୍‌ତାନ୍
।
୩ ଇୟାୱାଲେ ଲୋକୁ ଅରେନ୍ ପକିୟାଗାତି ରୋଗ୍ ଲୋକ୍‌ତିଙ୍ଗ୍
ନାଲ୍‌ଏରିଙ୍ଗ୍ ପିଣ୍ଡିସ୍ କିବିସ୍ କିତାରୋ ଜିସୁ ଲାକ୍‌ତୁ ଆସ୍‌ତା ୱାତାର୍,
୪ ମାତର୍ ନାଣ୍ତ ଲୋକୁ ମାର୍‌ଆର୍‌ଆକା ଜିସୁ ଲାକ୍‌ତୁ ତାତ୍‌ତେଙ୍ଗ୍
ଆଟ୍‌ଏତାର୍, ଆଦେଙ୍ଗ୍ ଜିସୁ ଏମେ ବାଡିଦୁ ମାର୍‌ଆନ୍, ଆୟା
ବାଡ଼ିଦି ରେକାମ୍ କୁଡ୍‌ତା ପକ୍‌ତାର୍, ମାରି ଆକା ରୁକ୍‌ତାରୋ, ଆମା
କାଟେଲ୍‌ତୁ କିକୁକାଲ୍‌କୁ ୱାର୍‌ତି ରୋଗ୍ ଲୋକୁ ଉରିତା ମାର୍‌ଆନ୍,
ଆୟା ମିସ୍‌ତେ ଜିସୁ ଆଗ୍‌ଡ଼ି ରେପ୍‌ତାର୍ ।

୫ ଆୟା ଲୋକାଦି ବିସ୍‌ବାସ୍ ସୁଡ଼୍‌ଜି ଜିସୁ କିକୁକାଲ୍‌କୁ ୱାର୍‌ତି
ରୋଗିଦିଙ୍ଗ୍ ଇର୍‌ଆନ୍, "ଏ ମାରିନ୍, ନି ପାପ୍‌ୱିଜୁ କେମା ଆତାମାନାତ୍
।"
୬ ମାତର୍ ସାସ୍ତ୍ରିର୍ ମାଣ୍‌କୁ ଏସଲୋକ୍ ଆୟା ବାଡିଦୁ ବାସ୍‌ତାରୋ
ୱାରିୱାରି ମନ୍ ଲୋଇ ଇକା ଅଡ଼୍‌ବିଜି ମାର୍‌ଆର୍,
୭ "ଇକାନ୍ ଏନ୍ଦା ଇୟାୱାଜା ଇଜିନାନ୍ ? ୱାନ୍ ମାପୁରୁଙ୍ଗ୍ ନିଦା
କିଜିନାନ୍ ! ମାପୁରୁଙ୍ଗ୍ ଡ଼ିସ୍‌ତିଙ୍ଗ୍ ମାରି ଏନ୍ ପାପ୍‌କେମା କିଦେଙ୍ଗ୍
ଆଟ୍‌ନାନ୍ ?"
୮ ୱାର୍ ୱାରି ମୋନ୍‌ତୁ ଇୟାୱାଜା ୱାର୍‌ଗ୍‌ଜିସାଜିନାର୍, ଇଜି ଜିସୁ
ଜିବନ୍‌ତୁ ଆୟାଦାପ୍ରେନେ ନେସ୍‌ତାନ୍‌ନୋ ୱାରିଙ୍ଗ୍ ଇର୍‌ଆନ୍, ମିର୍
ନିଜେ ନିଜେଦି ମନ୍‌ତୁ ଏନ୍ଦା ଇୟାୱିଜୁ ମାଟା ୱାର୍‌ଗ୍‌ଜି ସାଜିନିଦେର୍
?
୯ ଇୟା କିକୁକାଲ୍‌କୁ ୱାର୍‌ତି ରୋଗିଦିଙ୍ଗ୍ "ନି ପାପ୍‌କେମା ଆତାତ୍,
ଇଜି ଇନିକା ଉସାସ୍," ନୋ "ନିଙ୍ଗିଁଆ, ଟାଟି ଆସ୍‌ସି, ସାଙ୍ଗ୍‌ଆ ଇଜି
ଇନିକା ଉସାସ୍ ?"
୧୦ ମାତର୍ ସାରାଦୁନିଆଦୁ ପାପ୍‌କେମା କିଦେଙ୍ଗ୍ ମନୁସ୍ୟପୁତ୍ରଦିଙ୍ଗ୍
ଜେ ଅଦିକାର୍ ମାନାତ୍, ଇକା ନାନ୍ କିଦେଙ୍ଗ୍ ଆଟ୍‌ନା । ଇୟାଉଣ୍ତିଙ୍ଗ୍
ଜିସୁ ଆୟା କିକୁକାଲ୍‌କୁ ୱାର୍‌ତି ରୋଗ୍ ଲୋକ୍‌ଦିଙ୍ଗ୍ ଇର୍‌ଆନ୍,
୧୧ "ନାନ୍ ନିଇଂ ଇଜିନା, ନିଙ୍ଗ୍‌ଆ, ନି ଟାଟି ଆସ୍‌ସି, ମି ଇଣ୍ତ୍ର ସାଙ୍ଗ୍‌ଆ
।"
୧୨ ଆବେଟ୍ ୱାନ୍ ନିଂଇତାନ୍, ଆୟାଦାପ୍ରେ କାଟେଲ୍ ଆସ୍‌ସି,
ୱିଜେରି ଆଗ୍‌ଡ଼ି ସତା ସର୍‌ଆନ୍; ଆବେନ୍ ୱିଜେରେ କାବାଆତାରୋ
ମାପୁରୁଙ୍ଗୁଁ ଦନ୍ୟବାଦ୍ କିଜି କିଜି ଇର୍ହାର୍, "ମାପ୍ ଇୟାୱାଜା ପାଣି
ଏସାଙ୍ଗ୍‌ବା ସୁଡ଼୍‌ଏୁପ୍ ମାର୍ହାପ୍ ।"

## ଲେବି ଇନି ଅରେନ୍ ଲୋକ୍‌ତିଙ୍ଗ୍ ଜିସୁ କୁକ୍‌ତାନ୍
*(ମାତିଉ ୯:୯-୧୩; ଲୁକ ୫:୨୭-୩୨)*

୧୩ ଜିସୁ ମାରିଡ଼େସି ଗାଲିଲି ସାମ୍‌ଦୁର୍ ପାଡ଼ି ସର୍‌ଆନ୍, ମାରି
ନାଣ୍ତଲୋକ୍ ୱାନି ଲାକ୍‌ତୁ ୱାତାର୍ ଆକା, ୱାନ୍ ୱାରିଙ୍ଗ୍ ଶିକ୍ଷା ସିଦେଙ୍ଗ୍
ଆସ୍‌ତାନ୍ ।
୧୪ ମାରି, ଜିସୁ ସଲ୍‌ପୁ ସଲ୍‌ପୁ ଆଲ୍‌ଫିତି ମାରିନ୍ ଲେବିଙ୍ଗ୍ ନିଜେଦି
ସିସ୍‌ଟୁ ଲସ୍‌ନି ବାଡିଦୁ ବାସ୍‌ତି ମାର୍‌ଇକା ସୁଡ଼୍‌ତୁାନ୍ । ୱାନ୍ ୱାନିଙ୍ଗ୍

ଇର୍‌ଆନ୍, "ନା ୱେନ୍‌କା ରାଆ ।" ଆବେଟ୍ ୱାନ୍ ନିଂଇତାନ୍‌ନୋ ଜିସୁ
ୱେନ୍‌କା ସର୍‌ଆନ୍ ।
୧୫ ଇୟା ୱେନ୍‌କା ଜିସୁ ଲେବି ଇଲ୍‌ତୁ ଉଣ୍ଡେଙ୍ଗ୍ ବାସ୍‌ନିୱାଲେ
ଏସୋ ସିସ୍‌ଟୁ ଲସ୍‌ନି ଲୋକୁ ମାରି ପାପି ଲୋକ୍‌ଡର୍ ଜିସୁ ମାରି
ୱାନି ସିସୁରିୱାଲେ ଉଣ୍ଡେଙ୍ଗ୍ ବାସ୍‌ତାର୍; ଇରିଙ୍ଗ୍ ୱାର୍ ନାଣ୍ଡ ଲୋକୁ
ମାର୍‌ଆର୍, ମାରି ୱାର୍ ଜିସୁୱାଲେ ବୁଲାଜିମାର୍‌ଆର୍ ।
୧୬ ଜିସୁ ପାପିଲୋକା ୱାଲେ ମାରି ସିସ୍‌ଟୁ ଲସ୍‌ନି ଲୋକାୱାଲେ
ଉଣୁଜି ମାର୍‌ଆନ୍, ଇକା ସୁଡ଼ଡ୍ତାର୍ ପାରୁସି ଦଳତି ଶାସ୍ତ୍ରୀର୍ ୱାନି
ସିସୁରିଙ୍ଗ୍ ଇଣ୍ଡେ୍ଙ୍ଗ୍ ଆସ୍‌ତାର୍, "ଇକା ଇନିକା ? ୱାନ୍ ସିସ୍‌ଟୁ ଲସ୍‌ନି
ଲୋକାୱାଲେ ମାରି ପାପିଲୋକା ୱାଲେ ଅର୍‌ସେ ଉଣାନ୍ !"
୧୭ ଆୟା ମାଟା ୱେନ୍‌ଜି ଜିସୁ ଇର୍‌ଆନ୍, "ନେଗି ଲୋକାଦି
ଉଣ୍ଡିଙ୍ଗ୍ ଡାକ୍‌ତର୍‌ତି ଦର୍‌କାର୍ ସିଲେଡ୍, ମାତର୍ ନବ୍ ଲୋକା ଉଣ୍ଡିଙ୍ଗ୍
ଡାକ୍‌ତର୍‌ତି ଦର୍‌କାର୍ ମାନାଡ୍; ନାନ୍ ଦାର୍ମୁ ଲୋକାଙ୍ଗ୍ କୁକ୍‌ତେଙ୍ଗ୍
ରେଏ, ମାତର୍ ପାପି ଲୋକାଙ୍ଗ୍ କୁକ୍‌ତେଙ୍ଗ୍ ଇଜି ୱାତାମାନା ।"

### ଉପାସ୍ ତେବାନି ବିସୟ

*(ମାତିଉ ୯:୧୪-୧୭; ଲୁକ ୫:୩୩-୩୯)*

୧୮ ଡୁବନ୍ ସିନି ଯୋହନତି ସିସୁର୍ ମାରି ପାରୁସିର୍ ଉପାସ୍
କିଜିମାର୍‌ଆର୍ । ଆବେଟ୍ ଏସ ଲୋକୁ ୱାତାରୋ ଜିସୁଙ୍ଗୁଁ ଇର୍ହାର୍,
"ଡୁବନ୍ ସିନି ଯୋହନତି ସିସୁର୍ ମାରି ପାରୁସିର୍ ସିସୁର୍ ଉପାସ୍ କିନାର୍,
ମାତର୍ ମି ସିସୁର୍ ଉପାସ୍ ଏନ୍ଦା କିଏର୍ ?"
୧୯ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "କାନ୍ୟାମୁରୁଲିରି ୱାଲେ ମୁରୁଲୀ
ମାନିୱାଲେ ୱାର୍ ଉପାସ୍ କିନାର୍ ନୋ ? ମୁରୁଲି ଆମାସାନ୍ଦି
ୱାରିୱାଲେ ମାନାନ୍, ଆୟା ସାନ୍ଦି ୱାର୍ ଉପାସ୍ କିଦେଙ୍ଗ୍ ଆଟ୍‌ଏର୍ ।
୨୦ ମାତର୍ ଦିନ୍ ୱାନାଡ୍, ଏସ୍ତିୱାଲେ ୱାରିମାଣାନ୍ ମୁରୁଲିଙ୍ଗ୍
ଅନାର୍, ମାରି ଆୟାୱାଲେ ଆୟାନାଣ୍ଡିଙ୍ଗ୍ ୱାର୍ ଉପାସ୍ କିନାର୍ ।
୨୧ "ଏନ୍ ପୁନି ୱାତିଦି ଇସ୍ରି ଅଟିଦିଙ୍ଗ୍ ଅସି ପାଡ଼ିଇ ୱାତିଦୁ ଗୁଡ୍‌ଏନ୍;
ଇରିଙ୍ଗ୍ ଗୁଡ୍‌ତିଙ୍ଗ୍ ଆୟା ପୁନି ୱାତିଦି ଅଟି ପାଡ଼ିଇ ୱାତିଦିଙ୍ଗ୍ ନାଣ୍ଡ
କିଜିସ୍‌କିନାଡ୍ ମାରି ନାଣ୍ଡ ପେରିକା କିଜ୍‌ନାଡ୍ ।
୨୨ ମାରି, ଏନ୍ ପୁନି ଅଙ୍ଗୁର୍ ରସ୍‌ତିଙ୍ଗ୍ ପାଡ଼ିଇ ତଲ୍ ମଣିଦୁ ଇଡ୍‌ଏନ୍;
ଜଦି ଇଟ୍‌ତିଙ୍ଗ୍ ଆକା ତଲ୍ ମଣିଦିଙ୍ଗ୍ ପାଡିସ୍ କିନାଡ୍, ଆବେଟ୍

ଅଙ୍ଗୁର୍‌ରସ୍ ନି ତଲ୍‌ମଣି ରୁଣ୍ଡିବା ସେଏଣ୍ଡୁ ଆନେ । ମାତର୍ ପୁନି ଅଙ୍ଗୁର୍ ରସ୍‌ତିଙ୍ଗ୍ ପୁନି ତଲ୍ ମଣିଦୁ ଇଡ଼୍‌ନିକା ମାନାତ୍ ।”

## ରମ୍‌ନି ଦିନ୍‌ତି ବିସୟତାନ୍ ପ୍ରଶ୍ନ

*(ମାତିଉ ୧୨:୧-୮; ଲୁକ ୬:୧-୫)*

୨୩ ଅର୍‌ଲେନ୍ ରମ୍‌ନିଦିନ୍‌ତୁ ଜିସୁ ପାସି କିଡ଼ିଇ ନାଡ଼୍‌ମି ସିଜି ସଲ୍‌ସି
ମାର୍‌ଆନ୍, ମାରି ୱାନି ସିସୁର୍ ୱାନିୱାଲେ ସଲ୍‌ପୁ ସଲ୍‌ପୁ ପାସି
ସେରେନ୍‌କୁ ତେଉତେଙ୍ଗ୍ ଆସ୍‌ତାର୍ ।
୨୪ ଆବେଟ୍ ପାରୁସିର୍ ଜିସୁଙ୍ଗୁଁ ଇର୍ହାର୍, “ସୁଡୁଆ, ରମ୍‌ନିଦିନ୍‌ତୁ
ଆମାକାକି କିଦେଙ୍ଗ୍ ନିୟମ୍ ସିଲେଡ୍, ମି ସିସୁର୍ ଇନିଦାନିଙ୍ଗ୍ ଆକା
କିଜିନାର୍ ?”
୨୫ ଜିସୁ ୱାରିଙ୍ଗ୍ ଇର୍ହାନ୍, ଏସ୍ତିୱାଲେ ଦାଉଦଦିଙ୍ଗ୍ ଖାଦି ସିଲେତାଡ୍
ଆୟାୱାଲେ ୱାନ୍ ମାରି ୱାନି ତଡ଼୍‌ତି ଲୋକୁ ବାଙ୍ଗାଁ ଆତାର୍,
ନାସ୍‌ତିୱାଲେ ୱାନ୍ ଇନିକା କିତାମାର୍‌ଆନ୍, ମିର୍ ଆକା ଏସାଙ୍ଗ୍ ବା
ପଡ଼ାଇଦେର୍ ନୋ ?
୨୬ ଅବିୟାଥର ୱିଜେରିଙ୍ଗ୍ ପେରି ଜାଜକରି ଦିନ୍‌ତୁ ଦାଉଦ
ଏଣ୍ଡେସ୍ କିଜି ମାପୁରୁତି ଇଲ୍‌ତୁ ଡ଼ଗ୍ଗିତାନ୍‌ନୋ, ଆମା ପୁଜାସିତି ରୁଟି
ଯାଜକରିଙ୍ଗ୍ ଡ଼ିସ୍‌ତିଙ୍ଗ୍ ଏନ୍‌ବା ତିଣ୍ଡେ୍ଙ୍ଗ୍ ନିୟମ୍ ସିଲେଡ୍, ଆକା
ତିରାଆ ମାର୍‌ଆନ୍, ମାରି ୱାନି ତଡ଼୍ ଲୋକାଙ୍ଗ୍ ବା ସିତା ମାର୍‌ଆନ୍ ।
୨୭ ଜିସୁ ପାରୁସିରିଙ୍ଗ୍ ଇର୍‌ଆନ୍, ରମ୍‌ନିଦିନ୍ ଲୋକା ସାହାଜ୍ୟ
ଉଣ୍ଡିଙ୍ଗ୍ ତିଆର୍ ଆତାମାନାଡ୍, ମାତର୍ ଲୋକ୍‌ତିଙ୍ଗ୍ ବଜୁ ଉଣ୍ଡିଙ୍ଗ୍
ରମ୍‌ନିଦିନ୍ ଆଏଡ୍ ।
୨୮ ଆଦେଙ୍ଗ୍ ମନୁସ୍ୟପୁତ୍ର ଜେ ନାନ୍, ରମ୍‌ନିଦିନ୍‌ତି ପ୍ରବୁ ଆନା ।

# ୩

## ଜିସୁ ଅରେନ୍ କିୟୁ ୱାର୍‌ତି ସହର୍ ଲୋକ୍‌ତିଙ୍ଗ୍ ନେଗେଣ୍ଡୁ କିତାନ୍

*(ମାତିଉ ୧୨:୯-୧୪; ଲୁକ ୬:୬-୧୧)*

୧ ଜିସୁ ମାରିଡ଼େସି ପାର୍‌ତନା କିନି ଇଲୁଦୁ ସର୍‌ଆନ୍ । ଆବେ
ଅରେନ୍ ଲୋକୁ ମାର୍‌ଆନ୍, ୱାନି ଉଣି କିୟୁ ୱାର୍‌ତା ମାର୍‌ଆଡ୍ ।
୨ ମାରି, ଜିସୁ ରମ୍‌ନି ଦିନ୍‌ତୁ ଆୟା ଲୋକ୍‌ତିଙ୍ଗ୍ ନେଗେଣ୍ଡୁ
କିନାନ୍‌ନୋ ସିଲେ, ଇକା ସୁଡ଼ୁଦେଙ୍ଗ୍ ଇଜି ୱାର୍ ୱାନି ମୁସ୍‌କୁ କାଣ୍ଡୁକୁ

ସୁଡ଼ଜ୍ଜିମାର୍‌ଆର୍, ଏଣ୍ଣେସ୍‌କି ୱାର୍ ୱାନି ବିରୁଦ୍‌ତାନ୍ ଦୋସ୍ କିଦେଙ୍ଗ୍
ଆଟ୍‌ନାର୍ ।
୩ ଆମା ୱାନିଦି କିୟୁ ୱାର୍‌ତା ସୋର୍‌ଆ ମାର୍‌ଆତ୍, ୱାନିଙ୍ଗ୍ ଜିସୁ
ଇର୍‌ଆନ୍, "ରାଆ, ନାଣ୍‌ମି ନିଲ୍‌ଆ ।"
୪ ମାରି, ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ରମ୍‌ନି ନାଣ୍ଡିଙ୍ଗ୍ ଇନି ପାଣି କିନିକା
ନିୟମ୍ ମାନାତ୍ ? ନେଗେଣ୍ତ କିଦେଙ୍ଗ୍ ନୋ ସେଏଣ୍ତ କିଦେଙ୍ଗ୍ ?
ଅରେନ୍ ଲୋକ୍‌ତି ଜିବନ୍ ରକିୟା କିନିକା ନୋ ସାପିସ୍‌ନିକା ?" ମାତର୍
ଲୋକ୍‌ଡର୍ ଆଲେତା ସରଆର୍ ।
୫ ଆବେଟ୍ ଜିସୁ ଲୋକା ଜିବନ୍ ଆଟ୍‌ୱାଆକା ଦୁଃକ୍ ଆଜି ରିସାଦାନ୍
ସାରିବେଡ଼ତି ୱାରିଙ୍ଗ୍ ସୁଡ଼ଜ୍ଜି କିୟୁ ୱାର୍‌ତି ମାର୍‌ଇ ଲୋକ୍‌ତିଙ୍ଗ୍
ଇର୍‌ଆନ୍, "ନି କିୟୁ ପେର୍‌ଆ ।" ୱାନ୍ ୱାନି କିୟୁ ପେର୍‌ତାନ୍, ମାରି
ୱାନି କିୟୁ ନେଗେଣ୍ତ ଆତାସର୍‌ଆତ୍ ।
୬ ଇକା ସୁଡ଼ତ୍ତାର୍ ନୋ ପାରୁସିର୍ ପାର୍‌ତନା ଇଲ୍‌ତାନ୍ ସହସି
ସରଆର୍ ନୋ ଜିସୁଙ୍ଗୁଁ ସାୟା ମାର୍‌ଗା ଡାକ୍‌ତେଙ୍ଗ୍ ଁଇଜି ୱାନି
ବିରୁଦ୍‌ତାନ୍ ଆୟାଦାପ୍ରେ ହେରୋଦ ରାଜା ଦଲ୍‌ତି ନେତାରିୱାଲେ
ୱାର୍‌ଗିଜି ସାତାର୍ ।

## ସାମ୍‌ଦୁର୍ ପାଡ଼ି ଲୋକୁ ଉଣ୍ଡାନିକା

୭ ଜିସୁ ୱାନି ସିସୁରିୱାଲେ ମିସାତାନ୍ ନୋ ଗାଲିଲି ସାମ୍‌ଦୁର୍ ପାଡ଼ି
ସର୍‌ଆନ୍ । ମାରି ଗାଲିଲି ଗାଡ଼୍‌ତାନ୍ ନାଣ୍ତ ଲୋକୁ ସତା ରୋ ୱାନି
ୱାଲେ ବୁଲାତାର୍; ମାରି ଜିହୁଦା,
୮ ଜିରୁସାଲାମ୍, ଇଦୋମ୍, ଜର୍ଦନ ଗାଡ଼୍‌ତି ଆୟା ପାଡ୍‌କା ମାନିକାର୍,
ମାରି ସୋର ନି ସିଦନ୍‌ତି ସାରିବେଡ଼୍‌ତିଦାନ୍ ଲୋକୁ ୱିଜେରେ ୱାନି
ପାଣିଦିମାଟା ୱେର୍‌ଆର୍‌ରୋ ୱାନି ଲାକ୍‌ତୁ ୱାତାର୍ ।
୯ ✡ଆବେ ନାଣ୍ତ ଲୋକ୍ ଉଣ୍ଡାତାର୍‌ଆକା, ଲୋକୁ ୱିଜେରେ ୱାନି
ଲାକ୍‌ତୁ ୱାଜ ମାଟ୍‌ସି ସାଏର୍, ଆୟାଉଣ୍ଡିଙ୍ଗ୍ ୱାନ୍ ୱାନି ସିସୁରିଙ୍ଗ୍ ୱାନି
ଉଣ୍ଡିଙ୍ଗ୍ ଉଣ୍ଡି_ ଇସ୍ରି ଡଙ୍ଗାଁ ଲାକ୍‌ତୁ ଇଡ଼ଦେଙ୍ଗ୍ ଇର୍‌ଆନ୍;
୧୦ ଇରିଙ୍ଗ୍ ଜିସୁ ଏସ ରୋଗ୍‌ତୁ ମାର୍‌ଇ ଲୋକାଙ୍ଗ୍ ନେଗେଣ୍ତ
କିତାନ୍‌ଆକା, ମାରି ରୋଗ୍‌ତୁ ମାନି ୱିଜେରେ ୱାନିଙ୍ଗ୍ ମୁଟ୍‌ତେଙ୍ଗ୍ ଇଜି
ୱାନି ମୁସ୍‌କୁ ମାଟ୍‌ସି ସାଜି ମାର୍‌ଆର୍ ।

✡ **୩:୯** ମାର୍କ ୪:୧; ଲୁକ ୫:୧-୩.

୧୧ ମାରି, ତାଗ୍‌ଇଆମ୍ବା ଆସ୍‌ତିମାର୍‌ଇ ଲୋକୁ ଜିସୁଙ୍ଗୁଁ
ସୁଡ଼୍‌କୁଜିମାର୍‌ଆର୍, ୱାର୍ ଜିସୁ ଆଗ୍‌ଡ଼ି ଆର୍‌ଜି ଆଉଲି ଆଜି
ଇନ୍‌ଜିମାର୍‌ଆର୍, "ନିନୁନେ ମାପ୍ରୁରୁଦି ମାରିସି ।"
୧୨ ଆବେଟ୍ ୱାନ୍ ଏନ୍ ଆକା ଏଙ୍ଗ୍‌ବା ଇନ୍‌ଇ ଉଣ୍ଡିଙ୍ଗ୍ ୱାନ୍ ତାଗ୍‌ଇ
ଆମ୍ନେଆଙ୍ଗ୍ ଆଟ୍‌ୱାଦାନ୍ ଆଦେସ୍ ସିତାନ୍ ।

## ଜିସୁ ବାର ଲୋକାଙ୍ଗ୍ ସିସୁର୍ କିତାନ୍
## *(ମାତିଉ ୧୦:୧-୪; ଲୁକ ୬:୧୨-୧୬)*

୧୩ ଆୟାୱେନ୍‌କା ଜିସୁ ଗରନ୍ ମୁସ୍‌କୁ ସର୍‌ଆନ୍‌ନୋ, ୱାଣ୍ଡ୍ରୁ ଏମେ
ଲୋକ୍‌ତିଙ୍ଗ୍ ବଦା କିତାନ୍ ଆୟା ଲୋକ୍‌ତିଙ୍ଗ୍ ୱାନି ଲାକ୍‌ତୁ କୁକ୍‌ତାନ୍
ମାରି ୱାର୍ ୱାନିବାନୁ ୱାତାର୍ ।
୧୪ ଜିସୁ ବାର ଲୋକ୍ ସିସୁରିଙ୍ଗ୍ ବାସ୍‌କିତାନ୍, ଏଣ୍ଣେସ୍ ୱାରୁ
ୱାନିୱାଲେ ତେବାନାର୍, ମାରି "ୱାନ୍ ୱାରିଙ୍ଗ୍ ନେଗିକାବୁରୁ ପ୍ରଚାର୍
କିଦେଙ୍ଗ୍ ପୋକ୍‌ତାନ୍,"
୧୫ ମାରି ୱାର୍ ଦୁବେଆଙ୍ଗ୍ ପେର୍‌ଦେଙ୍ଗ୍ ଅଦିକାର୍ ପଇତାର୍ ।
୧୬ ଜିସୁ ଇୟା ବାର ଲୋକାଙ୍ଗ୍ ବାସ୍‌କିତାନ୍ ସିମୋନ୍, ଜିସୁ
ଆମାୱାନିଙ୍ଗ୍ କି ମାରି ଉଣ୍ଡି ଦର୍ ପିତର୍ ଇଜି ସିତାନ୍;
୧୭ ଜେବଦୀଦି ରିଏର୍ ମାରିସିର୍ ଯାକୁବ ମାରି ୱାନି ତଡ଼ାନ୍
ଯୋହନ, ଆମାୱାରିଙ୍ଗ୍ ୱାନ୍ ବିନେରିଗୋସ୍, ବା ମିର୍‌ସି ଆଉଲି ଆନି
ବାଦଡ଼୍‌ତି ମାରିସିର୍ ଇଜି ଦର୍ ସିତାନ୍;
୧୮ ଆନ୍ଦ୍ରିୟ, ପିଲିପ୍, ବାର୍ତଲମି, ମାତିଉ, ଥୋମା, ଆଲପିଦି ମାରିସି
ଯାକୁବ, ଥଦ୍ଦୀୟ, କିଣାନିୟ ସିମୋନ, ଏନ୍ ଇସ୍ରାଏଲ୍‌ତିଙ୍ଗ୍ ଡ଼ିସିସ୍
କିଦେଙ୍ଗ୍ ବଦାକିଜି ମାର୍‌ଇ ଯିହୁଦି ଲୋକାମାଣ୍‌କୁ ଅରେନ୍ ମାର୍‌ଆନ୍
।
୧୯ ମାରି ଇସ୍କାରିୟୋତିୟ ଜିହୁଦା, ଆମାକାନ୍ କି ୱେନ୍‌କା ଜିସୁଙ୍ଗୁଁ
ସାତ୍ରୁରି କିୟୁଦୁ ଆସ୍‌ପିସ୍ କିତାନ୍ ।

## ଜିସୁ ମାରି ବାଲ୍‌ଜିବୁଲ୍
## *(ମାତିଉ ୧୨:୨୨-୩୨; ଲୁକ ୧୧:୧୪-୨୩; ୧୨:୧୦)*

୨୦ ଇୟା ୱେନ୍‌କା ଜିସୁ ଏସିୱାଲେ ଇନ୍‌ଡ୍ର ଡ଼େସି ୱାତାନ୍, ଆବେ
ନିସା ଲୋକୁ ଉଣ୍ଡାତା ମାର୍‌ଆର୍ ଯେ, ଜିସୁ ମାରି ୱାନି ସିସୁର୍ ଖାଦି
ଉଣ୍ଣେଙ୍ଗ୍ ବା ଆଟ୍‌ଏତାର୍ ।

୨୧ ଏସ୍ତିୱାଲେ ଜିସୁରି ଇନ୍‌ତ୍ରଣି ଲୋକୁ ଇକା ୱେର୍‌ଆର୍
ଆୟାୱାଲେ ୱାର୍ ଜିସୁଙ୍ଗୁଁ ଡ଼େସି କୁକ୍‌ସ ଅତେଙ୍ଗ୍ ସରଆର୍, ଇରିଙ୍ଗ୍
"ୱାନି ତାଲା ପାଣି ସିଏଜିନାଡ୍ ଇଜି ଲୋକୁ ୱାର୍‌ଜିସାନିକା ୱେର୍‌ଆର୍
।"
୨୨ ☆ମାରି, ଜିରୁସାଲାମ୍‌ତାନ୍ ୱାତି ଏସୋ ସାସ୍ତ୍ରିର୍ ଇର୍ହାର୍,
"ୱେନିଙ୍ଗ୍ ଦୁବେଆଣି ପେରିକାଡ୍ ବାଲ୍‌ଜିବୁଲ୍ ବୁଡ଼୍‌ତା ମାନାଡ୍, ତାନେ
ସାକ୍ତିଦାନ୍ ଦୁବେଙ୍ଗ୍ ଡ଼ିସିସ୍‌ନାନ୍ ।"
୨୩ ଜିସୁ ୱାରିଙ୍ଗ୍ ଲାକ୍‌ତୁ କୁକ୍‌ତାନ୍ ମାରି ଉଣ୍ଡି କାତା ୱେର୍‌ସି ବୁଜା
କିତାନ୍, "ସୟତାନ୍ ଏଣ୍ତେସ୍ ଶୟତାନ୍‌ତିଙ୍ଗ୍ ପେର୍‌ଦେଙ୍ଗ୍ ଆଟ୍‌ନାଡ୍ ?"
୨୪ ନିଜେଦି ଦେସ୍ ଜଦି ନିଜେ ନିଜେରି ଦଳ ଲୋଇ ଜୁଦ୍ କିନାର୍,
ଆୟା ରାଜି ତିର୍ ତେବାଦେଙ୍ଗ୍ ଆଟ୍‌ଏଡ୍ ।
୨୫ ମାରି, ଉଣ୍ଡି ଇଲ୍‌ତି ଲୋକୁ ଜଦି ବାଗ୍ ବାଗ୍ ଆଜି ନିଜେ ନିଜେରି
ଲୋଇରି ବିରୁଦ୍‌ତାନ୍ ନିଂଇତିଙ୍ଗ୍, ଆୟା ଇଲୁ ତିର୍ ତେବାଦେଙ୍ଗ୍
ଆଟ୍‌ଏଡ୍ ।
୨୬ ଆୟାୱାଜା, ଜଦି ଶୟତାନ୍‌ତି ରାଜି ବାଗ୍ ବାଗ୍ ଆଜି ନିଜେଦି
ବିରୁଦ୍‌ତାନ୍ ନିଂଇତାଡ୍‌ନି, ଆୟାକା ତିର୍ ତେବାଏଡ୍, ମାତର୍ ତାନି
ସାନିକା ୱାତାଡ୍‌ନି ।
୨୭ "ମାତର୍ ଅରେନ୍ ବପୁମାନି ଲୋକ୍‌ତି ଇନ୍‌ତ୍ର ଏନ୍‌ବା ଡ଼ଗ୍ଗୁଜି
ଆଗ୍‌ଡ଼ି ୱାନିଙ୍ଗ୍ ତର୍‌ଏତିଙ୍ଗ୍, ୱାନି ସାମାନ୍‌ପତ୍ର ଡ଼ଂଆ କିଜ ଅତେଙ୍ଗ୍
ଆଟ୍‌ଏନ୍; ୱାନିଙ୍ଗ୍ ଆଗ୍‌ଡ଼ି ତର୍‌ତିଙ୍ଗ୍ ଗାଦେ ୱାନ୍ ୱାନି ଇଲୁ ଲୋଇ
ଡ଼ଂଆ କିନାନ୍ ।
୨୮ "ନାନ୍ ମିଙ୍ଗିଁ ସତ୍ ଇଜିନା, ଲୋକ୍‌ତି ୱିଜୁ ପାପ୍ ମାରି ୱାର୍
ଏସା ନିନ୍ଦାମାଟା ଇନ୍‌ଜି ମାପୁରୁଙ୍ଗୁଁ ନିନ୍ଦା କିନାର୍, ଆୟାୱିଜୁ କେମା
ଆନାଡ୍;
୨୯ ☆ମାତର୍ ଏନ୍ ପବିତ୍ରଆତ୍ମାଦି ବିରଦ୍‌ତାନ୍ ନିନ୍ଦା ମାଟା ଇନାନ୍,
ୱାନିଙ୍ଗ୍ ମାପୁରୁ ଏସାଙ୍ଗ୍ ବା କେମା କିଏନ୍, ଆୟା ଲୋକୁ ୱିଜୁଦିନ୍‌ତି
ଉଣ୍ଡିଙ୍ଗ୍ ଶାସ୍ତି ପଇନାନ୍ ।"
୩୦ "ଜିସୁଙ୍ଗୁଁ ଡାଗ୍‌ଇଆତ୍ମା ଆସ୍ତା ମାନାଡ୍" ଇଜି ଏସୋ ସାସ୍ତ୍ରିର୍
ଇର୍ହାର୍ ଆକା, ଜିସୁ ଇୟା ମାଟା ଇନ୍‌ଜି ୱାରିଙ୍ଗ୍ ବୁଝା କିତାନ୍ ।

☆ **୩:୨୨** ମାତିଉ ୯:୩୪; ୧୦:୨୫. ☆ **୩:୨୯** ଲୁକ ୧୨:୧୦.

## ଜିସୁଦି ଆଇସି ମାରି ତଡ଼ାନ୍‌କୁ
## (ମାତିଉ ୧୨:୪୬-୫୦; ଲୁକ ୮:୧୯-୨୧)

୩୧ ନାସ୍ତିୱାଲେ ଜିସୁଦି ୟାୟା ନି ତଡ଼ାନ୍‌କୁ ୱାତାରୋ ଆଡ଼୍‌ରେ ନିର୍ହା
ରୋ ଜିସୁଙ୍ଗୁ କୁକ୍‌ତେଙ୍ଗ୍ କାବୁର୍ ପୋକ୍‌ତାର୍ ।
୩୨ ଆବେଟ୍ ୱାନି ସାରିବେଡ଼୍‌ତି ବାସ୍‌ତି ମାର୍‌ଇ ଲୋକୁ ୱାନିଙ୍ଗ୍
ଇର୍ହାର୍, "ସୁଡ଼ଆ, ମି ୟାୟା ନି ତଡ଼ାନ୍‌କୁ ମାରି ତାଙ୍ଗିଁକ୍ ଆଡ଼୍‌ରେ
ତେବାତେ ନୋ ନିଙ୍ଗିଁ ପଇଜିନେ ।"
୩୩ ମାତର୍ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ନା ୟାୟା ନି ତଡ଼ାନ୍‌କୁ ଏର୍
?"
୩୪ ଜିସୁ ୱାନି ସାରିବେଡ଼୍‌ତି ବାସ୍‌ତି ମାର୍‌ଇ ଲୋକାଙ୍ଗ୍ ସୁଡ଼୍‌ଜି
ଇର୍‌ଆନ୍, "ସୁଡ଼ଦୁ, ଇକାର୍ ଆଜିନାର୍ ନା ୟାୟା ନି ନା ତଡ଼ାନକୁ ।
୩୫ ଏନ୍‌ଆପିନ୍ ମାପୁରୁଦି ମାଟା ମାନାନାନ୍, ୱାନ୍ ନା ତଡ଼ାନ୍,
ତାଙ୍ଗିଁ ମାରି ୟାୟା ।"

# ୪

## ୱିତୁ ୱିତ୍‌ନି ଲୋକ୍‌ତି କାତା
## (ମାତିଉ ୧୩:୧-୯; ଲୁକ ୮:୪-୮)

୧ ✡ଜିସୁ ଗାଲିଲି ସାମ୍‌ଦୁର୍ ପାଡ଼ି ମାରିଡ଼େସି ଶିକ୍ଷା ସିଦେଙ୍ଗ୍ ଆରାମ୍
କିତାନ୍, ୱାନି ଲାକ୍‌ତୁ ନାଣ୍ଡ ଲୋକୁ ଉଣ୍ଡାତାର୍ ଆକା, ୱାନ୍ ସାମ୍‌ଦୁର୍‌ତୁ
ମାର୍‌ଇ ଉନ୍‌ଡ୍ରି ଡଙ୍ଗାଁଦୁ ସଲ୍‌ସି ବାସ୍‌ତାନ୍ ମାରି ଲୋକୁ ୱିଜେରେ
ସାମ୍‌ଦୁର୍ ପାଡ଼ି ତେବାତାର୍ ।
୨ ଜିସୁ କାତାଦାଣ୍ଡୁ ଏସୋ ସିକିୟା ସିନିୱାଲେନେ ୱାନ୍ ୱାରିଙ୍ଗ୍
ଇର୍‌ଆନ୍,
୩ "ୱେଣ୍ଡୁ, ଅରେନ୍ ୱିତୁ ୱିତ୍‌ନିକାନ୍ ୱିତ୍‌ତେଙ୍ଗ୍ ସତାନ୍ ।
୪ ୱାନ୍ କିଡ଼ିଇଦୁ ୱିତୁ ୱିତ୍‌ନିୱାଲେ ଏସ ୱିତୁ ସାରି ପାଡ଼୍‌କାଦୁ
ଆର୍‌ତେ ଆକା ପଟିଙ୍ଗ୍ ୱାଜି ଆୟାୱିଜୁ ୱିତୁ ତିର୍‌ଏ ।
୫ ମାରି ଏସ ୱିତୁ ଉଣା ସିକାଲାମାନି ପିଡ଼ିପି ବୁମିଦୁ ଆର୍‌ତାଡ଼୍ ।
ମାରି ନାଣ୍ଡ ସିକାଲା ସିଲେତାଡ଼୍ ଆକା ୱିତୁ ଦାପ୍ରେ ନେରିତାଡ଼୍ ।
୬ ମାତର୍ ୱେଡ଼ା ସତାଡ଼୍ ଆକା ଗାଜା ୱେତା ସର୍‌ଆଡ଼୍ ମାରି ୱେଲା
ଲୋଇ ସାର୍‌ଏତା ମାର୍‌ଆଡ଼୍ ଆକା ୱାର୍‌ତା ସର୍‌ଆଡ଼୍ ।

✡ **୪:୧** ଲୁକ ୫:୧-୩.

୭ ମାରି ଏସୋ ୱିତୁ ସାମ୍‌କା ଦୁପା ଲୋଇ ଆର୍‌ତାଡ୍, ମାରି
ସାମ୍‌ମାରାକ୍ ପିରିତେନୋ ତାମେ ମୁସ୍‌କୁ ତିଗାତେ ମାରି ଆୟା
ମାରାତୁ ଉଣ୍ଡି୍‌ବା ପାଡ଼୍ ଥ୍ଆସ୍‌ଏତାଡ୍ ।
୮ ମାତର୍ ଏସୋ ୱିତୁ ନେଗି ବୁମିଦୁ ଆର୍‌ତାଡ୍, ଆୟା ବାଡିଦୁ ଗାଜା
ଆଜି ପିରିତାଦୋ ତିରିସ୍ ଗୁଣ୍ଡୁ, ସାଟେ ଗୁଣ୍ଡୁ ମାରି ସୟେ ଗୁଣ୍ଡୁ ସାନ୍ଦି
ପାଡ଼୍ ଥ୍ଆସ୍‌ତାଡ୍ ।"
୯ ଆବେ ଜିସୁ ଇର୍‌ଆନ୍, "ଆମାୱାନିଙ୍ଗ୍ ୱେନ୍‌ଡ୍ରେଙ୍ଗ୍
ଗିତଣିଙ୍ଗ୍‌ମାନେ, ୱାନ୍ ୱେନିନ୍ ।"

## କାତାଦି ଉଦେସ୍
## (ମାତିଉ ୧୩:୧୦-୧୭; ଲୁକ ୮:୯-୧୦)

୧୦ ଜିସୁ ଅରେନ୍‌ନେ ମାନିୱାଲେ ବାର ଲୋକୁ ଶିଶୁର୍ ମାରି
ୱାରିୱାଲେ ମାନିଲୋକ ଜିସୁମାନୁ ୱାଜି ୱେନ୍‌ବାତାର୍ "ନିନୁ ଏନ୍ଧା
କାତାଦାନ୍ ମାଟା ୱେର୍‌ସିନି ?"
୧୧ ଆବେଟ୍ ଜିସୁ ୱାରିଙ୍ଗ୍ ଇର୍‌ଆନ୍, ମାପୁରୁଦି ରାଜିଦି ମାର୍‌ଗିତି
ମାଟା ବୁଜାଦେଙ୍ଗ୍ ଉଣ୍ଡିଙ୍ଗ୍ ମିଙ୍ଗିଁ ବପୁ ପୁଟ୍‌ତାମାନାଡ୍, ମାତର୍
ଆୟା ଆଡ୍ରେଣି ଲୋକାଙ୍ଗ୍ ଇୟାୱିଜୁ ବିସୟ କାତାଦାନ୍ ୱେର୍‌ତେଙ୍ଗ୍
ଆଜିନାଡ୍ ।
୧୨ ଆୟା ଉଣ୍ଡିଙ୍ଗ୍
ୱାର୍ ୱେନ୍‌ଜି ୱେନ୍‌ଜି ନେସ୍‌ତେଙ୍ଗ୍ ଆଟ୍‌ଏର୍,
ମାରି ୱେନ୍‌ବୁ ୱେନ୍‌ବୁ ବୁଜାଏର୍,
ଜଦି ନେସ୍‌ନାର୍ ମାରି ବୁଜାନାର୍ ମାରି ମାପୁରୁତି ଲାକ୍‌ତୁ ଡ଼େସିୱାନାର୍
ମାରି ୱାରିଙ୍ଗ୍ କେମା କିନାନ୍ ।

## ଜିସୁ ୱିଡ୍ ୱିଡ଼ତି ଅର୍ତ ବୁଝାକିତାନ୍
## (ମାତିଉ ୧୩:୧୮-୨୩; ଲୁକ ୮:୧୧-୧୫)

୧୩ ଜିସୁ ମାରି ସିସୁରିଙ୍ଗ୍ ଇର୍‌ଆନ୍, "ଇୟା କାତା ମିର୍‌ବା ବୁଝାଦେଙ୍ଗ୍
ଆଟ୍‌ଇଜିନିଦେର୍ ? ଆଇ ୱିଜୁ କାତା ଏଣ୍ତେସ୍ ବୁଝାନିଦେର୍ ?
୧୪ ୱିଡ଼ନିକାନ୍ ୱିତୁ ଅର୍ତାଡ୍ ମାପୁରୁତି ବାକ୍ୟ ୱିଡ୍‌ନାନ୍ ।

୧୫ ଆମାକାର୍ ମାପୁରୁଦି ବାକ୍ୟ ୱେନାର୍, ମାତର୍ ୱେର୍ହି
ଦାପ୍ରେନେ ଶୟତାନ୍ ୱାନାତ୍ ନୋ ୱାରିମାନୁ ୱିତାତିମାନି ବାକ୍ୟଦିଙ୍ଗ୍
ଡଂଆ କିନା ଅନାତ୍, ୱାରୁ ସାର୍ଦୁ ବାକ୍ୟ ୱିତାତି ବୁମିଦି ୱାଜା ।
୧୬ ଆୟାୱାଜା, ଏର୍କି ବାକ୍ୟ ୱେର୍ଇଦାପ୍ରେ ୱେଡ଼ିକାଦାନ୍ ଆକା
ୱାରି ମନ୍ ଲୋଇ ଇଡ଼ନାର୍,
୧୭ ମାତର୍ ୱାରିମାନୁ ୱେଲା ସାଗ୍ଏଡ଼ଆକା ସାଣେକ୍ନେ ତିର୍
ତେବାନାର୍, ୱେନ୍କା ବାକ୍ୟ ଉଣ୍ଡିଙ୍ଗ୍ ଦୁଃକ୍ ମାରି ନିଦା ମାଟା ୱାତିଙ୍ଗ୍
ଆୟାଦାପ୍ରେ ବିସ୍ବାସ୍ ଡ଼ିସ୍ନାର୍, ୱାରୁ ପିଡ଼ିପି ବୁମିଦୁ ଆର୍ତିମାନି
ୱିଡ଼ତି ୱିତୁଦି ୱାଜା ।
୧୮ ମାରି ଆମାକାର୍କି ବାକ୍ୟ ୱେନ୍ନାର୍, ମାତର୍ ଦୁନିଆଦି ସିନ୍ତା,
ଡାବୁଙ୍ଗୁଁ ଟାକେଙ୍ଗ୍ଣି ମାୟା ମାରି ଆଇ ୱିଜୁ ବିସୟତୁ ଆସା ମନ୍ତୁ
ଡ଼ଗୁନାଦ ବାକ୍ୟଦିଙ୍ଗ୍ ତିଗାନାଡ଼ ମାରି ଆକା ପାଡ଼ ସିଲିକା ଆନାତ୍ ।
ୱାର୍ ସାମ୍ ମାରାକା ଲୋଇ ଆର୍ତି ୱିଜୁ ୱାଜା ।
୧୯ ମାତର୍ ଦୁନିଆଦି ସିନ୍ତା, ଦନ୍ଲବ୍ ମାରି ଆଇ ଆସା ୱାରି
ମନ୍ତିଙ୍ଗ୍ ତିର୍ଜିମାନିଙ୍ଗ୍ ଆୟା ମାଟା ୱାରିମାନୁ ପିର୍ଏଡ଼ ।
୨୦ ମାରି, ଆମାକାର୍ କି ବାକ୍ୟ ୱେନାରୋ ଆକା ମନ୍ ଲୋଇ
ଇଡ଼ନାର୍, ୱାର୍ ଏନ୍ ତିରିସ୍ ଗୁଣ୍ଣୁ, ସାଟେ ଗୁଣ୍ଣୁ ମାରି ସହେ ଗୁଣ୍ଣୁ ପାଡ଼ୁ
ଆସ୍ନାର୍ ଆୟା ଲୋକୁ ନେଗି ବୁମିଦୁ ୱିଡ଼ତି ୱିତୁତି ୱାଜା ।”

## ଅଡି ଆଡ଼ଗି ଦିଆ
## (ଲୁକ ୮:୧୬-୧୮)

୨୧ ✡ଜିସୁ, ମାରିଡ଼େସି ୱାରିଙ୍ଗ୍ ଇର୍ଆନ୍, “ଏନ୍ ଏସ୍କାଙ୍ଗ୍ ଇନିକା
ଦିୱା କାସିସ୍କିଜି ଅଡି ଆଡ଼ଗି କି ଖାଟେଲ୍ ଆଡ଼ଗି ଇଡ଼ନାନ୍ ? ଆକା
ଲୋକୁ ଦିୱା କାସିସ୍କିଜି ଦିଆ ଇଡ଼ନି ବାଡିଦୁ ଇଡ଼ଏର୍ ନୋ ?”
୨୨ ✡ଇରିଙ୍ଗ୍ ତର୍ଇ ଇସାବ୍ତାନ୍ ଏମେକାବା ମାର୍ଗ୍ଏଡ଼; ଆମାକା
ମାର୍ଗିତା ମାନାତ୍, ଆକା ତର୍ଦେଙ୍ଗ୍ ଇଜିନେ ମାର୍ଗିତା ମାନାତ୍ ।
୨୩ ଜଦି “ଆମାୱାନିଙ୍ଗ୍ ୱେନ୍ଡ୍ରେଙ୍ଗ୍ ଗିତଣିଙ୍ଗ୍ମାନେ, ୱାନ୍ ୱେନିନ୍
।”

✡ **୪:୨୧** ମାତିଉ ୫:୧୫; ଲୁକ ୧୧:୩୩. ✡ **୪:୨୨** ମାତିଉ ୧୦:୨୬; ଲୁକ ୧୨:୨.

୨୪ ✡ଜିସୁ ୱାରିଙ୍ଗ୍ ଇର୍‌ଆନ୍, “ଇନିକା ୱେନ୍‌ଜିନିଦେର୍, ଆୟା
ଉଣ୍ଡିଙ୍ଗ୍ ଜାଗାର୍‌ତା । ମିର୍ ଏଣ୍ଡେସ୍ କିଜି ଆଇ ଲୋକ୍‌ତିଙ୍ଗ୍ ଲେକିସ୍
କିଜି ସିନିଦେର୍, ଆୟାୱାଜା ପ୍ରବୁ ମିଙ୍ଗେଁ ନାଣ୍ଡ ଲେକିସ୍ କିଜି ସିନାନ୍
।
୨୫ ✡ଏମେ ଲୋକ୍‌ତିନ୍ଧି ମାନାଡ୍, ୱାନିଙ୍ଗ୍ ପୁଟ୍‌ନାଡ୍; ମାରି
ଆମାୱାନିନ୍ଧି ସିଲେଡ୍, ୱାନିବାନୁ ଆମାକା ମାନାଡ୍, ଆକାବା ମାପୁରୁ
ୱାନିମାଣ୍‌କୁ ଅନାନ୍ ।”

## ୱିତୁ ଗାଜା ଆଜି ପିର୍‌ନି କାତା

୨୬ ଜିସୁ ମାରିଡ଼େସି ଇର୍‌ଆନ୍, “ମାପୁରୁତି ରାଜି ଇୟାୱାଜା ।
ଅରେନ୍ ଲୋକ୍ତୁ ନିଜେଦି ବୁମିଦୁ ୱିତୁ ୱିଡ୍‌ନାନ୍;
୨୭ ୱାଣ୍ଡରୁ ନାଡ଼ା ସୁଜ୍‌ନାନ୍ ମାରି ୱେଡ଼େ ନିଂନାନ୍, ମାରି ଆୟା ୱିତୁ
ଏଣ୍ଡେସ୍ ଗାଜା ଆତାଦୋ ପିର୍‌ତାଡ୍, ଆକା ୱାନ୍ ନେସ୍‌ଏପ୍ ।
୨୮ ବୁମି ନିଜେ ପାଡ଼୍‌ତାପିସ୍‌କିନାଡ୍, ଆଗ୍‌ଡ଼ି ଆକୁ, ୱେନ୍‌କା
ସେରେନ୍, ତାନି ୱେନ୍‌କା ସେରେନ୍‌ତୁ ବର୍ତେ ପାଡ଼୍‌କୁ ।
୨୯ ଆବେଟ୍ ସେରେନ୍ ପାଣ୍ଡିତି ଦାପ୍ରେ ୱାନ୍ ଡେରେଙ୍ଗ୍ କୁଲିଙ୍ଗ୍
ଆତେ ଇଜି କଏର୍‌ଙ୍ଗୁଁ ଆସ୍‌ନା ସନାନ୍ ।

## ସାର୍‌ସୁ ପାଡ଼୍‌ଦି କାତା
(ମାତିଉ ୧୩:୩୧-୩୨; ଲୁକ ୧୩:୧୮-୧୯)

୩୦ “ଜିସୁ ମାରି ଇର୍‌ଆନ୍, ମାଡୁ ମାପୁରୁଦି ରାଜିଦିଙ୍ଗ୍
ଆମାତାନିୱାଲେ ତୁସ୍‌ନାଟ୍ ?” ବା ଇକା ଏମେ କାତା ୱେର୍‌ସି
ଆକା ବୁଝାକିନାଟ୍ ?
୩୧ ମାପୁରୁଦି ରାଜି ଆକା ଉଣ୍ଡି ସାର୍‌ସୁ ପାଡ଼୍‌ଦି ୱାଜା; ବୁମିଦୁ
ୱିଡ୍‌ତିୱାଲେ ଆକା ଦୁନିଆଦି ୱିତୁ ପାଡ଼୍‌କାଣ୍ ଇସ୍ରିକାଡ୍,
୩୨ ମାତର୍ ୱିଡ୍‌ତି ୱେନ୍‌କା ଆକା ପିର୍‌ଜି ନିଂଇନାଦ ୱିଜୁ କୁସେଙ୍ଗାଁ
ମାଣ୍‌କୁ ପେରିକାଡ୍ ଆନାଡ୍, ମାରି ତାନି କମେଙ୍ଗ୍ ଇୟାୱାଜା
ପେରିକେଙ୍ଗ୍ ଆନେ ଯେ, ବାଦଡ଼୍‌ତି ପଟିଙ୍ଗ୍ ମାରାତି ସିଡ଼୍‌ଡ଼ିଦୁ
ତେବାଦେଙ୍ଗ୍ ଆଟ୍‌ନେ ।

---

✡ **୪:୨୪** ମାତିଉ ୭:୨; ଲୁକ ୬:୩୮. ✡ **୪:୨୫** ମାତିଉ ୧୩:୧୨; ୨୫:୨୯; ଲୁକ ୧୯:୨୬.

୩୩ ଜିସୁ ଇୟାୱାଜା ନାଣ୍ଡ କାତାଦାନ୍ ଲୋକା ବୁଜାନି ଶକ୍ତି
ଇସାବ୍ତାନ୍ ୱାରିମାନୁ ବାକ୍ୟ ୱେର୍ସି ମାର୍ଆନ୍,
୩୪ ଜିସୁ କାତା ଇନ୍ଏଣ୍ଡା ଇନିକାବା ଲୋକାଙ୍ଗ୍ ଇନ୍ଏଜି ମାର୍ଆନ୍
। ମାତର୍ ଜିସୁ ଆଇ ଲୋକୁ ସିଲିୱାଲେ ୱାନି ସିସୁରିଙ୍ଗ୍ ୱିଜୁମାଟା
ବୁଝାକିଜି ମାର୍ଆନ୍ ।

## ଜିସୁ ଗାଲିପିରୁ ୱାନିତାନିଙ୍ଗ୍ ତେବାକିତାନ୍
## (ମାତିଉ ୮:୨୩-୨୭; ଲୁକ ୮:୨୨-୨୫)

୩୫ ଆୟା ନାଣ୍ଡିଙ୍ଗ୍ ମିଲିମିଲିକା ଜିସୁ ସିସୁରିଙ୍ଗ୍ ଇର୍ଆନ୍, "ରାଦୁ,
ସାମ୍ଦୁର୍ତୁ ଆୟା ପାଡ଼ି ସନାଟ୍ ।"
୩୬ ଆବେଟ୍ ୱାନି ସିସୁର୍ ଲୋକାଙ୍ଗ୍ ଡ଼ିସ୍ତାରୋ, ଜିସୁ ଆଗ୍ଡ଼ି ଆମା
ଡଙ୍ଗାଁଦୁ ବାସ୍ତା ମାର୍ଆନ୍ ଆବେ ୱାର୍ ଏକ୍ତାର୍ ମାରି ଜିସୁଙ୍ଗୁଁ ଅର୍ସେ
ଅତାର୍, ମାରି ଆବେ ଆଇ ଡଙ୍ଗ୍ଗେଙ୍ଗ୍ ବା ମାର୍ହେ ।
୩୭ ଆୟାୱେନ୍କା ସାମ୍ଦୁର୍ତୁ ଉଣ୍ଡି ଗାଲିପିରୁ ୱାତାତ୍, ମାରି
ଉଲ୍କା ଏର୍ ଆଟ୍ତେଆକା ଡଙ୍ଗାଁଦୁ ଏରୁ ପୁରୁନ୍ ଆଦେଙ୍ଗ୍
ଆରାମ୍ଆତେ ।
୩୮ ଜିସୁ ଜାହାଜ୍ଦି ଲୋଇ ଉନ୍ଡ୍ରି ବାକ୍ରାଦି ୱେନ୍କା ତରନ୍
ସର୍ଆନ୍ନୋ ତାଲା ଟାଟ୍ନି ପିଡା ତାଲାଆଡ଼ଗି ଇଟ୍ଟାନ୍ନୋ
ଶୁଜ୍ଜିମାର୍ଆନ୍; ସିସୁର୍ ଜିସୁଙ୍ଗୁଁ ନିକ୍ସି ଇର୍ହାର୍, "ଏ ଗୁରୁ, ମାପ୍
ସାତାପ୍, ନିନ୍ ଇନିକା ଅଡ଼୍ବିଇ ନୋ ?"
୩୯ ଆବେଟ୍ ଜିସୁ ନିଂଇତାନ୍ନୋ ଗାଲିଦିଙ୍ଗ୍ ଆଦ୍ରିସ୍ କିଜି
ଉଲକାଏର୍ତିଙ୍ଗ୍ ଇର୍ଆନ୍, "ତିର୍ ଆଆ" ତେବାଆ । ଆବେଟ୍ ଗାଲି
ଉଣାଆତାତ୍ ମାରି ୱିଜୁ ତିର୍ଆତାତ୍ ।
୪୦ ଆୟାୱେନ୍କା ଜିସୁ ସିସୁରିଙ୍ଗ୍ ଇର୍ଆନ୍, "ମିର୍ ଇନ୍ଦାନିଙ୍ଗ୍
ନିସା ତିଲାଜିନିଦେର୍ ? ଇକା ଇନିକା ! ଇୟାସାନ୍ଦି ମି ବିସ୍ବାସ୍
ସିଲେତ୍ ନୋ ?"
୪୧ ଆବେଟ୍କୁ ସିସୁର୍ ନାଣ୍ଡ ତିଲାତାରୋ ୱାରି ୱାରି ଲୋଇ
ୱାର୍ଗିଜି ସାତାର୍, "ଇୟା ଲୋକ୍ ଏନ୍ ଜେ, ଗାଲି ନି ଏରୁ ବା ୱାନି
ମାଟା ମାନାନେ ?"

# ୫

## ଜିସୁ ଅରେନ୍ ଦୁବାକାସ୍ତି ଲୋକ୍‌ତିଙ୍ଗ୍ ନେଗେଣ୍ତ କିତାନ୍
## (ମାତିଉ ୮:୨୮-୩୪; ଲୁକ ୮:୨୬-୩୯)

୧ ୱେନ୍‌କା ଜିସୁ ମାରି ୱାନି ସିସୁର୍ ଗାଲିଲି ସାମ୍‌ଦୁର୍ ଆୟାପାଡ଼ିଦି
ଗରାସିୟରି ସାନ୍ଧିଦୁ ସର୍‌ଆର୍ ।
୨ ଜିସୁ ଡଙ୍ଗାଁଦାନ୍ ରେଡି ଦାପ୍ରେ ଅରେନ୍ ଦୁବା ଆମ୍‌ା କାସ୍ତି ଲୋକୁ
ଦୁକି ଲୋଇରାନ୍ ସତାନ୍‌ନୋ ଜିସୁଙ୍ଗୁଁ ବେଟ୍‌ଆତାନ୍ ।
୩ ୱାଣ୍ତ୍ରୁ ଦୁକିଦୁ ତେବାଜି ମାର୍‌ଆନ୍, ୱାନିଙ୍ଗ୍ ଏନ୍‌ବା ସିକ୍‌ଣିଦାନ୍
ତର୍‌ତେଙ୍ଗ୍ ଆଁଟ୍‌ଏଜିମାର୍ହାର୍ ।
୪ ୱାନ୍ ଏସାଦେବେଙ୍ଗ୍ ମେଟିଙ୍ଗ୍ ନି ଶିକ୍‌ଣିଦାନ୍ ତର୍‌ରାଇ
ଆତାମାର୍‌ଆନ୍, ମାତର୍ ୱାନ୍ ସିକ୍‌ଣି ତେଉଜି ପକ୍‌ସି ମାର୍‌ଆନ୍ ମାରି
ମେଟିଙ୍ଗ୍ କଣ୍ତ କଣ୍ତ କିଜି ରୁକ୍‌ସି ମାର୍‌ଆନ୍ ମାରି ୱାନିଙ୍ଗ୍ ତର୍‌ସୋ
ଇଡ୍‌ଦେଙ୍ଗ୍ ଏ ବପୁବା ସିଲେତାଡ୍ ।
୫ ୱାଣ୍ତ୍ରୁ ୱେଡ଼େ ନାଡ଼ା ୱିଜୁ ୱାଲେ ଦୁକିଗୁଟା ମାରି ଗରନ୍‌କାଙ୍ଗ୍
ତେବାଜି ଆଉଲି ଆଜିମାର୍ହାନ୍, ମାରି କାଲ୍‌କାଣ୍ ନିଜେଦି
ମେନ୍ଧଲ୍‌ତିଙ୍ଗ୍ ଚିତ୍ରା କାବ୍ରା କିଜି କତାଜି ମାର୍‌ଆନ୍ ।
୬ ୱାନ୍ ଆକରାନ୍ ଜିସୁଙ୍ଗୁଁ ସୁଡ଼ତ୍ରାନ୍‌ନୋ ଉରୁକ୍‌ସି ୱାଜି ୱାନି ଆଗ୍‌ଡ଼ି
ଆର୍‌ତାନ୍,
୭ ମାରି ନାଣ୍ତ ଆଉଲି ଆଜି ଇର୍‌ଆନ୍, ଏ ୱିଜେରିଙ୍ଗ୍ ମୁସ୍‌କୁ ମାନି
ମାପୁରୁଦି ମାରିସି ଜିସୁ, ନି ୱାଲେ ନା ଇନିକା ମାନାଡ୍ ? ନିଙ୍ଗିଁ
ମାପୁରୁଦି ଦର୍‌ତାନ୍ ମାଡ଼ିସ୍ କିଜିନା, ନାଙ୍ଗିଁ କାସ୍ଟୁ ସିମା ।
୮ ଇରିଙ୍ଗ୍ ଜିସୁ ୱାନିଙ୍ଗ୍ ଇର୍‌ଆ ମାର୍‌ଆନ୍, "ଏରେ ଡାଗ୍‌ଇଆମ୍‌ା,
ଇୟା ଲୋକ୍‌ତିମାଣ୍‌କୁ ସହସ ସାଙ୍ଗ୍‌ଆ ।"
୯ ମାରି, ଜିସୁ ୱାନିଙ୍ଗ୍ ୱେନ୍‌ବାତାନ୍, ନି ଦର୍ ଇନିକା ? ୱାନ୍ ଜିସୁଙ୍ଗୁଁ
ଇର୍‌ଆନ୍, ନା ଦର୍ ବାହିନି, ଇରିଙ୍ଗ୍ ମାପୁ ନାଣ୍ତ ।
୧୦ ମାରି, ଜିସୁ ଏଣ୍ତେସ୍ ୱାନିକାଙ୍ଗ୍ ଆୟା ସାନ୍ଦିଦାନ୍ ଆଡ୍‌ରେ
ପୋକ୍‌ଏନ୍, ଆୟା ଉଣ୍ତିଙ୍ଗ୍ ଆୟା ଦୁବା ଆସ୍‌ତିକାନ୍ ୱାନିଙ୍ଗ୍ ନାଣ୍ତ
ମାଡ଼ିସ୍‌କିତାନ୍ ।
୧୧ ଆୟା ଲାକ୍‌ତୁରି ଗରନ୍ ଆଡ୍‌ଗି ଉଣ୍ତ୍ରି ପେରି ପାନ୍‌ଣ୍ତ୍ରିଙ୍ଗ୍ ମାନ୍ଦା
ସାରାଜିମାର୍‌ଏ ।

୧୨ ମାରି, ତାଗ୍‌ଇ ଆତ୍‌ମେଙ୍ଗ୍ ଜିସୁଙ୍ଗୁଁ ମାଡ଼ିସ୍ କିଜି ଇର୍‌ଏ, "ଆୟା ପାନ୍‌ଡ୍ରିଙ୍ଗ୍‌ଆ ଲୋଇ ଡ଼ଗ୍ଗୁଦେଙ୍ଗ୍ ଇଜି ମାଙ୍ଗ୍ ୱାନିକା ମାନୁ ପୋକ୍‌ଆ ।"

୧୩ ଜିସୁ ୱାନିକାଙ୍ଗ୍ ଆଦେସ୍ ସିତାନ୍ ଆକା, ତାଗ୍‌ଇ ଆତ୍‌ମେଙ୍ଗ୍ ସତେନୋ ପାନ୍‌ଡ୍ରିଙ୍ଗାଁ ଲୋଇ ଡ଼ଗ୍ଗିତେ; ଆୟା ପାନ୍‌ଡ୍ରି ମାନ୍ଧା ଉରୁକ୍‌ସି ସର୍‌ହେନୋ ଟିପୁଦାନ୍ ଉରୁକ୍‌ସି ସଲ୍‌ସି ସାମ୍‌ଦୁର୍‌ତୁ ଆର୍‌ଜି ମୁଡ଼ଗ୍ଗିତେ ସାତେ । ପାନ୍‌ଡ୍ରିଙ୍ଗ୍ ଇସାବ୍ ଦୁଇ ହଜାର୍ ମାର୍‌ହେ ।

୧୪ ପାନ୍‌ଡ୍ରିଆଙ୍ଗ୍ ସାଆରା କିନି ଲୋକୁ ଉରୁକ୍‌ସି ସର୍‌ଆର୍‌ରୋ ଗାଡ଼୍‌କାଙ୍ଗ୍ ନି ନାର୍‌କାଙ୍ଗ୍ ଆଁୟା ମାଟା ୱେର୍‌ତାର୍; ଆବେଟ୍ ଲୋକୁ ଇନିକା ଆତାମାନାଦ୍ ଇଜି ସୁଡ଼ଗ୍ଗା ୱାତାର୍ ।

୧୫ ମାରି, ଲୋକୁ ଜିସୁ ଲାକ୍‌ତୁ ୱାତାରୋ ଆୟା ଆମାୱାନିଙ୍ଗ୍ କି ବାହିନି ଦୁବା ଆସ୍‌ତା ମାର୍‌ଆତ୍, ୱାନିଙ୍ଗ୍ ନେଗି ୱାତି ପିଡ଼୍‌ଗ୍‌ଜୋ ନେଗି ମୋନ୍‌ତାନ୍ ବାସ୍‌ତି ମାର୍‌ଇକା ସୁଡ଼ଡ୍ଡାରୋ ତିଲାତାର୍ ।

୧୬ ଆମାକାର୍ ସୁଡ଼ଡ୍ଡା ମାର୍‌ଆର୍, ୱାର୍ ଆୟା ଦୁବାକାସ୍ତି ୱାନିଙ୍ଗ୍ ଇନିକା ଆତାମାର୍‌ଆତ୍, ଆକା ନି ପାନ୍‌ଡ୍ରିଙ୍ଗାଁ ବିସୟତାନ୍ ୱାରିମାନୁ ୱେର୍‌ତାର୍ ।

୧୭ ଆବେଟ୍ ୱାର୍ ୱାରି ରାଜିଦାନ୍ ଡ଼ିସ୍‌ସି ସନ୍‌ଡ୍ରେଙ୍ଗ୍ ଜିସୁଙ୍ଗୁଁ ମାଡ଼ିସ୍‌କିତାର୍ ।

୧୮ ୱେନ୍‌କା ଜିସୁ ଡଙ୍ଗାଁଦୁ ଏକ୍‌ନିୱାଲେ, ଆମାୱାନିଙ୍ଗ୍ ଆଗ୍‌ଡ଼ି ଦୁବା କାସ୍ତା ମାର୍‌ଆତ୍, ୱାନ୍ ଜିସୁୱାଲେ ସନ୍‌ଡ୍ରେଙ୍ଗ୍ ଇଜି ରିଜା ମୁଜା ଇର୍‌ଆନ୍ ।

୧୯ ମାତର୍ ଜିସୁ ୱାନିୱାଲେ ସନ୍‌ଡ୍ରେଙ୍ଗ୍ ସାରି ସିଏଣ୍ଡା ୱାନିଙ୍ଗ୍ ଇର୍‌ଆନ୍, "ମି ଇନ୍‌ତ୍ର, ମାରି ମି ନିଜେଦି ଲୋକାମାନୁ ସାଙ୍ଗ୍‌ଆ, ପ୍ରବୁ ନି ଉଣ୍ଡିଙ୍ଗ୍ ଆମା ଆମା କାର୍ମୁ କିତାମାନାନ୍ ମାରି ନି ଉଣ୍ଡିଙ୍ଗ୍ ଏମେ ଦୟା ତର୍‌ତା ମାନାନ୍, ଆୟାୱିଜୁ ୱିଜେରିଙ୍ଗ୍ ଇନ୍‌ଆଁ ।"

୨୦ ଆବେଟ୍ ୱାଣ୍ଡ୍ରୁସର୍‌ଆନ୍, ଜିସୁ ୱାନିଙ୍ଗ୍ ଆମା ଆମା ପାଣି କିତାମାର୍ହାନ୍, ଦଶ୍‌ଗୋଟା ଗାଡ଼୍‌କୁ ଦେକାପଲି ଇଜିମାନି ଦଶ୍‌ଗୋଟା ଗାଡ଼୍‌କାଙ୍ଗ୍ ରାଜିଦୁ ପ୍ରଚାର୍ କିଦେଙ୍ଗ୍ ଆସ୍‌ତାନ୍; ଆବେଟ୍ ୱିଜେରେ କାବାଆତାର୍ ।

## ଜିସୁ ଜାଇରସ୍‌ତି ସାତି ଆଇଲିଦିଙ୍ଗ୍ ନିକ୍‌ତାନ୍ ମାରି ଅରେଡ୍ ଆଇମାଦିଙ୍ଗ୍ ନେଗେଣ୍ଡ କିତାନ୍

(ମାତିଉ ୯:୧୮-୨୬; ଲୁକ ୮:୪୦-୫୬)

୨୧ ଜିସୁ ଡଙ୍ଗାଁଦୁ ନାତାନ୍‌ନୋ ମାରିଡ଼େସି ସାମ୍‌ଦୁର୍ ଆୟାପାଡ଼ି
ସର୍‌ଆନ୍ । ୱାନ୍ ସାମ୍‌ଦୁର୍ ପାଡ଼ିମାନିୱାଲେ ନାଣ୍ଡ ଲୋକୁ ୱାନି
ଲାକ୍‌ତୁ ଉଣ୍ଡାତାର୍; ମାରି ଜିସୁ ସାମ୍‌ଦୁର୍ ପାଡ଼ି ତେବାତାନ୍ ।
୨୨ ନାସ୍ତିୱାଲେ ପାର୍‌ତନା ଇଲୁଦି ପେରିକାନ୍ ଜାଇରସ୍ ଦର୍‌ତି
ଅରେନ୍ ଲୋକୁ ୱାଜି ଜିସୁଙ୍ଗୁଁ ସୁଡ଼ତୁାନ୍‌ନୋ ୱାନି ଆଗ୍‌ଡ଼ି ପାଡ଼୍‌ଗ୍‌ଜି
ମାଡ଼ିସ୍‌କିତାନ୍,
୨୩ ମାରି ଜିସୁଙ୍ଗୁଁ ନାଣ୍ଡ ମାଡ଼ିସ୍ କିଜି ଇର୍‌ଆନ୍, "ନା ଗାଡ଼ି
ସାତାମାନାତ୍; ନା ଗାଡ଼ି ଏଣ୍ଡେସ୍ ନେଗେନ୍ ଆନାତ୍‌ନୋ ଜିନାତ୍, ଆୟା
ଉଣ୍ଡିଙ୍ଗ୍ ନିନୁ ୱାଜ ତାନି ମୁସ୍‌କୁ ନି କିୟୁ ଇଡିଆ ।"
୨୪ ଆବେଟ୍ ଜିସୁ ୱାନିୱାଲେ ସର୍‌ଆନ୍, ମାରି ଲୋକୁ ୱିଜେରେ
ୱାନି ୱାଲେୱାଲେ ସନ୍‌ଡ୍ରେଙ୍ଗ୍ ଆସ୍‌ତାର୍, ୱାର୍ ୱାନି ମୁସ୍‌କୁ ମାଟ୍‌ସି
ସାଜି ମାର୍‌ଆର୍ ।
୨୫ ନାସ୍ତିୱାଲେ ବାର ବାର୍‌ସେକ୍ ସାନ୍ଦି ସୁତୁକ୍ ଆନି ରୋଗ୍ ଆସ୍‌ତି
ଆଇମା ମାରାଆତ୍,
୨୬ ଆମାକାତ୍ କି ନାଣ୍ଡ ଦୁକ୍ ବଗାଜି ଡାକ୍‌ତର୍‌କା ମାଣ୍‌କୁ ସେବା
କିଆଇଆଜି ତାନେ ୱିଜୁ ଡାବୁଙ୍ଗୁଁ ୱିସ୍‌ତା ମାର୍‌ଆତ୍, ମାତର୍
ଏମେକାବା ନେଗେଣ୍ଡ ଆଏଣ୍ଡା ନାଣ୍ଡନେ ରୋଗ୍ ଆଜିମାର୍ହାତ୍,
୨୭ ୱାଦୁ ଜିସୁ ବିସୟତାନ୍ ୱେର୍‌ଆଦୋ ନାଣ୍ଡ ଲୋକୁ ଲୋଇରାନ୍
ୱେନ୍‌କା ସାରି ୱାତାଦୋ ୱାନି ୱାତି ଜାଲିଦିଙ୍ଗ୍ ମୁଟ୍‌ତାତ୍, ଇରିଙ୍ଗ୍
ୱାଦ୍ ଇଜିମାର୍‌ଆତ୍,
୨୮ "ନାନୁ ଜିସୁ ୱାତି ମୁଟ୍‌ତିଙ୍ଗ୍ ନେଗେନ୍ ଆନା ।"
୨୯ ଆୟା ଆଇମା ୱାନି ୱାତି ମୁଟ୍‌ତି ଦାପ୍ରେ ତାନି ସୁତୁକ୍ ଆନି
ରୋଗ୍ ଡ଼ିସ୍‌ତାତ୍, ମାରି ଆୟା ଆଇମା ନାନ୍ ନେଗେନ୍ ଆତା ଇଜି,
ମେନ୍ଦଲ୍‌ତୁ ନେସ୍‌ତେଙ୍ଗ୍ ଆଟ୍‌ତାତ୍ ।
୩୦ ଆୟାୱେନ୍‌କା ଜିସୁ ୱାନି ଲୋଇରାନ୍ ସାକ୍ତି ସହସି ସନିକା
ନେସ୍‌ତାନ୍‌ନୋ ଲୋକୁ ଗହଲି ତରିଣ୍ଡ ମାର୍‌ତାନ୍‌ନୋ ୱେନ୍‌ବାତାନ୍,
ଏନ୍ ନା ୱାତି ମୁଟ୍‌ତାନ୍ ?

୩୧ ୱାନି ସିସୁର୍ ଇର୍ହାର୍, “ନିନ୍‌ତୋ ସୁଡ୍‌ଜିନି, ଲୋକ୍‌ଡର୍ ନି
ସାରିବେଡ୍‌ଡି ମାଟ୍‌ସି ସାଜିନାର୍, ମାରି ନିନ୍ ଇଜିନି, ଏନ୍ ନାଂଇ
ମୁଟ୍‌ତାନ୍ ?”
୩୨ ମାତର୍ ଏନ୍ ନାଂଇ ମୁଟ୍‌ତାନ୍, ନେସ୍‌ତେଙ୍ଗ୍ ଉଣ୍ଡିଙ୍ଗ୍ ୱାନ୍
ସାରିବେଡ୍‌ଡି ସୁଡ଼ୁଦେଙ୍ଗ୍‌ଆସ୍‌ତାନ୍ ।
୩୩ ୱିଜୁ ତାନେଙ୍ଗ୍ ଇନିକା ଆତାଡ୍‌ଆକା ନେସ୍‌ତାଦୋ ଆୟା
ଆଇମା ଡିଲାଜି ତିରଗ୍‌ଜି ତିର୍‌ଗ୍‌ଜି ୱାତାଦୋ ଜିସୁ କାଲ୍‌କା ଆଡ୍‌ଗି
ମେଣ୍ଡେଙ୍ଗ୍ ଗଟ୍‌କିଜି ୱିଜୁ ସତ୍ ମାଟା ୱେର୍‌ତାଡ୍ ।
୩୪ ଜିସୁ ତାନିଙ୍ଗ୍ ଇର୍‌ଆନ୍, ଗାଡ଼ି, ନି ବିସ୍‌ବାସ୍ ନିଙ୍ଗ ି ନେଗେନ୍
କିତାମାନାଡ୍; ସାନ୍ତିଦାନ୍ ସାଙ୍ଗ୍‌ଆ ମାରି ନି ରୋଗ୍‌ତାନ୍ ନେଗେନ୍ ଆଜ
ମାନ୍‌ଆ ।
୩୫ ଜିସୁ ଇୟା ମାଟା ଇନିୱାଲେ, ପାର୍‌ତନା ଇଲ୍‌ଡୁ ଅଦିକାର୍ ମାନି
ଜାଇରସ୍‌ତି ଇନ୍‌ଡ୍ରଣାନ୍ ଏସୋଲୋକ୍ ୱାତା ରୋ ୱାନିଙ୍ଗ୍ ଇର୍ହାର୍, “ନି
ଗାଡ଼ି ସାତାସରାଡ୍‌ଲେ, ଗୁରୁଙ୍ଗ୍ ଏନ୍ଧା ମାରି କାସ୍ଟ ସିଜିନିଦେର୍ ?”
୩୬ ଜିସୁ ଆୟାମାଟା ୱେର୍‌ଆନ୍‌ନୋ ୱେନ୍‌ଇ ୱାଜା ଆତାନ୍‌ନୋ
ପାର୍‌ତନା ଇଲୁଡୁ ଅଦିକାର୍ ମାନି ଯାଇରସତିଙ୍ଗ୍ ଇର୍‌ଆନ୍, “ଡିଲାମା,
ବିସ୍‌ବାସ୍ କିଆ ।”
୩୭ ତାନେ ୱେନ୍‌କା ଜିସୁ ଯାଇରସତି ଇଲ୍‌ଡୁ ସନ୍‌ଡ୍ରେଙ୍ଗ୍ ଇଜି
ଯାକୁବ, ୱାନି ତଡ଼ାନ୍ ଯୋହନ ମାରି ପିତର୍‌ତିଙ୍ଗ୍ ଡ଼ିସ୍‌ତିଙ୍ଗ୍ ମାରି
ଏଙ୍ଗ୍‌ବା ୱାନିୱାଲେ ଇଲୁ ଲୋଇ ଅଏତାନ୍ ।
୩୮ ୱାର୍ ଯାଇରସ୍‌ତି ଇଲ୍‌ଡୁ ୱାତାର୍ ରୋ, ୱାନ୍ ଆଉଲି
ଆନିକା ମାରି ଲୋକୁ ନାଣ୍ଡ ବର୍‌କୁକ୍‌ସି ଆଡ଼୍‌ବାନିକା ମାରି ଦୁଃକ୍‌ତାନ୍
ଆଡ଼୍‌ବାନିକା ସୁଡ଼ଡ଼ୁାନ୍,
୩୯ ଜିସୁ ଇଲୁ ଲୋଇ ସର୍‌ଆନ୍ ନୋ ଲୋକାଙ୍ଗ୍ ଇର୍‌ଆନ୍, “ଏନ୍ଧା
ଆଉଲି ମାରି ଆଡ଼୍‌ବାଜିନିଦେର୍ ? ଗାଡ଼ି ସାଏଡ୍, ମାତର୍ ୱାଦୁ
ସୁସ୍‌ତାମାନାଡ୍ । ଆବେଟ୍ ୱାର୍ ୱିଜେରେ ଜିସୁଙ୍ଗୁ ସେମାର୍ କିତାର୍
।”
୪୦ ଜିସୁ ୱିଜୁ ଲୋକାଙ୍ଗ୍ ଆଡ୍‌ରେ ପୋକ୍‌ତାନ୍ ନୋ ଆଇଲିଦି
ବୁବାସି ନି ଆଇସିଙ୍ଗ୍ ମାରି ୱାନି ମୁଏର୍ ଶିଶୁର୍‌ରିଙ୍ଗ୍ ୱାନିୱାଲେ
ଆସ୍‌ତାନ୍‌ନୋ ଆଇଲି ଆମା ବାଡିଦୁ ଡରିତା ମାର୍‌ଆଡ୍, ଆବେ
ସର୍‌ଆର୍‌ରୋ ଡ଼ଗ୍ଗିତାର୍ ।

୪୧ ଜିସୁ ଆଇଲିଦି କିୟୁ ଆସ୍‌ସି ଇର୍‌ଆନ୍, “ଟାଲିଥାକୁମ୍,” ଇରିଙ୍ଗ୍
“ଏ ଆଇଲି, ନାନ୍ ନିଂଇ ଇଜିନା ନିଙ୍ଗିଁଆ ।”
୪୨ ଆୟାଦାପ୍ରେ ଆଇଲି ନିଂଇତାଦୋ ବୁଲାଦେଙ୍ଗ୍ ଆସ୍‌ତାଡ୍;
ନାସ୍ତିୱାଲେ ଆଇଲିଦିଙ୍ଗ୍ ବାର ବାର୍ସେକ୍ ଆତାମାର୍‌ଆଡ୍ । ଆବେଟ୍
ଇୟା ମାଟା ୱେର୍‌ଆର୍ ୱିଜେରେ ନାଣ୍ଡ କାବାତାସର୍‌ଆର୍ ।
୪୩ ମାରି, ଇୟା ମାଟା ଏଣ୍ଡେସ୍ ଏନ୍‌ବା ନେସ୍‌ଏର୍, ଆୟା ଉଣ୍ଡିଙ୍ଗ୍
ଜିସୁ ୱାରିଙ୍ଗ୍ ଆଟ୍‌ୱାଦାନ୍ ମାଟା ୱେର୍‌ତାନ୍, ମାରି ଆଇଲିଦିଙ୍ଗ୍
ଇନ୍‌କାବା ଉଟ୍‌ପିସ୍‌କିଦେଙ୍ଗ୍ ଇଜି ୱାରିଙ୍ଗ୍ ଇର୍‌ଆନ୍ ।

# ୬

## ନାଜରିଡ୍‌ତି ଲୋକୁ ଜିସୁଙ୍ଗୁଁ ମାନ୍‌ଏତାର୍
(ମାତିଉ ୧୩:୫୩-୫୮; ଲୁକ ୪:୧୬-୩୦)

୧ ଜିସୁ ଆୟାବାଡି ଡ଼ିସ୍‌ସି ସିସୁରିୱାଲେ ନିଜେ ଏମେ ବାଡ଼ିଦୁ ପିରିତା
ମାର୍‌ଆନ୍ ଆୟା ବାଡ଼ିଦୁ ୱାତାର୍ ମାରି ୱାନି ଶିଶୁର୍ ୱାନି ୱାଲେ
ୱାଲେ ସର୍‌ଆର୍ ।
୨ ରମ୍‌ନିଦିନ୍ ଇଗା ୱାତାଡ୍ ଆକା, ଜିସୁ ପାର୍‌ତନା କିନି ଇଲୁଦୁ
ସର୍‌ଆନ୍‌ନୋ ଶିକ୍ଷା ସିଦେଙ୍ଗ୍ ଆସ୍‌ତାନ୍; ମାରି, ଆବେ ମାର୍‌ହି
ୱିଜେରେ ୱାନି ମାଟା ୱେର୍‌ଆର୍‌ରୋ କାବାଆଜି ଇର୍ହାର୍, “ଇୟା
ଲୋକୁ ଇୟାୱିଜୁ ଶିକ୍ଷା ଆମାଣ୍‌କୁ ପଇତାନ୍ ? ଇୟା ୱାନିଙ୍ଗ୍
ଆମାଣ୍‌କୁ ବୁଦି ପୁଟ୍‌ତାମାନାଡ୍ ? ମାରି ଏମେ ସାକ୍ତିଦି ପାଣି ୱେନି
କିୟୁଦାନ୍ ଆଜିନାଡ୍, ଇୟାୱିଜୁ ଇନିକା ?
୩ ଇକାନ୍ ଆଜିନାନ୍ ଆୟା ବଢ଼େଇ ଆଏନ୍ । ୱେନି ଆଇସି ଦର୍
ମରିୟମ୍, ଯାକୁବ, ଯୋସି, ଯିହୁଦା ମାରି ସିମୋନ୍ ୱେନି ତଡ଼ାନ୍‌କୁ ।
ୱେନି ତାଙ୍ଗିଁକ୍ ମା ୱାଲେ ମାନେ ।” ଇୟାୱାଜା ଇଜି ୱାର୍ ଜିସୁଙ୍ଗୁଁ
ମାନାଏତାର୍ ।
୪ ✡ଜିସୁ ୱାରିଙ୍ଗ୍ ଇର୍ହାନ୍, “ବାବବାଦିର୍ ନିଜେଦି ରାଜିଦୁ, ନିଜେଦି
ଇଲ୍‌ତୁ ମାରି ନିଜେଦି ଲୋକାଙ୍ଗ୍ ଡ଼ିସ୍‌ତିଙ୍ଗ୍ ଆଇ ଲୋକାମାନୁ ସମ୍ମାନ୍
ପଇନାର୍ ।”

✡ **୬:୪** ଜୋହନ ୪:୪୪.

୫ ଆୟା ବାଡିଦୁ ଜିସୁ ଏସୋ ରୋଗିଲୋକାଙ୍ଗ୍ ମୁସ୍କୁ କିୟୁ ଇଡ୍‌ଜି
ନେଗେଣ୍ଣ କିନିକା ଡ଼ିସ୍‌ତିଙ୍ଗ୍ ମାରି ଇନି ନାଣ୍ଡ କାବାଦି ପାଣି କିଦେଙ୍ଗ୍
ଆଟ୍‌ଏତାନ୍ ।
୬ ମାରି, ଜିସୁ ୱାରି ଅବିସ୍‌ବାସ୍ ସୁଡ଼୍‌ଜି କାବାଆତା ସରଆନ୍ ।

## ଜିସୁ ବାର ଲୋକାଙ୍ଗ୍ ପୋକତାନ୍
## *(ମାତିଉ ୧୦:୫-୧୫; ଲୁକ ୯:୧-୬)*

୭ ୱେନ୍‌କା ଜିସୁ ସାରିବେଡ଼୍‌ତି ନାର୍‌କାଙ୍ଗ୍ ଁ ନାର୍‌କାଙ୍ଗ୍ ଁ ବୁଲାଜି
ଶିକ୍ଷା ସିଦେଙ୍ଗ୍ ଆସ୍‌ତାନ୍ । ଆୟାୱାଲେ ଜିସୁ ବାରଲୋକ୍ ସିସୁରିଙ୍ଗ୍
ଲାକ୍‌ତୁ କୁକ୍‌ତାନ୍‌ନୋ ୱାରିଙ୍ଗ୍ ରିଏର୍ ରିଏର୍ କିଜି ପୋକ୍‌ତେଙ୍ଗ୍
ଆସ୍‌ତାନ୍ ମାରି ୱାରିଙ୍ଗ୍ ଡାଗ୍‌ଇ ଆଡ଼୍‌ମେଙ୍ଗ୍‌ଆଙ୍ଗ୍ ପେର୍‌ଦେଙ୍ଗ୍
ଅଦିକାର୍ ସିତାନ୍,
୮ ମିର୍ ସନିୱାଲେ ଉଣ୍ଡି ବାଡିଗା ଡ଼ିସ୍‌ତିଙ୍ଗ୍ ରୁଟି, ବା ମଣି ବା
ଡାବୁଙ୍ଗୁଁ ଇଡ୍‌ନି ମଣି ଅମାଟ୍ ଇଜି ଆଦେସ୍ ସିତାନ୍ ।
୯ ୱାରିଙ୍ଗ୍ ଜୁତେଙ୍ଗ୍ ବା ଯୋଡ଼୍‌କୁ ଆରାଦେଙ୍ଗ୍ ଇର୍‌ଆନ୍, ମାତର୍
ଆରାତିମାନି ଆଙ୍ଗି ଡ଼ିସ୍‌ତିଙ୍ଗ୍ ଆଇକା ଅମାଟ୍ ।
୧୦ ମାରି, ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ଆମା ଇନ୍‌ଡ୍ରଣି ଲୋକୁ ମିଙ୍ଗି
ମାନାନାର୍, ଆୟା ବାଡି ଡ଼ିସ୍‌ନି ସନି ସାନ୍ଦି ଆବେ ତେବାଦୁ ।
୧୧ ☆☆ଜଦି ମିର୍ ଏମେ ନାର୍‌ତୁ ସନିଦେର୍ ଆୟା ବାଡ଼ିଦି ଲୋକୁ
ମିଙ୍ଗି ମାନାଏର୍, ବା ମି ମାଟା ୱେନ୍‌ଏର୍, ଆୟା ବାଡି ଡ଼ିସ୍‌ନିୱାଲେ
ୱାରିମାନୁ ସାକି ସିଦେଙ୍ଗ୍ ମି ପାଦାମ୍‌କାଣି ଦୁଡ଼ି ସାଡ଼୍‌ତୁ ।"
୧୨ ଇୟା ୱେନ୍‌କା ସିସୁର୍ ନାର୍‌କାଙ୍ଗ୍ ଁ ସଲ୍‌ସି ପାପ୍‌ସାରି ଡ଼ିସ୍‌ସି
ମନତିଙ୍ଗ୍ ଡ଼େପ୍‌ସି ରାଦୁ ଇଜି, ଆକା ଲୋକାମାନୁ ପ୍ରଚାର୍‌କିତାର୍ ।
୧୩ ☆ୱାର୍ ନାଣ୍ଡ ଦୁବା କାସ୍ତି ଲୋକାଙ୍ଗ୍ ଦୁବେଙ୍ଗ୍ ଡ଼ିସିସ୍ କିତାର୍ ମାରି
ନାଣ୍ଡ ରୋଗ୍ ଲୋକାଙ୍ଗ୍ ନିୟୁ ଉସ୍‌ସି ନେଗେଣ୍ଣକିତାର୍ ।

## ଡୁବନ୍‌ସିନି ଯୋହନତି ସାନିକା
## *(ମାତିଉ ୧୪:୧-୧୨; ଲୁକ ୯:୭-୯)*

---

☆ **୬:୧୧** ପ୍ରେରିତ ୧୩:୫୧. ☆ **୬:୧୧** ଲୁକ ୧୦:୪-୧୧. ☆ **୬:୧୩** ଜାକୁବ ୫:୧୪.

୧୪ ✡ଜିସୁ ଦର୍ ୱିଜୁ ତରିନ୍ ୱେଙ୍ଗିଁ ତାତ୍ଆକା ୱାନି ବିସୟତାନ୍
ହେରୋଦ ରାଜା ୱେର୍ଆନ୍, ମାରି ଲୋକୁ ଇଜିମାର୍ଆର୍,
"ଡୁବନ୍ସିନି ଯୋହନ ସାତିଲୋକାମାଣାନ୍କୁ ନିଙ୍ଗିଁ ତାମାନାନ୍,
ଆୟା ଉଣ୍ଡିଙ୍ ଇୟାୱିଜୁ ସାକ୍ତି ୱେନିମାନୁ ପାଣିକିଜିନାତ୍ ।"
୧୫ ମାତର୍ ଆଇ ଲୋକ୍ଡର୍ ଇଜିମାର୍ଆର୍, "ୱାଣ୍ତୁରୁ ଏଲିୟ୍,"
ମାରି ଏସୋ ଲୋକୁ ଇଜିମାର୍ଆର୍, "ପୁର୍ବେଦି ବାବବାଦିରି ୱାଜା
ୱାଣ୍ତୁରୁ ବା ଅରେନ୍ ବାବବାଦି ।"
୧୬ ମାତର୍ ହେରୋଦ ଇକା ୱେର୍ଆ ଇର୍ଆନ୍, "ନାନ୍ ଆମା
ଯୋହନତି ତାଲା କଇତା ମାର୍ହା, ଆୟା ଯୋହନ ମାରିଡ଼େସି
ନିଙ୍ଗିଁ ତାମାନାନ୍ ।"
୧୭ ✡ହେରୋଦ, ଯୋହନତିଙ୍ ତର୍ସି ଜଇଲ୍ତୁ ଇଡ୍ଦେଙ୍
ଆଦେସ୍ ସିତାମାର୍ଆନ୍, ଇରିଙ୍ ହେରୋଦ ୱାନି ତଡ଼ାନ୍ ପିଲିପ୍ତି
ଆଡ଼୍ସି ହେରୋଦିଆଦିଙ୍ ପେଡ଼ି ଆତା ମାର୍ଆନ୍ ଆକା ଇକା କିତାନ୍
।
୧୮ ଇରିଙ୍ ଯୋହନ ହେରୋଦତିଙ୍ ଇଜିମାର୍ଆନ୍, "ନିଜେଦି
ତଡ଼ାନ୍ତି ଆଡ଼ିଦିଙ୍ ଇଡ୍ନିକା ନିୟମ୍ ସିଲେତ୍ ।"
୧୯ ଇୟାଉଣ୍ଡିଙ୍ ହେରୋଦିଆ ଯୋହନତିଙ୍ ଶାତ୍ରୁୱାଜା ସୁଡ଼ଜି
ରିସା ଆତାଦୋ ସାୟାମାର୍ଗା ଡାକ୍ତେଙ୍ ବଦା କିଜିମାର୍ଆତ୍,
ମାତର୍ ଆଟ୍ଏଜି ମାର୍ଆତ୍;
୨୦ ଇରିଙ୍ ହେରୋଦ ଯୋହନତିଙ୍ ଅରେନ୍ ଦାର୍ମୁ ମାରି ପବିତ୍ର
ଲୋକ୍ ଇଜି ନେସ୍ସି ତିଲାଜି ମାର୍ଆନ୍, ମାରି ଯୋହନତିଙ୍ ରକ୍ଷା
କିଦେଙ୍ ବଦାକିଜି ମାର୍ଆର୍, ମାରି ହେରୋଦ ଯୋହନତି ମାଟା
ୱେନ୍ଜି ନାଣ୍ତ ତରବର ଆଜିମାର୍ହାନ୍ ଆତିଙ୍ବା ୱେଡ଼ିକାଦାନ୍ ଆୟା
ମାଟା ୱେନ୍ଜି ମାର୍ଆନ୍ ।
୨୧ ସାରାସାରି ଏସ ଦିନ୍ ୱେନ୍କା ହେରୋଦିଆଦିଙ୍ ଉଣ୍ତି ସାରି
ତରିତାତ୍ । ହେରୋଦ ୱାନି ଜନମ୍ ଦିନ୍ତୁ ୱିଜୁ ପେରି ପେରି
ଲୋକାଙ୍, ସେନାପତିରିଙ୍ ମାରି ଗାଲିଲିଦି ୱିଜୁ ପେରି ଲୋକାଙ୍
ଉଣ୍ଡେଙ୍ ନାଡ଼ା ସମୟତୁ ଉଣ୍ତି ବୋଜି ତିଆର୍ କିତାନ୍;

✡ **୬:୧୪** ମାତିଉ ୧୬:୧୪; ମାର୍କ ୮:୨୮; ଲୁକ ୯:୧୯. ✡ **୬:୧୭** ଲୁକ ୩:୧୯,୨୦.

୨୨ ମାରି, ହେରୋଦିଆଦି ଗାଡ଼୍‌ସି ଲୋଇ ୱାତାତ୍‌ଦ ଗାଡ଼୍‌ସି
ହେରୋଦ ମାରି ବୋଜିଦୁ ବାସ୍‌ତି ମାର୍‌ହି କୁଡ଼ାଆଙ୍ଗ୍ ମୋନ୍‌ତିଙ୍ଗ୍
ୱେଡ଼ିକା କିବିସ୍‌କିତାଡ୍ । ଆବେଟ୍ ହେରୋଦ ରାଜା ଗାଡ଼୍‌ସିଙ୍ଗ୍
ୱେନ୍‌ବାତାନ୍, “ନିନ୍ ଇନିକା ବଦାକିଜିନି, ଲସ୍‌ଆ, ନାନ୍ ଆକା ନିଂଇ
ସିନା ।”
୨୩ “ନାନ୍ ପାର୍‌ମାଣ୍ କିଜି ଇଜିନା, ନିନ୍ ଆମାକା ଲସ୍‌ନି, ଆକା
ରାଜିଦି ଆଧା ବାଗ୍ ବା ସିନା ।”

୨୪ ଆବେଟ୍ ଗାଡ଼୍‌ସି ଆଡ୍‌ରେ ସର୍ହାଦୋ ତାନି ଆଇସିଙ୍ଗ୍
ୱେନ୍‌ବାତାଡ୍, ନାନୁ ଇନିକା ଲସ୍‌ନା ? ତାମେ ଆଇସି ଦାପେ
ଦାପେ, ତାନେଙ୍ଗ୍ ଇର୍ହାଡ୍, “ନିନୁ ଡୁବନ୍ ସିନି ଯୋହନତି ତାଲା
ଲସ୍‌ଆ ।”

୨୫ ଆୟାଦାପ୍ରେ ଗାଡ଼୍‌ସି ରାଜାମାନୁ ଉରୁକ୍‌ସି ୱାଜି ଇର୍ହାଡ୍, “ନା
ବଦା ଯେ, ନିନ୍ ଡୁବନ୍‌ସିନି ଯୋହନତି ତାଲା ଇୟାଦାପ୍ରେ ନାଂଇ
ଉଣ୍ଡି୍ ସାଡ଼୍‌ୱାଦୁ ସିଦା ।”

୨୬ ଇକା ମାଟା ୱେନ୍‌ଜି ହେରୋଦ ରାଜା ନାଣ୍ଡ ଦୁଃଖ କିତାନ୍
ମାତର୍ କୁଡ଼ାଆଙ୍ଗାଁ ଆଗ୍‌ଡ଼ି ପାର୍‌ମାଣ୍ କିତାମାର୍ହାନ୍‌ଆକା ସିଲେ
ଇନ୍‌ଡ୍ରେଙ୍ଗ୍ ଆଟ୍‌ଏତାନ୍ ।
୨୭ ଆବେଟ୍ ରାଜା ଦାପ୍ରେ ଅରେନ୍ ସନ୍ୟଙ୍ଗ୍ ପୋକ୍‌ତାନ୍ ନୋ
ଯୋହନତି ତାଲା ତାତେଙ୍ଗ୍ ଆଦେସ୍ ସିତାନ୍ । ୱାଣ୍ଡି୍ ସୁର୍‌ଆନ୍ ନୋ
ଜଇଲି ଲୋଇ ଯୋହନତି ତାଲା କଇତାନ୍,
୨୮ ଯୋହନତି ତାଲା ଉଣ୍ଡି୍ ସାଡ଼୍‌ୱାଦୁ ତାତାନ୍ ନୋ ଆଇଲିଦିଙ୍ଗ୍
ସିତାନ୍, ଆୟାକା ଆଇଲି ଆସ୍‌ତାଦୋ ତାମେ ଆଇସିଙ୍ଗ୍ ସିତାଡ୍ ।
୨୯ ଯୋହନତି ସିସୁର୍ ଆୟା କାବୁର୍ ୱେର୍‌ଆର୍‌ରୋ ୱାତାର୍ ମାରି
ୱାନି ସାତି ମାଡ଼ା ଆସ୍‌ତା ଅତାରୋ ଦୁକି ଗୁଟାଦୁ ମୁସ୍‌ତାର୍ ।

## ଜିସୁ ପାସ୍ ହାଜାର୍ ଲୋକାଙ୍ଗ୍ ଉଠ୍‌ପିସ୍ କିତାନ୍
## (ମାତିଉ ୧୪:୧୩-୨୧; ଲୁକ ୯:୧୦-୧୭; ଜୋହନ ୬:୧-୧୪)

୩୦ ୱେନ୍‌କା ସିସୁର୍ ଜିସୁ ଲାକ୍‌ତୁ ଉଣ୍ଡାତାର୍, ୱାରୁ ଏମେ ଏମେକା
କିତାମାର୍‌ଆର୍ ମାରି ଏମେ ଏମେକା ଶିକ୍ଷା ସିତାମାର୍‌ଆର୍, ଆୟାୱିଜୁ
ୱାନିଙ୍ଗ୍ ୱେର୍‌ତାର୍ ।

୩୧ ଆବେଟ୍ ୱାନ୍ ୱାନି ସିସୁରିଙ୍ଗ୍ ଇର୍ଆନ୍, "ସାଦୁ ମାତ୍ତୁ ଏର୍ନାଡ
ଉଣ୍ଡି୍ର ସିମ୍ରା ବାଡିଦୁ ସନାଟ୍ । ଆବେ ଏସୋ ସମୟ ରୋମ୍ନାଟ୍ ।"
ଇରିଙ୍ଗ୍ ନାଣ୍ଡ ଲୋକୁ ୱିଜେରେ ସନିକା ୱାନିକା ଆଜିମାର୍ହାର୍ ଆକା
ୱାରିଙ୍ଗ୍ ଉଣ୍ଡେଙ୍ଗ୍ ବା ସମୟ ସିଲେତାତ୍ ।
୩୨ ଆୟାୱେନ୍କା ଜିସୁ ମାରି ୱାନି ଶିଶୁର୍ ଡଙ୍ଗାଁଦୁ ଏକ୍ତାର୍ନୋ
ଉଣ୍ଡି୍ର ସିମ୍ରା ବାଡିଦୁ ସନ୍ତେଙ୍ଗ୍ ସତାର୍ ।
୩୩ ମାତର୍ ୱାର୍ ସନିୱାଲେ ଏସୋ ଲୋକୁ ୱାରିଙ୍ଗ୍ ସୁଡ଼୍ଜି
ମାରି ସିନିସ୍ କିତାର୍, ମାରି ଲୋକୁ ୱିଜେରେ ୱିଜୁ ଗାଡ୍କାଣାକୁ
ପାଦାମ୍କାଣ୍କୁ ଆବେ ଅର୍ସେ ଉରୁକ୍ସି ସରଆର୍ ରୋ ୱାରି ଆଗିଡ଼ି
ଇଗା ସରଆର୍ ।
୩୪ ✡ଜିସୁ ଡଙ୍ଗାଁଦାନ୍ ସତାନ୍ନୋ ନାଣ୍ଡ ଲୋକାଙ୍ଗ୍ ସୁଡ଼୍ଜି ୱାରି
ଉଣ୍ଡିଙ୍ଗ୍ ଦୁଃକ୍ କିତାନ୍, ଇରିଙ୍ଗ୍ ୱାର୍ ଗାଉଡ଼୍ ସିଲି ମେଣ୍ଡେଙ୍ଗାଁ ମାନ୍ଦା
ୱାଜା ୱାର୍ ସାକାସିଲିକା ନି ସିନ୍ତା ଆଜିମାର୍ହାର୍; ମାରି, ୱାଣ୍ଡ୍ର ୱାରିଙ୍ଗ୍
ନାଣ୍ଡ ସିକିୟା ସିଦେଙ୍ଗ୍ ଆସ୍ତାନ୍ ।
୩୫ ନାଣ୍ଡ ୱେଡ଼ା ଆତାତ୍ଆକା ୱାନି ସିସୁର୍ ୱାନି ଲାକ୍ତୁ ୱାତା
ଇର୍ହାର୍, "ଇୟାବାଡିତୋ ସିମ୍ରା, ମାରି ନାଣ୍ଡ ୱେଡ଼ା ଆତାତ୍ନି;
୩୬ ଲୋକୁ ଏଣ୍ଡେସ୍କି ସାରିବେଡ଼୍ତି ନାର୍କାଙ୍ଗ୍ ଁ ସନାର୍ ନିଜେ
ନିଜେଦି ଉଣ୍ଡିଙ୍ଗ୍ ଏସୋ ଉଣି ଖାଦି କଣାର୍, ଆୟାଉଣ୍ଡିଙ୍ଗ୍ ୱାରିଙ୍ଗ୍
ପୋକ୍ଆ ।"
୩୭ ମାତର୍ ଜିସୁ ୱାରିଙ୍ଗ୍ ଇର୍ହାନ୍, "ମିର୍ ୱାରିଙ୍ଗ୍ ଉଣ୍ଡେଙ୍ଗ୍ ସିଦୁ,"
ସିସୁର୍ ୱାନିଙ୍ଗ୍ ଇର୍ହାର୍, "ମାପ୍ ଇନିକା ଆଟ୍ଗୋଟା ଲେଜ୍ତି କୁଲି
ଡାବୁଦାନ୍ ରୁଟି କଣାପ୍ ୱେରିଙ୍ଗ୍ ସିନାପ୍ ?"
୩୮ ଜିସୁ ୱାରିଙ୍ଗ୍ ଇର୍ଆନ୍, "ମି ଲାକ୍ତୁ ଏସୋ ଗୋଟା ରୁଟିଙ୍ଗ୍
ମାନେ ? ସଲ୍ସ ସୁଡ଼୍ଦୁ ।" ସିସୁର୍ ସର୍ଆ ୱେର୍ଆ ୱାତା ରୋ ୱାନିଙ୍ଗ୍
ଇର୍ହାର୍, "ପାସ୍ଗୋଟା ରୁଟିଙ୍ଗ୍ ମାରି ରୁଣ୍ଡି ମିନ୍କୁ ମାନେ ।"
୩୯ ୱିଜେରେ ଏଣ୍ଡେସ୍କି ଧାଡ଼ି ଧାଡ଼ି ଆଜି କଡ଼୍କି ଲାଟା ମାନି ବାଡିଦୁ
ବାସ୍ନାର୍, ଆୟା ଉଣ୍ଡିଙ୍ଗ୍ ଜିସୁ ବାସିସ୍ କିଦେଙ୍ଗ୍ ୱାରିଙ୍ଗ୍ ଆଦେସ୍
ସିତାନ୍ ।

✡ **୬:୩୪** ମାଡିଉ ୯:୩୬.

୪୦ ଆବେଟ୍ ୱିଜେରେ ଶହେ ଶହେ ଲୋକୁ ମାରି ପଚାସ୍ ପଚାସ୍
ଲୋକୁ ଧାଡ଼ି ଆଜି ବାସ୍ତାର୍ ।
୪୧ ଆୟାୱେନ୍କା ଜିସୁ ଆୟା ପାସ୍ଗୋଟା ରୁଟିଙ୍ଗ୍ ମାରି ରୁଣ୍ତି ମିନ୍କୁ
ଅସି ସ୍ୱର୍ଗ ମୁସ୍କୁ ସୁଡ଼୍ଜି ମାପୁରୁଦିଙ୍ଗ୍ ଦନ୍ୟବାଦ୍ ସିତାନ୍ ମାରି ରୁଟିଙ୍ଗ୍
ରୁକ୍ସି ଲୋକାଙ୍ଗ୍ ବାଟାକିଜି ସିଦେଙ୍ଗ୍ ସିସୁରିଙ୍ଗ୍ ସିତାନ୍ । ଆୟା ରୁଣ୍ତି
ମିନ୍କାଙ୍ଗ୍ ବା ବାଟାକିଜି ସିଦେଙ୍ଗ୍ ସିତାନ୍ ।
୪୨ ୱିଜୁ ଲୋକୁ ୱିଜେରେ ତିର୍ଆରୋ ପଟାପାଜିତାର୍ ।
୪୩ ଇୟା ୱେନ୍କା ସିସୁର୍ ଏଜିତି ରୁଟିଙ୍ଗ୍ ମାରି ମିନ୍କୁ ମୋକେଙ୍ଗ୍
ପେଜ ବାରଗୋଟା ଡାଡ଼ିଦୁ ବତ କିତାର୍ ।
୪୪ ଏମେ ଲୋକ୍ତର୍ ଇୟା ରୁଟିଙ୍ଗ୍ ତିର୍ହା ମାର୍ଆର୍, ୱାରି ଲୋଇ
ଆବ୍କା ମେମାର୍ଙ୍ଗୁଁ ଲୋକୁନେ ୫,୦୦୦ ହାଜାର୍ ମାର୍ଆର୍ ।

### ଜିସୁ ଏର୍ ମୁସ୍କୁ ବୁଲାତାନ୍
### (ମାତିଉ ୧୪:୨୨-୩୩; ଜୋହନ ୬:୧୫-୨୧)

୪୫ ଆୟାଦାପ୍ରେ ଜିସୁ ୱାନି ସିସୁରିଙ୍ଗ୍ ଡଙ୍ଗାଁଦୁ ବାସିସ୍ତାନ୍ ନୋ
ସାମ୍ଦୁର୍ତୁ ଆୟା ପାଡ଼ିଦି ବେତ୍ସାଇଦାଦୁ ୱାନି ଆଗ୍ଡ଼ିନେ ସନ୍ତ୍ରେଙ୍ଗ୍
ଇର୍ହାନ୍, ଆବେଟ୍ ଲୋକାଙ୍ଗ୍ ଜିସୁ ପୋକ୍ତାନ୍ ।
୪୬ ଜିସୁ ଲୋକାଙ୍ଗ୍ ପୋକ୍ତି ୱେନ୍କା ୱାନ୍ ପାର୍ତନା କିଦେଙ୍ଗ୍
ଇଜି ଗରନ୍ ମୁସ୍କୁ ସର୍ହାନ୍ ।
୪୭ ମିଲିମିଲିକା ଆଜି ୱାନିୱାଲେ ଡଙ୍ଗାଁ ସାମ୍ଦୁର୍ ନାଡ଼୍ମି
ମାର୍ଆତ୍ ମାରି ୱାନ୍ ପାଡ଼ି ଅରେନ୍ ମାର୍ଆନ୍ ।
୪୮ ଜିସୁ ସୁଡ଼୍ତାନ୍ ଯେ ସିସୁରି ଡଙ୍ଗାଁଦି ସାଟ୍ୱା ଡାକ୍ତେଙ୍ଗ୍ ଇଁଜି
ନାଣ୍ତ ବାଦାଜି ମାର୍ଆର୍ । ଇରିଙ୍ଗ୍ ନାସ୍ତିୱାଲେ ଗାଲି ୱାରି ଆଗ୍ଡ଼ି
ସାରି ୱାଜି ମାର୍ଆତ୍ । ସାଲ୍ଦି ଆନିୱାଲେ ଜିସୁ ଏର୍ ମୁସ୍କୁ ବୁଲାଜି
ବୁଲାଜି ଶିଶୁରି ଲାକ୍ତୁ ୱାତାନ୍, ୱାଣ୍ତୁ ସିସୁରି ଲାକ୍ତୁରାନ୍ ଆଜି
ଆଗ୍ଡ଼ି ସନ୍ଡ୍ରେଙ୍ଗ୍ ବଦା କିଜି ମାର୍ହାନ୍
୪୯ ମାତର୍ ସିସୁର୍ ୱାନିଙ୍ଗ୍ ସାମ୍ଦୁର୍ ମୁସ୍କୁ ବୁଲାନିକା ସୁଡ଼୍ତାରୋ,
“ଦୁବା ଇଜି” ଅଡ଼୍ବିତାରୋ ନାଣ୍ତ ଆଉଲି ଆତାର୍,

୫୦ ଇରିଙ୍ଗ୍ ୱିଜେରେ ଜିସୁଙ୍ଗୁଁ ସୁଡ଼ତ୍ତାର୍ ତିଲାତା ସର୍‌ହାମାର୍‌ଆର୍
। ମାତର୍ ଜିସୁ ଆୟାଦାପ୍ରେ ୱାରିୱାଲେ ୱାର୍‌ଗିଜି ୱାରିଙ୍ଗ୍ ଇର୍‌ଆନ୍,
ସାସ୍ ଆସ୍‌ତୁ, ତିଲାମାଟ୍, "ନାନ୍ ତୋ ଜିସୁ ।"
୫୧ ଜିସୁ ୱାରି ଲାକ୍‌ତୁ ସର୍‌ଆନ୍‌ନୋ ଡଙ୍ଗାଁଦୁ ଏକ୍‌ତାନ୍, ଆବେଟ୍
ଗାଲି ତିର୍ ଆତାଡ଼୍ । ସିସୁର୍ ମନ୍ ଲୋଇ ନାଣ୍ତ କାବାଆତା ସରଆର୍ ।
୫୨ ଇରିଙ୍ଗ୍ ୱାର୍ ପାସ୍ ହଜାର୍ ଲୋକାଙ୍ଗ୍ ରୁଟିଙ୍ଗ୍ ଉଠ୍‌ପିସ୍‌କିତି
ବିସୟଦି ଅର୍ତ ବୁଝାଏତା ମାର୍‌ଆର୍, ଇରିଙ୍ଗ୍ ୱାରି ବୁଦ୍ଧି ଗୁପାତା
ମାର୍‌ଆଡ଼୍ ।

## ଜିସୁ ଗିନେସର୍‌ତୁ ନାଣ୍ତ ରୋଗ୍ ଲୋକାଙ୍ଗ୍ ନେଗେଣ୍ତ କିତାନ୍
## *(ମାତିଉ ୧୪:୩୪-୩୬)*

୫୩ ଜିସୁ ମାରି ୱାନି ସିସୁର୍ ସାମ୍‌ଦୁର୍ ନାସି ଗିନେସରତି ସାନ୍ଧିଦୁ
ୱାତାର୍‌ନୋ ସାମ୍‌ଦୁର୍ ପାଡ଼ି ଡଙ୍ଗାଁ ତର୍‌ତାର୍ ।
୫୪ ୱାର୍ ଡଙ୍ଗାଁଦାଣ୍ତ ରେତି ୱାତିଦାପ୍ରେ ଲୋକୁ ଜିସୁଙ୍ଗୁଁ ସୁଡ଼ଜି
ସିନିସ୍‌ତାର୍ ।
୫୫ ଆବେଟ୍ ଆୟା ସାରିବେଡ଼ତି ନାର୍‌କାଙ୍ଗ୍ ଉର୍‌କୁସି ସର୍‌ଆର୍ ।
ଜିସୁ ଆମା ଆମା ବାଡ଼ିଦୁ ମାର୍‌ଆନ୍ ମାରି ଲୋକୁ ୱିଜେରେ ରୋଗ୍
ଲୋକାଙ୍ଗ୍ କାଟେଲ୍‌ତୁ ପିଣ୍ତଜି ଜିସୁମାନୁ ତାତାର୍ ।
୫୬ ଜିସୁ ଏମେ ଏମେ ନାର୍, ଗାଡ଼୍ ମାରି ଲୋଇରି ନାର୍‌କାଙ୍ଗ୍
ସର୍‌ହାନ୍, ଲୋକ୍ ୱିଜେରେ ୱିଜୁ ବାଡ଼ିଦି ରୋଗିଲୋକାଙ୍ଗ୍ ସାତାଦୁ
ତାତାରୋ ଉଣ୍ତାକିତାର୍, ମାରି ରୋଗିଲୋକ୍ ଏଣ୍ତେସ୍‌କି ୱାନି ୱାତି
ଜାଲି ଅଡ଼ପ୍ ମୁଟ୍‌ନାର୍, ଆୟାଉଣ୍ତିଙ୍ଗ୍ ଜିସୁଙ୍ଗୁଁ ମାଡ଼ିସ୍ କିତାର୍; ମାରି
ଏସୋ ଲୋକ୍‌ଡର୍ ଜିସୁଦି ୱାତି ଜାଲି ମୁଟ୍‌ତାର୍ ଆୟା ଲୋକ୍‌ଡର୍
ନେଗେନ୍ ଆତାର୍ ।

# ୭

## ପୁର୍ବେଦି ଲୋକା ମାଟା
## *(ମାତିଉ ୧୫:୧-୯)*

୧ ୱେନ୍‌କା ପାରୁସିର୍ ମାରି ଜିରୁସାଲାମ୍‌ତାନ୍ ୱାତି ମାର୍‌ଇ ଏସୋ
ସାସ୍ତ୍ରିର୍ ଜିସୁ ସାରିବେଡ଼ତି ଉଣ୍ତାତାର୍ ।

୨ ୱାର୍ ସୁଡ଼ଡ୍ରାର୍ ଯେ, ୱାନି ଏସୋ ସିସୁର୍ ଜିହୁଦିରି ଇସାବ୍ତାନ୍
କିୟୁ ନର୍‌ବାଏଣ୍ଡା ଉଣୁଜି ମାର୍‌ଆର୍ ।
୩ ପାରୁସିର୍ ମାରି ୱିଜେରେ ଯିହୁଦୀଲୋକ୍ ୱାରି ପୁର୍ବେଦି ନେତାରି
ରୀତିନୀତି ମାନାଜି ନେଗେଣ୍ଡୁ କିୟୁ ନର୍‌ବାଏତିଙ୍ଗ୍ ୱାର୍ ଉଣୁଏର୍,
୪ ସାତାଦୁ ସର୍‌ହି ୱାତି ୱେନ୍‌କା ନିଜେ ନିଜେଦି ମୁସ୍‌କୁ ଏର୍
ଲଜାଏତିଙ୍ଗ୍ ଉଣୁଏର୍; ମାରି ଗିନା, ମୁତା ମାରି କସ୍ ନକି ଏର୍‌ଡୁ
ମୁଡ଼କୁସି ନର୍‌ବାନିକା, ଖାଟେଲ୍‌ଡୁ ଏରୁ ସିଲିକ୍‌ନିକା ୱିଜୁ ଆଇ
ରୀତିନୀତି ମାନାଦେଙ୍ଗ୍ ଇଜି ୱାର୍ ଆଦେସ୍ ପଇତା ମାର୍‌ଆର୍ ।
୫ ପାରୁସିର୍ ମାରି ସାସ୍ତ୍ରିର୍ ଜିସୁଙ୍ଗୁଁ ଇର୍ହାର୍, “ନି ସିସୁର୍ ପୁର୍ବେଦି
ନେତାରି ରୀତିନୀତି ଦାଣ୍ଡୁ ସାଲାଏଣ୍ଡା କିକୁ ନର୍‌ବାଏଣ୍ଡା ଏନ୍ଦା
ଉଣୁଜିନାର୍ ?”
୬ ଜିସୁ ୱାରିଙ୍ଗ୍ ଇର୍ହାନ୍, ଏ ସାଲାକିଦି, ଜିସାଇୟ ବାବବାଦି ମି
ବିସୟଡୁ ଟିକ୍‌ତାନ୍ ମାଟା ୱେର୍‌ତା ମାନାନ୍, ଏଣ୍ଡେସ୍ ରାସାତାମାନାତ୍,
ମାପୁରୁ ଇନାନ୍, ଇୟା ଜାତିଦି ଲୋକ୍‌ଡର୍ ମାଙ୍ଗି ତାମେ ମକମିନେ
ମାନାନାର୍,
ମାତର୍ ୱାରି ଜିବନ୍ ମାବାଣ୍‌କୁ ଆକ ଡେବାନାତ୍ ।
୭ ୱାର୍ ଲୋକୁ ତିଆର୍ କିତିମାନି ରୀତିନୀତି ଦିଙ୍ଗ୍ ମାପୁରୁଦି ଆଦେସ୍
ଇଜି ଶିକ୍ଷା ସିନାର୍
ଆର୍‌ଏନେ ମା ସେବା କିଜିନାର୍ ।
୮ “ମିର୍ ମାପୁରୁଦି ଆଦେସ୍ ଡ଼ିସ୍‌ସି ଲୋକୁ ତିଆର୍‌କିତି ନିୟମ୍‌ତିଙ୍ଗ୍
ଆସ୍‌ସିନିଦେର୍ ।”
୯ ମାରି ଜିସୁ ୱାରିଙ୍ଗ୍ ଇର୍ହାନ୍, ମିର୍ ମି ସାଲାକିଦାନ୍ ମାପୁରୁଦି
ମାଟାଦିଙ୍ଗ୍ ମାନାଇଜିନିଦେର୍ ।
୧୦ ଇରିଙ୍ଗ୍ ମୋସା ନିୟମ୍ ସିତାମାନାନ୍, ମି ବୁବା ୟାୟାଏଙ୍ଗ୍
ମାନାଦୁ, ମାରି ଏନ୍ ନିଜେଦି ବୁବା ନି ୟାୟାଙ୍ଗ୍ ଆନାଦୁରିଆ ସିନାନ୍,
ୱାଣ୍ଡ୍ରୁ ଏଣ୍ଡେସ୍ କିଜିବା ସାନି ଦଣ୍ଡ୍ ପଇନାନ୍ ।
୧୧ ମାତର୍ ମି ଇନ୍‌ଡ୍ର, ଜଦି ଅରେନ୍ ଲୋକ୍‌ତିମାନୁ ୱାନି ବୁବା
ୟାୟାଏଙ୍ଗ୍ ସାହାଜ୍ୟ କିଦେଙ୍ଗ୍ ମାନାତ୍, ମାତର୍ ଆୟା ଲୋକୁ
ଇଜିନାନ୍, କାର୍ବାନ୍ ମାପୁରୁତିଙ୍ଗ୍ ପୁଜା ସିତାମାନା ।

୧୨ ଆଦେଙ୍ଗ୍ ମିର୍ ୱାନିଙ୍ଗ୍ ୱାନି ବୁବା ୟାୟାଦିଙ୍ଗ୍ ସାହାଜ୍ୟ କିନି
ଉଣ୍ତିଙ୍ଗ୍ ସିଇଦେର୍ ।
୧୩ ଇୟାୱାଜା ମିର୍ ପୁର୍ବେଦି ଲୋକ୍ତି ରୀତିନୀତି ଉଣ୍ତିଙ୍ଗ୍ ମାପୁରୁଦି
ବାକ୍ୟଦିଙ୍ଗ୍ ଲାଡ୍ ଡାକ୍ସିନିଦେର୍ ମାରି ଆୟାୱାଜା ନାଣ୍ତ ସେଇ
ପାଣିବା କିଜିନିଦେର୍ ।

## ଲୋକ୍ତିଙ୍ଗ୍ ଇନିକା ଡାଗ୍ଇକା କିନାଡ୍
## (ମାତିଉ ୧୫:୧୦-୨୦)

୧୪ ଅର୍ଲେନ୍ ଜିସୁ ଲୋକାଙ୍ଗ୍ ଲାକ୍ତୁ କୁକ୍ସି ୱାରିଙ୍ଗ୍ ଇର୍ହାନ୍,
“ମିର୍ ୱିଜେରେ ନା ମାଟା ୱେନ୍ତୁ ମାରି ବୁଝାଦୁ ।”
୧୫ ଲୋକ୍ତି ମେନ୍ଦାଲ୍ ଆଡ୍ରେ ଇୟାୱାଜା ଇନି ବିସୟ ସିଲେଡ୍,
ଆମାକା କି ୱାନି ଲୋଇ ଡ଼ଗୁଜି ୱାନିଙ୍ଗ୍ ଅପବିତ୍ର କିନାଡ୍, ମାତର୍
ଏମେ ଏମେକା ଲୋକ୍ତି ଲୋଇରାନ୍ ସନାଡ୍, ଆୟାୱିଜୁ ୱାନିଙ୍ଗ୍
ଅପବିତ୍ର କିନାଡ୍ ।
୧୬ ଜଦି ଆମାୱାନିଙ୍ଗ୍ ୱେନ୍ତ୍ରେଙ୍ଗ୍ ଗିଡଣିଙ୍ଗ୍ମାନେ ୱାଣ୍ତ୍ର ୱେନିନ୍
।*
୧୭ ଜିସୁ ଲୋକାଙ୍ଗ୍ ଡ଼ିସ୍ସି ଇନ୍ତ୍ର ୱାତି ୱେନ୍କା ୱାନି ସିସୁର୍ ଇୟା
କାତାଦି ଅର୍ଥ ବୁଝାକିଜି ସିଦା ଇଜି ଇର୍ହାର୍ ।
୧୮ ଆବେଟ୍ ଜିସୁ ୱାରିଙ୍ଗ୍ ଇର୍ହାନ୍, “ମିର୍ବା ଇନିକା ୱାରିୱାଜା
ବୁଜାଦେଙ୍ଗ୍ ଆଟ୍ଏଜିନିଦେର୍ ? ଏମେକା କି ଆଡ୍ରେରାନ୍ ଲୋକା
ଲୋଇ ଡ଼ଗୁନାଡ୍, ଆକା ୱାନିଙ୍ଗ୍ ସେଏଣ୍ତ୍ କିଦେଙ୍ଗ୍ ଆଟ୍ଏଡ୍ ।
୧୯ ଇରିଙ୍ଗ୍ ଆକା ୱାନି ଜିବନ୍ତୁ ଡ଼ଗୁଏଡ୍, ମାତର୍ ପଟା ଲୋଇ
ଡ଼ଗୁଜି ଆଡ୍ରେ ସନା ସନାଡ୍ ।” ମାରି ଇବେଣ୍ତୁ ୱିଜୁ ଖାଦି ନରାନା
ସନାଡ୍, ଇକା ଜିସୁ ଇର୍ଆନ୍ ।
୨୦ ଜିସୁ ଇର୍ହାନ୍, “ଆମାକା ଲୋକ୍ମାଣ୍କୁ ସନାଡ୍, ଆକାନେ
ୱାନିଙ୍ଗ୍ ଅପବିତ୍ର କିନାଡ୍ ।
୨୧ ଇରିଙ୍ଗ୍ ଲୋଇରାନ୍, ଲୋକ୍ତି ଜିବନ୍ତାନ୍, ଡାଗ୍ଇଚିନ୍ତା
ସନାଡ୍, ଦାରିପାଣି, ଡଂଆ, ଲୋକ୍ତିଙ୍ଗ୍ ସାୟାମାର୍ଗାଡାକ୍ନିକା,

---
* **୭:୧୬** ଏସୋ ପାଡ଼ିଇ ରାସାତିମାନୁ ଇୟା ପଦ୍ ରାସାଏଡ୍ ।

²² ଆଇୱାନି ଆଇମାଦିମାନୁ ସନିକା, ଲୋଭ୍, କାରାପ୍, ମିଛ୍ ମାଟା,
ଗାଡ଼ୟା, ସୁଡ଼ଜି ଆକାର୍ ଆନିକା, ସୁଡ଼ଜି ଲାଲ୍ଇଆନିକା, ନିଦା, ଗାର୍ବୁ
କିନିକା, ମୁର୍ଖୁଆନିକା;
²³ ଇୟା ତାଗ୍ଇ ପାଣିୱିଜୁ ଲୋଇରାନ୍ ସହସି ଲୋକ୍ତିଙ୍ଗ୍
ଅପବିତ୍ର କିନାଡ଼ ।”

## ଅରେଡ଼ ଆଇମାଦି ଆଟ୍ୱା ବିସ୍ବାସ୍
## (ମାତିଉ ୧୫:୨୧-୨୮)

²⁴ ଆୟାୱେନ୍କା ଜିସୁ ଆୟା ବାଡି ଡ଼ିସ୍ସି ସୋର ଗାଡ଼ତି
ରାଜିଦୁ ସର୍ଆନ୍, ଉଣ୍ଡି ଇନ୍ଡ୍ର ଡ଼ଗ୍ଗିତାନ୍ନୋ, ଏର୍ବା ଏଣ୍ଡେସ୍
ଆକା ନେସ୍ଏର୍, ଇକା ବଦା କିଜିମାର୍ଆନ୍, ମାତର୍ ୱାଣ୍ଡୁ ଆବେ
ମାଗର୍ଜୋ ମାନ୍ଡ୍ରେଙ୍ଗ୍ ଆଟ୍ଏତାନ୍ ।
²⁵ ଆୟାଦାପ୍ରେ ଅରେଡ଼ ଆଇମା ଜିସୁ ୱାତି ମାର୍ଇ କାବୁର୍
ୱେର୍ଆଦୋ ୱାତାଡ଼, ଇରିଙ୍ଗ୍ ତାନି ଗାଡ଼ସିଙ୍ଗ୍ ତାଗ୍ଇଆମ୍ବା ଆସ୍ତା
ମାର୍ଆଡ଼ । ଆଦେଙ୍ଗ୍ ଆୟା ଆଇମା ୱାନି ପାଦାମ୍କାଙ୍ଗ୍ ମାଡ଼ିସ୍ କିଜି
ଗୁରିତାଡ଼ ।
²⁶ ଆୟା ସୁର ଦେଶ୍ତି ସୁରଫେନିକିୟା ଜାତିଦି ଅରେଡ଼ ଗ୍ରୀକ୍
ଆଇମା ମାର୍ଆଡ଼ । ତାନି ଆଇଲି ମାଣାନ୍ ଦୁବା ଡ଼ିସ୍ସିସ୍ କିଦେଙ୍ଗ୍
ଇଜି ଜିସୁଙ୍ଗୁଁ ଇନ୍ଡ୍ରେଙ୍ଗ୍ ଆସ୍ତାଡ଼ ।
²⁷ ଆବେଟ୍ ଜିସୁ ତାନିଙ୍ଗ୍ ଇର୍ଆନ୍, “ନିଜେଦି କଡ଼ରିଙ୍ଗ୍ ଆଗ୍ଡ଼ି
ଖାଦି ପଟାବର୍ଟି ଉଟ୍ପିସ୍ତେଙ୍ଗ୍ ଆନାଡ଼, ଇରିଙ୍ଗ୍ କଡ଼ରି ବାଟା ଖାଦି
ଅସି ନୁକୁଡ଼ିଆଙ୍ଗାଁ ମାନୁ ପୋକ୍ନିକା ନେଗେଡ଼ ସିଲେ ।”
²⁸ ଜିସୁଙ୍ଗୁଁ ଆୟା ଆଇମା ଇର୍ହାଡ଼, “ହୁଁ, ପ୍ରବୁ, ନୁକୁଡ଼ିଙ୍ଗ୍ବା ଟେବୁଲ୍
ଆଡ଼ଗି ମାନ୍ଜି କଡ଼ର୍ ଉଟି ୱିସ୍ତି ସକ୍ଡ଼ି ଆତର୍କା ଉଣେ ।”
²⁹ ଜିସୁ ଆୟା ଆଇମାଦିଙ୍ଗ୍ ଇର୍ଆନ୍, “ନିନୁ ଇୟା ମାଟା ଇର୍ଇ
ଉଣ୍ଡିଙ୍ଗ୍ ସାଙ୍ଗ୍ଆ, ନି ଗାଡ଼ିଦି ମାଣାନ୍ ଦୁବା ସତା ସର୍ଆଡ଼ ନି ।”
³⁰ ଆୟା ଆଇମା ଇନ୍ଡ୍ର ଡ଼େସି ସଲ୍ସି ସୁଡ଼ଡ୍ରାଡ଼ ଯେ ତାନି ଆଇଲି
ଟାଟିଦୁ ଡରିତା ମାନାଡ଼ ମାରି ସତେନେ ଦୁବା ଆଇଲି ମାଣ୍କୁ ଡ଼ିସ୍ତା
ସର୍ଆଡ଼ ।

## ଜିସୁ ଅରେନ୍ ଗୁଲା ମାରି ବଇରା ଲୋକ୍ତିଙ୍ଗ୍ ନେଗେଣ୍ଡ କିତାନ୍

୩୧ ଆୟାୱେନ୍‌କା ଜିସୁ ସୋର୍ ସାନ୍ଧିଦାଣ୍ଡ ଡ଼ିସ୍‌ସି ସିଦନ୍ ମାରି
ଦେକାପଲି ସାନ୍ଧି ସିଜି ଗାଲିଲି ସାମ୍‌ଦୁର୍ ପାଡ଼ି ୱାତାନ୍ ।
୩୨ ଏସୋ ଲୋକୁ ଗୁଲା ମାରି ବଇରା ଲୋକ୍‌ତିଙ୍ଗ୍ ଜିସୁ ଲାକ୍‌ତୁ
ତାତାର୍ । ମାରି ୱାନି ମୁସ୍‌କୁ କିୟୁ ଇଡ଼ଦେଙ୍ଗ୍ ଜିସୁଙ୍ଗୁଁ ଇର୍ହାର୍ ।
୩୩ ଜିସୁ ଆୟା ଲୋକ୍‌ତିଙ୍ଗ୍ ଲୋକା ଗଲିଦାନ୍ ଅଡ଼ପ୍ ଆକ
ଅତାନ୍‌ନୋ ୱାନି ରୁଣ୍ଡି ଗିତଣିଆଙ୍ଗ୍ ୱାନି ଡ଼ାସ୍‌କେଙ୍ଗ୍ ମୁଟ୍‌ତାନ୍ ମାରି
ପୁସ୍‌ସି ୱାନି ୱେତଲ୍‌ତିଙ୍ଗ୍ ମୁଟ୍‌ତାନ୍,
୩୪ ଆୟାୱେନ୍‌କା ୱାନ୍ ସ୍ୱର୍ଗ ମୁସ୍‌କୁ ସୁଡ଼୍‌ଜି ପୁଣ୍ଡା ଡ଼ିସ୍‌ସି ୱାନିଙ୍ଗ୍
ଇର୍‌ଆନ୍, "ଇପ୍‌ପଥଃ," ଇରିଙ୍ଗ୍ ଗୁଲାଦି "ୱେୟୁ ୱାର୍‌ଗିଦେଙ୍ଗ୍ ରାଆ
।"
୩୫ ଆୟା ଦାପ୍ରେ ୱାନ୍ ଗିତଣିଙ୍ଗ୍ ୱେନ୍‌ଡ୍ରେଙ୍ଗ୍ ଆଟ୍‌ତାନ୍ ମାରି
ୱାନି ୱେତଲ୍ କୁଦିତାଡ଼୍ ଆବେଟ୍ ୱାନ୍ ନେଗେନ୍ କିଜି ୱାର୍‌ଗିଦେଙ୍ଗ୍
ଆଟ୍‌ତାନ୍ ।
୩୬ ଇୟା ନେଗେଣ୍ଡ କିତି ମାଟା ଏଙ୍ଗ୍‌ବା ଇନ୍‌ମାଟ୍ ଇଜି ଆଟ୍‌ୱାଦାନ୍
ଜିସୁ ଲୋକାଙ୍ଗ୍ ଇର୍‌ଆନ୍, ମାତର୍ ଜିସୁ ଏସା ମାନା କିତିଙ୍ଗ୍‌ବା,
ଲୋକ୍‌ଡର୍ ନାସାନେ ୱେର୍‌ସି ବୁଲାତାର୍ ।
୩୭ ମାରି, ୱିଜେରେ ଲୋକୁ ନାଣ୍ଡ କାବାଆଜି ଇର୍ହାର୍, "ୱାଣ୍ଡୁ ୱିଜୁ
ପାଣି ନେଗ୍ରେଣ୍ଡା କିତାମାନାନ୍; ୱାଣ୍ଡୁ ଚୁୱେନ୍‌ଇ ଲୋକାଙ୍ଗ୍ ୱେନି ବପୁ
ମାରି ୱାର୍‌ଗିଇ ଲୋକାଙ୍ଗ୍ ୱାର୍‌ଗିନି ବପୁ ବା ସିନାନ୍ ।"

# ୮

## ଜିସୁ ନାଲ୍‌ଗି ହାଜାର୍ ଲୋକାଙ୍ଗ୍ ଉଟ୍‌ପିସ୍‌କିତାନ୍ (ମାତିଉ ୧୫:୩୨-୩୯)

୧ ଆୟାୱାଲେ ଅର୍‌ଲେନ୍ ମାରିଡ଼େସି ନାଣ୍ଡ ଲୋକୁ ଜିସୁମାନୁ
ଉଣ୍ଡାତାର୍, ନାସ୍ତିୱାଲେ ୱାରିମାନୁ ଉଣିତିନିକା ସିଲେତାଡ଼୍ ଆକା ଜିସୁ
ୱାନି ସିସୁରିଙ୍ଗ୍ ଲାକ୍‌ତୁ କୁକ୍‌ତାନ୍‌ନୋ ୱାରିଙ୍ଗ୍ ଇର୍‌ଆନ୍,
୨ "ଇୟା ଲୋକା ଉଣ୍ଡିଙ୍ଗ୍ ନା ଜିବନ୍ ଦୟା ଆଜିନାଡ଼୍, ଇରିଙ୍ଗ୍
ଇକାର୍ ମୁନେନ୍ ଆତାଡ଼୍‌ନି ନାୱାଲେ ମାନାର୍ ମାରି ୱେରିମାନୁ
ଉଣ୍ତେଙ୍ଗ୍ ଇନିକା ବା ସିଲେଡ଼୍ ।

୩ ଜଦି ନାନୁ ୱାରିଙ୍ଗ୍ ତାମେ ଇଲ୍‌କାଙ୍ଗ୍ ଉଟ୍‌ପିସ୍‌କିଏଣ୍ଡା ପୋକ୍‌ନା,
ନାସ୍ତିୱାଲେ ୱାର୍ ସାର୍‌ଦୁ ସନାରୋ ମେଡ଼୍‌ନାର୍; ଇରିଙ୍ଗ୍ ୱାରିମାଣାନ୍
ଏସୋ ଲୋକୁ ନାଣ୍ଡ ଆକିଣାନ୍ ୱାତାମାନାର୍ ।”
୪ ସିସୁର୍ ଜିସୁଙ୍ଗୁଁ ଇର୍ହାର୍, “ଇୟା ସିମ୍ରା ବାଡିଦୁ ଏନ୍ ଆମାବାଣ୍‌କୁ
ରୁଟି ତାସ ୱେରିଙ୍ଗ୍ ପଟାବର୍ତ ଉଟ୍‌ପିସ୍‌କିଦେଙ୍ଗ୍ ଆଟ୍‌ନାନ୍ ?”
୫ ଜିସୁ ୱାରିଙ୍ଗ୍ ୱେନ୍‌ବାତାନ୍, ମି ଲାକ୍‌ତୁ ଏସଗୋଟା ରୁଟିଙ୍ଗ୍ ମାନେ
? ୱାର୍ ଇର୍ହାର୍, “ସାତ୍‌ଗୋଟା ରୁଟିଙ୍ଗ୍ ।”
୬ ଜିସୁ ଲୋକାଙ୍ଗ୍ ବୁମି ମୁସ୍‌କୁ ବାସ୍‌ତେଙ୍ଗ୍ ଆଦେସ୍ ସିତାନ୍; ମାରି,
ୱାଣ୍ଡ୍ରୁ ଆୟା ସାତଗୋଟା ରୁଟିଙ୍ଗ୍ ଅତାନ୍‌ନୋ ମାପୁରୁଦିଙ୍ଗ୍ ଧନ୍ୟବାଦ
ସିଜି ରୁଟିଙ୍ଗ୍ ମକା ମକା କିଜି ରୁକ୍‌ସି ବାଟା କିଜି ସିଦେଙ୍ଗ୍ ୱାନି
ସିସୁରିଙ୍ଗ୍ ସିତାନ୍ ମାରି ୱାର୍ ଲୋକାଙ୍ଗ୍ ଆୟା ରୁଟିଙ୍ଗ୍ ବାଟାକିଜି
ସିତାର୍ ।
୭ ମାରି ୱାରିମାନୁ ଏସୋ ଇସ୍ରି ମିନ୍‌କୁବା ମାର୍‌ହେ; ଜିସୁ ଆୟା
ମିନ୍‌କାଙ୍ଗ୍ ମାପୁରୁଦିଙ୍ଗ୍ ଦନ୍ୟବାଦ୍ ସିଜି ବାଟା କିଜି ଲୋକାଙ୍ଗ୍
ସିଦେଙ୍ଗ୍ ଇର୍‌ଆନ୍ ।
୮ ୱିଜେରେ ତିନ୍‌ଞ୍ଜି ପଟା ପାଜିତାର୍ ମାରି ସାତ୍‌ଗୋଟା ଡାଡ଼ିଦୁ
ଏଜିତି ରୁଟି ମକେଙ୍ଗ୍ ଡାଡ଼ିଦୁ ବର୍ତ କିତାର୍ ।
୯ ଇୟା ଉଟି ଲୋକୁ ନାଲ୍‌ଗି ହାଜାର୍ ମାର୍‌ଆର୍ ।
୧୦ ଆୟାୱେନ୍‌କା ଜିସୁ ଲୋକାଙ୍ଗ୍ ପୋକ୍‌ତାନ୍ ମାରି ଆୟାଦାପ୍ରେ
ୱାନି ସିସୁରିୱାଲେ ଡଙ୍ଗାଁଦୁ ଏକ୍‌ତାନ୍‌ନୋ ଦଲ୍‌ମନୁଥା ରାଜିଦୁ ୱାତାନ୍
।

## ପାରୁସିର୍ ଜିସୁମାଣ୍‌କୁ ସିନା ସୁଡ଼୍‌ଦେଙ୍ଗ୍ ବଦାକିତାର୍
*(ମାତିଉ ୧୨:୩୮-୪୨; ୧୬:୧-୪)*

୧୧ ✡ପାରୁସିର୍ ୱାତା ରୋ ଜିସୁୱାଲେ ମାଟାଦିଙ୍ଗ୍ ମାଟା ଆଦେଙ୍ଗ୍
ଆସ୍‌ତାର୍ । ମାରି ୱାର୍ ୱାନିଙ୍ଗ୍ ଉରିଦୁ ଆର୍‌ତେଙ୍ଗ୍ ବଦାକିଜି, ୱାନ୍
ଯେ ମାପୁରୁ ମାଣ୍‌କୁ ୱାତାମାନାନ୍ ଆକା ତର୍‌ତେଙ୍ଗ୍ ବାଦଡ଼୍‌ତାନ୍
ଉଣ୍ଡ୍ରୁ କାବାଆନି ପାଣି ତର୍‌ତେଙ୍ଗ୍ ଇର୍ହାର୍ ।
୧୨ ଜିସୁ ଜିବନ୍‌ତୁ ଦୁକ୍‌ଆଜି ନାଣ୍ଡ ପୁଣ୍ଡା ଡ଼ିସ୍‌ସି ଇର୍‌ଆନ୍,
“ଇନ୍‌ଦାନିଙ୍ଗ୍ ଇୟା ଜୁଗ୍‌ତି ଲୋକ୍‌ଡର୍ ସିନା ପଇଜିନାର୍ ? ନାନୁ

✡ **୮:୧୧** ମାତିଉ ୧୨:୩୮; ଲୁକ ୧୧:୧୬.

ମିଙ୍ଗ ସଚ୍ ୱେର୍‌ସିନା, ଇୟା ଜୁଗ୍‌ତି ଲୋକ୍‌ତିଙ୍ଗ୍ ଆମା ସିନା ବା
ପୁଟ୍‌ଏଡ୍ ।”
୧୩ ୱାନ୍ ୱାରିଙ୍ଗ୍ ଡ଼ିସ୍‌ସି ମାରିଡ଼େସି ଡଙ୍ଗାଁଦୁ ଏକ୍‌ତାନ୍‌ନୋ
ସାମ୍‌ଦୁର୍ ଆୟାପାଡ଼ି ସର୍‌ଆନ୍ ।

## ହେରୋଦ ମାରି ପାରୁସିର୍ ଶିକ୍ଷା ବିସୟତାନ୍ ଜାଗାର୍‌ତା (ମାତିଉ ୧୬:୫-୧୨)

୧୪ ଆୟାୱାଲେ ସିସୁର୍ ରୁଟି ଅଡେଙ୍ଗ୍ ବାଣାତା ସରଆର୍; ଡଙ୍ଗାଁଦୁ
ୱାରିମାନୁ କେବଲ୍ ଉନ୍‌ଡ୍ରେନେ ରୁଟି ମାର୍‌ଆଡ୍ ।
୧୫ ✡ଜିସୁ ଶିଶୁରିଙ୍ଗ୍ ଆଟ୍‌ୱା ମାଟା ଇର୍‌ଆନ୍, “ଜାଗାର୍‌ତା ଆଦୁ,”
ପାରୁସିର୍ ମାରି ହେରୋଦ୍‌କା ମିଚ୍ ମାଟାଦାନ୍ ଜାଗାର୍‌ତା ମାନ୍‌ଡୁ,
ଆମାକା ଖମୀର୍‌ତି* ୱାଜା ଆନାଡ୍ ।
୧୬ ସିସୁର୍ ଇୟା ବିସୟତୁ ୱାରିୱାରି ଲୋଇ ୱାର୍‌ଗିଜି ସାତାର୍,
“ମାବାନ୍ ରୁଟି ସିଲେଡ୍‌ଆକା ୱାନ୍ ଇୟାୱାଜା ଇଜିନାନ୍ ।”
୧୭ ଜିସୁ ଆକା ନେସ୍‌ତାନ୍‌ନୋ ୱାରିଙ୍ଗ୍ ଇର୍‌ଆନ୍, ମି ଲାକ୍‌ତୁ
ରୁଟିଙ୍ଗ୍ ସିଲୁ ଇଜି ଏନ୍ଦା ୱାର୍‌ଗିଜି ସାଜିନିଦେର୍ ? ମିର୍ ଇୟାସାନ୍ଦି
ନେସ୍‌ଇଦେର୍ ନୋ ? କି ବୁଝାଇଦେର୍ ନୋ ? ମି ଜିବନ୍ ନିସାନେ
ଆଟ୍‌ୱା ଆତାମାନାଡ୍ ?
୧୮ ✡କାଣ୍ଣୁକୁ ମାନ୍‌ବୁ ମାନ୍‌ବୁ ମିର୍ ସୁଡ଼୍‌ଇଜିନିଦେର୍ ? ମାରି,
ଗିତଣିଙ୍ଗ୍ ମାନ୍‌ବୁ ମାନ୍‌ବୁ ୱେନ୍‌ଇଜିନିଦେର୍ ? ମିର୍ ଇନିକା
ଅଡ଼୍‌ବିଦେଙ୍ଗ୍ ଆଟ୍‌ଇଜିନିଦେର୍ ?
୧୯ ପାସ୍‌ଗୋଟା ରୁଟିଙ୍ଗ୍ ରୁକ୍‌ସି ଏଣ୍ଡ୍ରେସ୍ ୫,୦୦୦ ହାଜାର୍ ଲୋକାଙ୍ଗ୍
ତିର୍‌ପିସ୍‌କିତା ମାର୍‌ହା, ଆୟାନାଣ୍ଡିଙ୍ଗ୍ ଏଜିତି ରୁଟି ମକେଙ୍ଗ୍ ୱିଜୁ
ପେର୍‌ଜି ଏସୋ ଗୋଟା ଡାଡ଼ିଦୁ ବର୍ତ କିତିମାର୍‌ଇଦେର୍, ଆକା
ମିଙ୍ଗ ଏଡ୍ ସିଲେଡ୍ ? ସିସୁର୍ ୱାନିଙ୍ଗ୍ ୱେର୍‌ତାର୍, “ବାରଗଟା
ଡାଡ଼ିଙ୍ଗ୍ ।”
୨୦ ଜିସୁ ମାରି ୱେନ୍‌ବାତାନ୍, “ଏସିୱାଲେ ୪,୦୦୦ ହାଜାର୍ ଲୋକା
ଉଣ୍ଡିଙ୍ଗ୍ ସାଡ୍‌ଗୋଟା ରୁଟିଙ୍ଗ୍ ରୁକ୍‌ସି ସିତାମାର୍‌ହା,” ଏଜିତି ରୁଟି

---

✡ **୮:୧୫** ଲୁକ ୧୨:୧. * **୮:୧୫** ଖମୀର୍‌ତିଙ୍ଗ୍ ଗଦ୍‌ମୁଗୁଣ୍ଡାଦୁ ମିସାକିତିଙ୍ଗ୍ ରୁଟିଦିଙ୍ଗ୍ ନାଣ୍ଡ ଉଦିସ୍ କିନାଡ୍ । ✡ **୮:୧୮** ମାର୍କ ୪:୧୨.

ମୁକେଙ୍ଗ୍ ପେର୍‌ଜି ଏସୋ ଗୋଟା ଡାଡ଼ିଦୁ ବର୍ତ କିତିମାର୍‌ଇଦେର୍ ?
ସିସୁର୍ ଇର୍ହାର୍, "ସାତ୍‌ଗୋଟା ଡାଡ଼ିଙ୍ଗ୍ ।"
୨୧ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ମିର୍ ଇଲେଇବା ବୁଜାଦେଙ୍ଗ୍
ଆଟ୍‌ଇଜିନିଦେର୍ ।"

## ଜିସୁ ବେଥ୍‌ସାଇଦାଦୁ ଅରେନ୍ କାଣେଙ୍ଗ୍ ନେଗେଣ୍ଡ କିତାନ୍

୨୨ ୱେନ୍‌କା ୱାର୍ ବେତ୍‌ସାଇଦା ନାର୍‌ତୁ ୱାତାର୍ । ଆବେ ଏସୋ
ଲୋକୁ ଅରେନ୍ କାଣା ଲୋକ୍‌ତିଙ୍ଗ୍ ଜିସୁ ଲାକ୍‌ତୁ ତାତାର୍ ନୋ ୱାନିଙ୍ଗ୍
ମୁଟ୍‌ସୋ ନେଗେଣ୍ଡ କିଦେଙ୍ଗ୍ ଇର୍ହାର୍ ।
୨୩ ଜିସୁ କାଣାଦି କିୟୁ ଆସ୍‌ତାନ୍‌ନୋ ନାର୍‌ତାଣ୍ଡ ଆକ ଅତାନ୍, ଆବେ
କାଣାଦି କାଣ୍‌ଗାଦୁ ପୁସ୍‌କାଣାଙ୍ଗ୍ ଉସ୍‌ତାନ୍ ନୋ ୱାନି ମୁସ୍‌କୁ କିୟୁ
ଇଡ୍‌ଜି ୱାନିଙ୍ଗ୍ ୱେନ୍‌ବାତାନ୍, "ନିନ୍ ଇନିକା ସୁଡ୍‌ଜିନି ନୋ ?"
୨୪ ଆୟା ଲୋକୁ ମୁସ୍‌କୁ ବେସ୍‌ସି ଇର୍‌ଆନ୍, "ହୁଁ ନାନ୍ ଲୋକାଙ୍ଗ୍
ସୁଡଦେଙ୍ଗ୍ ଆଟ୍‌ସିନା, ଇରିଙ୍ଗ୍ ନାନ୍ ଲୋକାଙ୍ଗ୍ ବୁଲାନି ମାରାକ୍ ୱାଜା
ସାରିବେଡ଼୍‌ତି ସୁଡ଼୍‌ଜିନା ।"
୨୫ ମାରିଡ଼େସି ଜିସୁ ୱାନି କାଣୁକୁ ମୁସ୍‌କୁ କିୟୁ ଇଟ୍‌ତାନ୍; ଆବେଟ୍
ୱାଣ୍ଡୁର୍ ନେଗ୍ରେଣ୍ଡା ସୁଡ଼୍‌ଦେଙ୍ଗ୍ ଆଟ୍‌ତାନ୍ ମାରି ନେଗେଣ୍ଡ ଆତାନ୍‌ନୋ
ୱିଜୁ ସୁଡ଼୍‌ଦେଙ୍ଗ୍ ଆଟ୍‌ତାନ୍ ।
୨୬ ଜିସୁ ୱାନିଙ୍ଗ୍ ତାମେ ଇନ୍‌ଡ୍ର ପୋକ୍‌ସି ଇର୍‌ଆନ୍, "ଇୟା ନାର୍‌ତୁ
ସଲ୍‌ମା, ମାତର୍ ମି ଇନ୍‌ଡ୍ର ସାଙ୍ଗ୍‌ଆ ।"

## ପିତର ଜିସୁଙ୍ଗୁଁ କ୍ରିସ୍ତ ଇଜି ମାନାତାନ୍
## (ମାତିଉ ୧୬:୧୩-୨୦; ୯:୧୮-୨୧)

୨୭ ଇୟା ୱେନ୍‌କା ଜିସୁ ମାରି ୱାନି ସିସୁର୍ କାଇସରିୟା ପିଲିପି
ରାଜିଦି ଲାକ୍‌ତୁ ମାନି ନାର୍‌କାଙ୍ଗ୍ ିଁ ସନିୱାଲେ ସନିସାର୍‌ଦୁ ଜିସୁ
ୱାନି ଶିଶୁରିଙ୍ଗ୍ ୱେନ୍‌ବାତାନ୍, "ନାନ୍ ଏନ୍ ଇଜି ଲୋକ୍‌ଡର୍ ଇନିକା
ଇଜିନାର୍ ?"
୨୮ ✡ଆବେଟ୍ ସିସୁର୍ ଇର୍ହାର୍, "ଏସୋ ଲୋକୁ ଇଜିନାର୍ ଡୁବନ୍‌ସିନି
ଯୋହନ, ମାରି ଏସୋ ଲୋକୁ ଇଜିନାର୍ ନିନ୍ ଏଲିୟ୍, ମାରି ଏର୍ ଏର୍
ଇଜିନାର୍, ନିନ୍ ବାବବାଦିରି ଲୋଇ ଅରେନ୍ ବାବବାଦି ।"

---

✡ **୮:୨୮** ମାର୍କ ୬:୧୪,୧୫; ଲୁକ ୯:୭,୮.

୨୯ ✡ଜିସୁ ୱାରିଙ୍ଗ୍ ୱେନ୍‌ବାତାନ୍, “ନାନ୍ ଏନ୍ ଇଜି ମିର୍ ଇନିକା
ଇଜିନିଦେର୍ ?” ପିତର୍ ୱେର୍‌ତାନ୍, “ନିନ୍ ଆଜିନି ମାପୁରୁତି
ପୋକ୍‌ତିମାନି ରକ୍ଷା କିନି କ୍ରିସ୍ତ ।”
୩୦ ଜିସୁ ୱାରିଙ୍ଗ୍ ଆଟ୍‌ୱା ମାଟା ୱେର୍‌ତାନ୍, “ନାନ୍ ଏନ୍ ନା ବିସୟ
ଏଙ୍ଗ୍‌ବା ଇନ୍‌ମାଟ୍ ।”

## ଜିସୁ ୱାନି ସାନି ବିସୟ ସିସୁରିଙ୍ଗ୍ ୱେର୍‌ତାନ୍
## (ମାତିଉ ୧୬:୨୧-୨୮; ଲୁକ ୯:୨୨-୨୭)

୩୧ ମାରି ଜିସୁ ସିସୁରିଙ୍ଗ୍ ବୁଜାକିଦେଙ୍ଗ୍ ଆସ୍‌ତାନ୍, “ନାନ୍
ମନୁଷ୍ୟପୁତ୍ର ନାଣ୍ଡ କାସ୍ଟ ପଇନା ମାରି ପେରି ନେତାର୍, ପେରି
ଯାଜକର ମାରି ସାସ୍ତ୍ରୀରି ମାଣାନ୍ ଦଣ୍ଡ୍ ପଇଜି ସାଦେଙ୍ଗ୍ ଆନାଡ୍,
ମାତର୍ ମୁନେଟି ୱେନ୍‌କା ମାରିଡ଼େସି ଜିବନ୍‌ଆଜି ନିଙ୍ଗ୍‌ନାନ୍ ।”
୩୨ ଜିସୁ ଇୟାୱିଜୁ ମାଟା ନେଗେନେକିଜି ସିସୁରିଙ୍ଗ୍ ବୁଜାକିତାନ୍
। ଆବେଟ୍ ପିତର୍ ଜିସୁଙ୍ଗୁଁ ଆଇ ବାଡିଦୁ କୁକ୍‌ସି ଅତାନ୍‌ନୋ ୱାନିଙ୍ଗ୍
ଇର୍‌ଆନ୍, “ପ୍ରବୁ ଇୟାୱାଜା ମାଟା ଇନ୍‌ମା ।”
୩୩ ମାତର୍ ଜିସୁ ୱାନି ସିସୁରିଙ୍ଗ୍ ସୁଡ଼ଜି ପିତର୍‌ତିଙ୍ଗ୍ ଇର୍‌ଆନ୍, “ନା
ଲାକ୍‌ତୁରାନ୍ ଆକ ଆଆ, ସୟତାନ୍, ଇରିଙ୍ଗ୍ ନିନ୍ ମାପୁରୁତି ବିସୟ
ଅଡ଼୍‌ବିଏଣ୍ଡା ଲୋକା ବିସୟ ଅଡ଼୍‌ବିଜିନି ।”
୩୪ ✡ଆୟାୱେନ୍‌କା ଜିସୁ ୱାନି ସିସୁରିଙ୍ଗ୍ ମାରି ଉଣ୍ଡାତିମାର୍‌ଇ
ଲୋକାଙ୍ଗ୍ ଲାକ୍‌ତୁ କୁକ୍‌ସି ଇର୍‌ଆନ୍, “ଏନ୍‌ବା ନାୱାଲେ ୱାଦେଙ୍ଗ୍
ବଦା କିନାନ୍,” ୱାଣ୍ଡୁ ନିଜେ ନାନ୍ ଇନିକା ସିଲେ ଇଜି ଅଡ଼୍‌ବିପିନ୍,
ୱାଣ୍ଡୁ ନା ଉଣ୍ଡିଙ୍ଗ୍ ଦୁକ୍ ମାରି ସାନିକା ବଦା କିଜି ୱାଲେ ୱାଲେ ରାପିନ୍
।
୩୫ ଏନ୍‌ବା ନିଜେଦି ଜିବନ୍‌ତିଙ୍ଗ୍ ରକିୟା କିଦେଙ୍ଗ୍ ବଦା କିନାନ୍,
ୱାଣ୍ଡୁ ୱାନି ଜିବନ୍ ଆରା କିନାନ୍; ମାତର୍ ଏନ୍ ନା ଉଣ୍ଡିଙ୍ଗ୍ ମାରି
ଇୟା ସୁସମାଚାର୍ ଉଣ୍ଡିଙ୍ଗ୍ ନିଜେଦି ଜିବନ୍ ସିନାନ୍, ୱାଣ୍ଡୁ ୱାନି ଜିବନ୍
ରକିୟା କିନାନ୍ ।
୩୬ ମାରି, ଜଦି ଅରେନ୍ ଲୋକୁ ସାରାଦୁନିଆଦିଙ୍ଗ୍ ଜିଣାଜି ୱାନି
ଜିବନ୍ ଆରା କିନାନ୍, ଲୋକୁ ୱାନି ଇନିକା ଲାଭ୍ ଆନାଡ୍ ?

---

✡ **୮:୨୯** ଜୋହନ ୬:୬୮,୬୯. ✡ **୮:୩୪** ମାତିଉ ୧୦:୩୮; ଲୁକ ୧୪:୨୭.

୩୭ ମାରି, ଲୋକୁ ୱାନି ଜିବନ୍‌ତିଙ୍ଗ୍ ଡ଼େସି ପଇଦେଙ୍ଗ୍, ଇନିକା
ସିଦେଙ୍ଗ୍ ଆଟ୍‌ନାନ୍ ?
୩୮ ଜଦି ଏନ୍‌ବା ନା ଉଣ୍ତିଙ୍ଗ୍ ନା ସୁସମାଚାର୍ ଉଣ୍ତିଙ୍ଗ୍ ଇୟା
ଦୁନିଆଦି ଦାରିପାଣିକିନି ଲୋକାମାଣାନ୍ ମାରି ପାପି ଲୋକ୍‌ତି ଲାକ୍‌ତୁ
ନା ବାକ୍ୟ ବିସୟତାନ୍ ସେମାର୍ ଆନାନ୍, ମନୁଷ୍ୟପୁତ୍ର ଏସ୍ତିୱାଲେ
ପବିତ୍ର ଦୁଦ୍‌କାୱାଲେ ୱାନି ବୁବାସିଦି ମହିମାଦାନ୍ ମାରିଡ଼େସି ୱାନାନ୍,
ଆୟାୱାଲେ ୱାନ୍‌ବା ଆୟା ବିସୟତାନ୍ ସେମାର୍ କିନାନ୍ ।

# ୯

୧ ମାରିଡ଼େସି ଜିସୁ ୱାରିଙ୍ଗ୍ ୱେର୍‌ତାନ୍, "ନାନ୍ ମିଙ୍ଗିଁ ସତ୍
ଇଜିନା, ମାପୁରୁଦି ରାଜିଦୁ ସାକ୍ତିଦାନ୍ ମାନିବାଡି ସୁଡ଼୍‌ଇ ସାନ୍ଧି ଇବେନୁ
ନିନି ମାନି ଲୋକା ମାଣ୍‌କୁ ଏସୋ ଲୋକୁ ଏଣ୍ଡେସ୍ କିଜିବା ସାନିକା
ୱେଡ଼୍‌ଏର୍ ।"

## ଜିସୁଦି ରୁପ୍ ବାଦ୍‌ଲାତାତ୍
## (ମାତିଉ ୧୭:୧-୧୩; ଲୁକ ୯:୨୮-୩୬)

୨ ✡ଛଦିନ୍ ୱେନ୍‌କା ଜିସୁ କେବଲ୍ ପିତର୍, ଜାକୁବ ନି ଯୋହନତିଙ୍ଗ୍
ଅର୍‌ସେ ଆସ୍‌ସି ମିସାଜି ୱାରିଙ୍ଗ୍ ଉଣ୍ଡି ପେରି ଗରନ୍‌ତୁ ଅତାନ୍ ।
୩ ମାରି ଜିସୁ ୱାରିଙ୍ଗ୍ ସୁଡ଼ବୁ ସୁଡ଼ବୁ ୱାନି ମୁର୍‌ତି ବାଦଲାତାତ୍, ୱାନି
ଆଙ୍ଗିଁ ଇୟାୱାଜା ଜାୟ୍ ନି ପୁରା ଅଡ଼ିନିକା ଆତାତ୍ ଯେ, ଦୁନିଆତି
ଏମେ ନର୍‌ବାନି ଲୋକ୍‌ବା ଇୟାୱାଜା ଅଡ଼ିନିକା କିଦେଙ୍ଗ୍ ଆଟ୍‌ଏନ୍ ।
୪ ମାରି, ମୋଶା ନି ଏଲିୟ୍ ଜିସୁୱାଲେ ୱାର୍‌ଗିଜି ମାର୍‌ରିକା ୱାରିଙ୍ଗ୍
ତରାତାତ୍ ।
୫ ଆବେନୁ ପିତର ଜିସୁଙ୍ଗୁଁ ଇର୍ହାନ୍, "ଏ ଗୁରୁ, ମାପ୍ ଜେ ଇୟା
ବାଡିଦୁ ଏସୋ ନେଗେନ୍‌ତାନ୍ ମାନାପ୍, ମାପୁ ମୁଣ୍ଡି ଗୁଡ଼େଏଙ୍ଗ୍ ତିଆର୍
କିନାପ୍, ନି ଉଣ୍ତିଙ୍ଗ୍ ଉନ୍‌ଡ୍ରି, ମୋସାଦି ଉଣ୍ତିଙ୍ଗ୍ ଉନ୍‌ଡ୍ରି ମାରି ଏଲିୟ୍‌ଦି
ଉଣ୍ତିଙ୍ଗ୍ ଉନ୍‌ଡ୍ରି ।"
୬ ପିତର ଇନି ଉତର୍ ସିଦେଙ୍ଗ୍ ଇଜି ନେସ୍‌ଏନ୍ ମାରାନ୍, ଆବେଟ୍
ସିସୁର୍ ନାଣ୍ଡ ତିଲାତା ସର୍‌ଆର୍ ।

---

✡ **୯:୨** ୨ ପିତର ୧:୧୭,୧୮.

୭ ✡ମାରି, ଖାଣ୍ଡେକ୍ ବାଦଡ଼୍ ଇମ୍‌ଜି ୱାତା ଦୋ ୱାରିଙ୍ଗ୍ ବାଦଡ଼ତି
ନିଡ଼୍‌ଗା ପିଡ଼ିକ୍‌ତାଡ଼୍; ମାରି ଆୟା ବାଦଡ଼ତାନ୍ ଉଣ୍ତି୍ ବଲ୍ ୱାତାଡ଼୍,
“ଏ ନା ଲାଡ଼୍‌ତି ମାରିନ୍, ୱାନି ବାକ୍ୟ ୱେନ୍‌ଡୁ ।”
୮ ମାରି, ଉଲୁସ୍ତେ ସିସୁର୍ ସାରିବେଡ଼୍‌ତି ସୁଡ଼୍‌ତ୍ତାର୍ ୱାରି
ତଡ଼୍‌କାୱାଲେ ଲୋକା ଲୋଇରାନ୍ କେବଲ୍ ଜିସୁଙ୍ଗୁଁ ଡ଼ିସ୍‌ତିଙ୍ଗ୍
ମାରି ଏଙ୍ଗ୍‌ବା ସୁଡ଼୍‌ଏତାର୍ ।
୯ ୱାର୍ ଗରନ୍‌ତାନ୍ ରେତାଜି ୱାନିୱାଲେ ଜିସୁ ସିସୁରିଙ୍ଗ୍ ଆଟ୍‌ୱା
ମାଟା ସିଜି ୱେର୍‌ତାନ୍, “ମିର୍ ଆମାକା ଆମାକା ସୁଡ଼୍‌ତିଦେର୍,
ଆୟାୱିଜୁ ସାତି ଲୋକାମାଣ୍‌କୁ ନାନ୍ ଯେ ମନୁଷ୍ୟପୁତ୍ରଦି ମାରିଡ଼େସି
ଜିବନ୍ ଆନି ସାନ୍ଦି ଆୟାମାଟା ଏଙ୍ଗ୍‌ବା ଇନ୍‌ମାଟ୍ ।”
୧୦ ଆବେଟ୍ ୱାର୍ ଆୟା ମାଟା ଆସ୍‌ତାରୋ ସାଜ ମାରିଡ଼େସି
ଜିବନ୍‌ଆଜି ନିଂଇକା ଇନିକା, ଆୟା ବିସୟତାନ୍ ୱାରି ୱାରି ଲଅ
ୱାର୍‌ଗିତାର୍ ।
୧୧ ✡ମାରି, ସିସୁର୍ ଜିସୁଙ୍ଗୁଁ ୱେନ୍‌ବାତାର୍, “ଏଲିୟ୍ ଆଗ୍‌ଡ଼ି ୱାନିକା
ମାନାଡ଼୍ ଇଜି, ଶାସ୍ତ୍ରୀର୍ ଏନ୍ଦା ଇନାର୍ ?”
୧୨ ଆବେନୁ ଜିସୁ ସିସୁରିଙ୍ଗ୍ ୱେର୍‌ତାନ୍, ଏଲିୟ୍ ଆଗ୍‌ଡ଼ି ୱାନାନ୍‌ନୋ
ୱିଜୁ ବିସୟ ମାରିଡ଼େସି ତିଆର୍ କିନିକା ସତେନେ । ମାତର୍ ନାନ୍
ଯେ ମନୁସ୍ୟପୁତ୍ର ନାଣ୍ତ ଦୁଃକ୍ ବୋଗାଜି ନିନ୍ଦା ପଇନା ମାରି ସେମାର୍
ପୟନା, ଇୟାକା ଏଣ୍ଣେସ୍ ୱାନି ବିସୟତାନ୍ ରାସ୍‌ତିକା ମାନାଡ଼୍ ?
୧୩ ମାତର୍ ନାନ୍ ମିଙ୍ଗିଁ ଇଜିନା, “ଏଲିୟ୍ ୱାତାଡ଼୍‌ନି, ମାରି ୱାନି
ବିସୟତୁ ଏଣ୍ଣେସ୍ ରାସାତା ମାନାଡ଼୍, ଆୟାୱାଜା ୱାରୁ ୱାନି ଉଣ୍ତିଙ୍ଗ୍
ଆମାକା ବଦା ଆୟାକା କିତାମାନାର୍ ।”

## ଜିସୁ ଅରେନ୍ ଦୁବାକାସ୍ତି କଡ଼ଦିଙ୍ଗ୍ ନେଗେଣ୍ତ କିତାନ୍ (ମାତିଉ ୧୭:୧୪-୨୦; ଲୁକ ୯:୩୭-୪୩)

୧୪ ୱେନ୍‌କା ୱାର୍ ଆଇ ସିସୁରି ଲାକ୍‌ତୁ ୱାତା ରୋ ସୁଡ଼୍‌ତ୍ତାର୍,
ୱାରି ସାରିବେଡ଼୍‌ତି ନାଣ୍ତ ଲୋକୁ ଉଣ୍ତାତାର୍, ମାରି ଶାସ୍ତ୍ରୀର୍ ୱାରିୱାଲେ
ମାଟାଦିଙ୍ଗ୍‌ମାଟା ଆନିକା ସୁଡ଼୍‌ତ୍ତାନ୍ ।

✡ **୯:୭** ମାତିଉ ୩:୧୭; ମାର୍କ ୧:୧୧; ଲୁକ ୩:୨୨. ✡ **୯:୧୧** ମାତିଉ ୧୧:୧୪.

୧୫ ଲୋକ୍‌ଡର୍ ଜିସୁଙ୍ଗୁଁ ଉଲୁସ୍ତେ ସୁଡ଼୍‌ତି ଦାପ୍ରେ ବେମ୍ରି ଆତା
ସର୍‌ଆର୍ ମାରି ଉରୁକ୍‌ସି ୱାଜି ଜିସୁଙ୍ଗୁଁ ମାଡ଼ିସ୍‌କିଦେଙ୍ଗ୍ ଆସ୍‌ତାର୍ ।
୧୬ ଜିସୁ ୱାନି ସିସୁରିଙ୍ଗ୍ ୱେନ୍‌ବାତାନ୍, "ମିର୍ ଶାସ୍ତ୍ରୀରି ୱାଲେ
ଇନିକା ମାଟାଦିଙ୍ଗ୍‌ମାଟା ଆଜି ସାଜି ମାର୍‌ଇଦେର୍ ?"
୧୭ ଲୋକାମାଣ୍‌କୁ ଅରେନ୍ ଜିସୁଙ୍ଗୁଁ ଉତର୍ ସିତାନ୍, "ଏ ଗୁରୁ, ନାନ୍
ନା ମାରିନ୍‌ତିଙ୍ଗ୍ ନି ଲାକ୍‌ତୁ ତାତାମାର୍‌ହା; ୱାନିଙ୍ଗ୍ ଉଣ୍ଡି ଗୁଲାଦୁବା
ଆସ୍ତାମାନାଡ୍;
୧୮ ଆମା ବାଡିଦୁ ଆପିଡ୍ ଦୁବା ୱାନିଙ୍ଗ୍ ଆସ୍‌ନାଡ୍, ୱାନିଙ୍ଗ୍
ଆଡ଼୍‌ଗି ଆର୍‌ପ୍‌ନାଡ୍, ୱାନି ମକ୍‌ମତାନ୍ ପେପଲ୍ ସନାଡ୍ ମାରି ୱାଣ୍ଡୁ
ପାଲ୍‌କୁ କାଡ୍ରେକିନାନ୍, ମାରି ୱାଡ୍ଡୁ ୱାର୍‌ସି ସଲ୍‌ସିନାନ୍; ଆୟା ଦୁବା
ପେର୍‌ଦେଙ୍ଗ୍ ଉଣ୍ଡିଙ୍ଗ୍ ନାନ୍ ନି ସିସୁରିଙ୍ଗ୍ ୱେର୍‌ତା, ମାତର୍ ନି ସିସୁର୍
ଦୁବା ପେର୍‌ଦେଙ୍ଗ୍ ଆଟ୍‌ଏତାର୍ ।"
୧୯ ଜିସୁ ୱାରିଙ୍ଗ୍ ଇର୍ହାନ୍, "ଏ ଅବିସ୍‌ବାସ୍‌ତି କୁଟୁମ୍ ! ଏସୋଦିନ୍
ନାନ୍ ମି ୱାଲେ ମାନା ? ଏସୋଦିନ୍ ନାନ୍ ମି ପାଣି କିଜିମାନା ?
ମାରିନ୍‌ତିଙ୍ଗ୍ ନା ଲାକ୍‌ତୁ ଆସ୍‌ସି ରାଦୁ ।"
୨୦ ଆବେଟ୍ ୱାର୍ ୱାନିଙ୍ଗ୍ ଜିସୁ ଲାକ୍‌ତୁ ତାତାର୍ । ମାରି,
ଜିସୁଙ୍ଗୁଁ ସୁଡ଼୍‌ଡୁଦାପ୍ରେ ଦୁବା ଆୟା କଡ଼୍‌ଦିଙ୍ଗ୍ ବୟ୍‌ଙ୍କାର୍‌ତାନ୍ ତିର୍‌ପିସି
ଆସ୍‌ତାଡ୍ ମାରି କଡ଼୍ ବୁମିଦୁ ଆର୍‌ଜି ୱେୟୁତାନ୍ ପେପଲ୍ ସପ୍‌ସି
ଗୁର୍‌ଦେଙ୍ଗ୍ ଆସ୍‌ତାନ୍ ।
୨୧ ନାସ୍ତିୱାଲେ ଜିସୁ କଡ଼୍‌ଦି ବୁବାସିଙ୍ଗ୍ ୱେନ୍‌ବାତାନ୍, ଏସୋ ଦିନ୍
ଆତାଡ୍ ଇୟାକା ଇୟାୱାଜା ଆତାମାନାଡ୍ ? ୱାଣ୍ଡୁ ୱେର୍‌ତାନ୍,
"ଇସ୍ରିରି ୱାଲେରାନ୍‌ନେ ।"
୨୨ "ଦୁବା ୱାନିଙ୍ଗ୍ ଡ଼େଇଦେଙ୍ଗ୍ ଏସଦେବା ସିସୁ ନି ଏର୍‌ତୁ
ପୋକ୍‌ତାମାର୍‌ଆଡ୍; ମାତର୍ ନିନ୍ ଜଦି କିଦେଙ୍ଗ୍ ଆଟ୍‌ନି, ଆତିଙ୍ଗ୍ ମା
ଉଣ୍ଡିଙ୍ଗ୍ ଦୟା କିଜି ମାଙ୍ଗେଁ ସାହାଜ୍ୟ କିଆ ।"
୨୩ ଆବେଟ୍ ଜିସୁ ୱାନିଙ୍ଗ୍ ୱେର୍‌ତାନ୍, "ଇନିକା ଇର୍‌ଇ ? ଜଦି
କିଦେଙ୍ଗ୍ ଆଟ୍‌ନି ! ଏନ୍ ବିସ୍‌ବାସ୍ କିନାନ୍ ୱାନି ଉଣ୍ଡିଙ୍ଗ୍ ୱିଜୁ ଆନାଡ୍
।"
୨୪ ଆୟାଦାପ୍ରେ କଡ଼୍‌ଦି ବୁବାସି ନାଣ୍ତ ଆଉଲି ଆଜି ଇର୍‌ଆନ୍, "ନାନ୍
ବିସ୍‌ବାସ୍ କିଜିନା, ନା ବିସ୍‌ବାସ୍ ନାଣ୍ତ କିଦେଙ୍ଗ୍ ନାଂଇ ସାହାଜ୍ୟ କିଆ
।"

୨୫ ତାନେୱେନ୍‌କା ଲୋକ୍‌ଡର୍ ଅର୍‌ସେ ଉରୁକ୍‌ସି ୱାଜିନାର୍ ଇକା
ସୁଡ଼ତ୍ରାନ୍‌ନୋ ଜିସୁ ଆୟା ଦୁବାଦିଙ୍ଗ୍ ଆଦ୍‌ରିସି ଇର୍‌ଆନ୍, "ଏ ଗୁଲା ନି
ବଇରା ଆମ୍ବା," ନାନ୍ ନିଂଇ ଆଦେସ୍ ସିଜିନା, "ଇୟା କଡ଼ଦି ମାଣ୍‌କୁ
ସହସି ସାଙ୍ଗ୍, ମାରି ଏସାଙ୍ଗ୍‌ବା ୱାନି ଲୋଇ ଡ଼ଗୁମା ।"
୨୬ ଆବେଟ୍ ଆୟା ଦୁବା ଆଉଲି ଆଜି କଡ଼ଦିଙ୍ଗ୍ ଆଡ୍‌ଗି ପେର୍‌ଜି
ପୋକ୍‌ସି ୱାନି ମେନ୍ଧଲ୍ ଲୋଇରାନ୍ ସତା ସର୍‌ଆଡ୍, ମାରି ଆୟା କଡ଼
ସାତିୱାଜା ଆତାନ୍, ଇୟାୱାଜାକି ଏସୋ ଲୋକ୍‌ଡର୍ ଇର୍ହାର୍, "ୱାଣ୍ତୁ
ସାତାନ୍ ।"
୨୭ ମାତର୍ ଜିସୁ ୱାନି କିୟୁ ଆସ୍‌ତାନ୍‌ନୋ କଡ଼ଦିଙ୍ଗ୍ ନିକ୍‌ତାନ୍, ମାରି
ୱାଣ୍ତ୍ରୁ ନିଙ୍ଗ୍‌ତାନ୍ ।
୨୮ ମାରି, ଜିସୁ ଇଲୁ ଲୋଇ ୱାତାନ୍, ୱାନି ସିସୁରି ଜିସୁଙ୍ଗୁଁ ଏନ୍
ନେସେଇ ୱାଜା ୱେନ୍‌ବାତାର୍, "ମାପ୍ ଇନ୍‌ଦାନିଙ୍ଗ୍ ଆୟା ଦୁବାଦିଙ୍ଗ୍
ପେର୍‌ଦେଙ୍ଗ୍ ଆଟ୍‌ଏତାପ୍ ?"
୨୯ ଜିସୁ ସିସୁରିଙ୍ଗ୍ ୱେର୍‌ତାନ୍, "ଇୟାୱାଜା ଦୁବା ଆବ୍‌କା
ପାର୍‌ତାନା ଶକ୍ତିଦାଣ୍ତ ପେର୍‌ଦେଙ୍ଗ୍ ଆଟ୍‌ତେଙ୍ଗ୍ ଆନାଡ୍, ମାରି ଆଇ
ଉପାୟ ସାରି ସିଲେଡ୍ ।"

## ଜିସୁ ମାରିଡ଼େସି ୱାନି ସାନି ବିସୟ ଇର୍‌ଆନ୍
## (ମାତିଉ ୧୭:୨୨-୨୩; ଲୁକ ୯:୪୩-୪୫)

୩୦ ଜିସୁ ନି ୱାନି ସିସୁର୍ ଆୟା ବାଡି ଡ଼ିସ୍‌ସି ଗାଲିଲି ରାଜି ସାନ୍ଧିସିଜି
ସରଆର୍ । ମାରି ଏମେ ବାଡିଦୁ ମାନାନ୍ ଏନ୍‌ବା ନେସ୍‌ମାପିର୍ ଇଜି
ୱାଣ୍ତ୍ରୁ ବୁଦାକିଜିମାର୍‌ଆନ୍,
୩୧ ମାତର୍ ୱାନ୍ ୱାନି ସିସୁରିଙ୍ଗ୍ ଇୟା ମାଟା ସିଜି ଶିକ୍ଷା ସିତାନ୍ ।
ମାରି ୱାନ୍ ଇର୍‌ଆନ୍, "ନାନ୍ ଯେ ମନୁସ୍ୟପୁତ୍ର ଲୋକା କିୟୁଦୁ ସର୍ପେ
ଆଦେଙ୍ଗ୍ ସଲ୍‌ସିନାନ୍, ମାରି ୱାରୁ ନାଂଇ ଡାକ୍‌ନାର୍, ମାରି ନାନୁ ସାନା
ମାତର୍ ନାନୁ ମୁନେଟି ୱେନ୍‌କା ମାରିଡ଼େସି ଜିବନ୍‌ଆଜି ନିଙ୍ଗ୍‌ନା ।"
୩୨ ମାତର୍ ସିସୁର୍ ଆୟା ମାଟା ବୁଝାଏତାର୍ ମାରି ୱାନିଙ୍ଗ୍
ୱେନ୍‌ବାଦେଙ୍ଗ୍ ଡିଲାଜି ମାର୍‌ଆର୍ ।

## ଜିସୁ ଇନାନ୍ ୱିଜେରିଙ୍ଗ୍ ପେରିକାନ୍ ଏନ୍
## (ମାତିଉ ୧୮:୧-୫; ଲୁକ ୯:୪୬-୪୮)

୩୩ ୱେନ୍‌କା ଜିସୁ ନି ୱାନି ସିସୁର୍ କପର୍‌ନାହୁମ୍ ନାର୍‌ତୁ ୱାତାର୍
। ୱାନ୍ ଇନ୍‌ଡ୍ର ଇତାନ୍‌ନୋ ସିସୁରିଙ୍ଗ୍ ୱେନ୍‌ବାତାନ୍, “ମିର୍ ସାର୍‌ଦୁ
ୱାନିୱାଲେ ଇନି ବିସୟତାନ୍ ୱାରଗିଜିସାଜି ମାର୍‌ଇଦେର୍ ?”
୩୪ ☆ମାତର୍ ସିସୁର୍ ଆଲେତା ମାର୍‌ଆର୍, ଇରିଙ୍ଗ୍ ୱାରି ଲୋଇ ଏନ୍
ପେରିକାନ୍, ଇୟା ବିସୟତୁ ୱାର୍ ସାରିଦୁ ଲୋଇ ଲୋଇ ୱାର୍‌ଗିଜି
ସାଜି ମାର୍‌ଆର୍ ।
୩୫ ☆ଆବେନ୍ ଜିସୁ ବାସ୍‌ତାନ୍‌ନୋ ବାର ଲୋକୁ ସିସୁରିଙ୍ଗ୍ କୁକ୍‌ତାନ୍
ମାରି ୱାରିଙ୍ଗ୍ ଇର୍‌ଆନ୍, “ଜଦି ଏନ୍ ପେରିକାନ୍ ଆଦେଙ୍ଗ୍ ବଦା
କିନାନ୍, ୱାଣ୍ଡ୍ରୁ ୱିଜେରେ ମାଣ୍‌କୁ ନିଜେଦିଙ୍ଗ୍ ନିସ୍‌ରିକା ଆପିନ୍ ମାରି
ୱିଜେରି ସେବାକିନିକାନ୍ ଆପିନ୍ ।”
୩୬ ମାରି, ଜିସୁ ଉଣ୍ଡ୍ରି ଇସ୍ରି କଡ଼ଦିଙ୍ଗ୍ ତାତାନ୍‌ନୋ ୱିଜେରି ଆଗ୍‌ଡ଼ି
ନିଲ୍‌ପ୍‌ତାନ୍ ମାରି ୱାନିଙ୍ଗ୍ ଗାତୁ ବାସା କିଜି ୱାରିଙ୍ଗ୍ ଇର୍‌ଆନ୍,
୩୭ ☆“ଏନ୍‌ବା ନା ଦର୍‌ତୁ ଇୟାୱାଜା ଇସ୍ରି କଡ଼ରିଙ୍ଗ୍ ମାଣ୍‌କୁ ଅରେନ୍
ୱାନିଙ୍ଗ୍ ମାନାନାର୍, ୱାଣ୍ଡ୍ରୁ ନାଂଇ ମାନାନାର୍; ମାରି, ଏନ୍‌ବା ନାଂଇ
ମାନାନାର୍, ୱାଣ୍ଡ୍ରୁ ନାଂଇ ଲାଡ୍ କିଏନ୍, ମାତର୍ ନା ପୋକ୍‌ତିମାନି
ମାଲିକ୍‌ତିଙ୍ଗ୍ ମାନାନାର୍ ।”

## ଏନ୍ ମାଙ୍ଗିଁ ବିରଦ୍ କିଏନ୍, ୱାନ୍ ମା ତରିନ୍
## (ଲୁକ ୯:୪୯-୫୦)

୩୮ ଯୋହନ ଜିସୁଙ୍ଗୁଁ ଇର୍‌ଆନ୍, “ଏ ଗୁରୁ, ମା ଦଲ୍‌ତୁ ସିଲି
ଲୋକ୍‌ତିଙ୍ଗ୍ ନି ଦର୍‌ତାନ୍ ଦୁବା ପେର୍‌ନିକା ସୁଡ଼୍‌ତୁାପ୍, ମାରି ୱାଣ୍ଡ୍ରୁ ମା
ଦଲ୍‌ତୁ ସିଲେନ୍ ଇଜି ମାପ୍ ୱାନିଙ୍ଗ୍ ମନା କିତାପ୍ ।”
୩୯ ମାତର୍ ଜିସୁ ଇର୍‌ଆନ୍, “ୱାନିଙ୍ଗ୍ ମନା କିମାଟ୍,” ମାତର୍ ନା
ଦର୍‌ତି ସାକ୍ତିଦାନ୍ ପାଣି କିନାନ୍ ୱାଣ୍ଡ୍ରୁ ଦାପେ ଦାପେ ନା ବିରଦ୍‌ତାନ୍
ଇନିକା ଇନ୍‌ଡ୍ରେଙ୍ଗ୍ ଆଟ୍‌ଏନ୍, ଇୟାୱାଜା ଲୋକୁ ଏନ୍ ସିଲେନ୍ ।
୪୦ ☆ମାତର୍ ଏନ୍ ମା ବିରୁଦ୍ ମାଟା ଇନ୍‌ଏନ୍, ୱାଣ୍ଡ୍ରୁ ମା ନିଜେତି
ଲୋକୁ ।

☆ **୯:୩୪** ଲୁକ ୨୨:୨୪. ☆ **୯:୩୫** ମାତିଉ ୨୦:୨୬,୨୭; ୨୩:୧୧; ମାର୍କ ୧୦:୪୩,୪୪; ଲୁକ ୨୨:୨୬. ☆ **୯:୩୭** ମାତିଉ ୧୦:୪୦; ଲୁକ ୧୦:୧୬; ଜୋହନ ୧୩:୨୦. ☆ **୯:୪୦** ମାତିଉ ୧୨:୩୦; ଲୁକ ୧୧:୨୩.

୪୧ ✡ନାନ୍ ମିଙ୍ଗ୍ ସତ୍ ଇଜିନା, ମିର୍ କ୍ରିସ୍ତଦି ଲୋକୁ ଆତିମାନି
ଉଣ୍ଡିଙ୍ଗ୍, ଏନ୍‌ବା ନା ଉଣ୍ଡିଙ୍ଗ୍ ଗିଲାସ୍ ଏର୍ ଉଣ୍ଡେଙ୍ଗ୍ ସିନାନ୍, ୱାନ୍
ଏଣ୍ଡେସ୍ କିଜିବା ନିଜେଦି ପୁରସ୍କାର୍ ପଇନିକା ଆରାଏନ୍ ।

## ଆଇ ଲୋକାଙ୍ଗ୍ ପାପ୍ କିବିସ୍‌କିଇ ବିସୟତାନ୍ ଶିକ୍ଷା ସିତାନ୍ *(ମାତିଉ ୧୮:୬-୯; ଲୁକ ୧୭:୧-୨)*

୪୨ ଜିସୁ ମାରି ଇର୍‌ଆନ୍, ଏମେ ଲୋକୁ ନା ଲାକ୍‌ତୁ ବିସ୍‌ବାସ୍
କିଜିମାନି ଇସ୍ରି ଲୋକ୍‌ତି ମାଣ୍‌କୁ ଅରେନ୍ ୱାନିଦି ବିସ୍‌ବାସ୍‌ତୁ ବାଧା
ସିନିକାନ୍‌ଆନାନ୍, ୱାନି କକ୍‌ଲାଦୁ ଉଣ୍ଡି ପେରି ଗୁଡ଼ୁବେଲି କାଲୁ
ତର୍‌ସି ୱାନିଙ୍ଗ୍ ସାମ୍‌ଦୁର୍‌ତୁ ପୋକ୍‌ତିଙ୍ଗ୍ ନେଗେଣ୍ଡୁ ଆତାଡ୍‌ମାନ୍ଧି ।
୪୩ ✡ମାରି, ଜଦି ମି ଉଣ୍ଡି କିୟୁ ମିଙ୍ଗ୍ ପାପ୍‌ତି ପାଣି
କିବିସ୍‌କିଜିମାନାଡ୍, ଆଦେଙ୍ଗ୍ ଆୟା କିୟୁଦିଙ୍ଗ୍ କୟଜ ପୋକ୍‌ତୁ;
ଇରିଙ୍ଗ୍ ରୁଣ୍ଡି କିକୁ ଅସ ନରକଦୁ, ୱିଜୁଦିନ୍ ସିସୁକାସ୍‌ସି ମାନି ନର୍କଦୁ
ସନି ବାଦ୍‌ଲୁ ଗୁଲା ଆଜି ଜିବନ୍ ଆସ୍‌ସି ମୁସ୍‌କୁପୁରତୁ ସନିକା ମି
ଉଣ୍ଡିଙ୍ଗ୍ ନେଗେଡ୍ ।
୪୪ ଇରିଙ୍ଗ୍ ନର୍କଦୁ ୱାରିଙ୍ଗ୍ ଏମେ ପିଡ଼୍‌କୁ ତିନେ ଆକେଙ୍ଗ୍ ଏସାଙ୍ଗ୍‌ବା
ସାଉ, ମାରି ଆୟା ସିସୁ ଏସ୍‌ସାଙ୍ଗ୍‌ବା ନାମ୍‌ଏଡ୍ । *
୪୫ ମାରି, ମି ପାଦାମ୍ ଉଣ୍ଡିଙ୍ଗ୍ ମି ବିସ୍‌ବାସ୍ ନାଷ୍ଟ ଥ୍ରାନାଡ୍, ଆଦେଙ୍ଗ୍
ଆୟା ପାଦାମ୍‌କାଙ୍ଗ୍ କୟଜ ପୋକ୍‌ତୁ, ରୁଣ୍ଡି ପାଦାମ୍‌କାଙ୍ଗ୍ ଅର୍‌ସେ
ନରକଦୁ ସନି ବାଦ୍‌ଲୁ ସଟା ଆଜି ଜିବନ୍ ଅସି ମୁସ୍‌କୁପୁର୍‌ତୁ ସନିକା
ନେଗେଡ୍ ।
୪୬ ଇରିଙ୍ଗ୍ ନର୍କଦୁ ୱାରିଙ୍ଗ୍ ଏମେ ପିଡ଼୍‌କୁ ତିନେ ଆକେଙ୍ଗ୍ ଏସାଙ୍ଗ୍‌ବା
ସାଉ, ମାରି ଆୟା ସିସୁ ଏସ୍‌କାଙ୍ଗ୍‌ବା ନାମ୍‌ଏଡ୍ । †
୪୭ ✡ମାରି, ମି କାଣ୍‌ଗା ଉଣ୍ଡିଙ୍ଗ୍ ଜଦି ମି ବିସ୍‌ବାସ୍ ନାସ୍ଟ ଆଜିନାଡ୍,
ଆଦେଙ୍ଗ୍ ଆୟା କାଣ୍‌ଗାଦିଙ୍ଗ୍ ଉନ୍ଦ୍‌ଜ ପୋକ୍‌ତୁ; ରୁଣ୍ଡି କାଣ୍ଡୁକୁ ଅସ
ନରକଦୁ ପୋକ୍‌ନି ବାଦ୍‌ଲୁ ଉଣ୍ଡି କାଣ୍‌ଗା ମାନ୍‌ଜି ମାପୁରୁଦି ପୁର୍‌ତୁ
ସନିକା ମିଙ୍ଗ୍ ନେଗେଡ୍ ।

---

✡ **୯:୪୧** ମାତିଉ ୧୦:୪୨. ✡ **୯:୪୩** ମାତିଉ ୫:୩୦. * **୯:୪୪** ଏସ ପାଡ଼ିଇ ରାସ୍‌ତିମାନୁ ସିଲେଡ୍ । † **୯:୪୬** ଏସ ପାଡ଼ିଇ ରାସାତିମାନୁ ସିଲେଡ୍ । ✡ **୯:୪୭** ମାତିଉ ୫:୨୯.

୪୮ ଇରିଙ୍ଗ୍ ନର୍କଦୁ ୱାରିଙ୍ଗ୍ ଏମେ ପିଡ଼୍କୁ ତିନେ ଏସାଙ୍ଗ୍ବା ସାଉ ।
ମାରି, ଆୟା ସିସୁ ଏସ୍କାଙ୍ଗ୍ବା ନାମ୍ଏଡ୍ ।
୪୯ ପୁଜାସିନି ସର୍ତାନ୍ ନର୍ନି ୱାଜା ୱିଜେରେ ସିସୁଦାନ୍ ନରାଇ
ଆନାର୍ ।
୫୦ ✡ସରୁ ଉଣ୍ଡି ନେଗି ଜିନିସ୍, ମାତର୍ ସର୍ ଜଦି କାର୍ରୟା ଆନିକା
ଗୁଣ୍ଣୁ ଆରାକିନାଡ୍, ତାନେଙ୍ଗ୍ ମାରିଡ଼େସି ଏଣ୍ଣେସ୍ କାରିୟା କିଦେଙ୍ଗ୍
ଆଟ୍ନିଦେର୍ ? “ଆଦେଙ୍ଗ୍ ମିର୍ ସର୍ ୱାଜା ନେଗି ଗୁଣ୍ଣୁ ଆସ୍ତୁ ମାରି
ୱିଜେରି ୱାଲେ ସାନ୍ତିଦାଣ୍ଣ ମାନ୍ଡୁ ।”

# ୧୦

## ମେମାରି ଆଇମା ଡ଼ିସ୍ନି ବିସୟତାନ୍ ଶିକ୍ଷା
## (ମାତିଉ ୧୯:୧-୧୨; ଲୁକ ୧୬:୧୮)

୧ ଜିସୁ ଆୟା ବାଡିଦାଣ୍ଣ ସର୍ଆନ୍ ନୋ ଜିହୁଦା ଇତିରାଜିଦୁ
ସର୍ଆନ୍ ମାରି ଜର୍ଦନ ଗାଡା ନାଆଜି ୱାତାନ୍; ମାରି ନାଣ୍ଡ ଲୋକୁ
ମାରିଡ଼େସି ଜିସୁ ଲାକ୍ତୁ ଉଣ୍ଡାତାର୍, ଜିସୁ ଆଗ୍ଡ଼ିରି ୱାଜାନେ ୱାରିଙ୍ଗ୍
ସିକିୟା ସିଦେଙ୍ଗ୍ ଆସ୍ତାନ୍ ।
୨ ଏସୋ ଲୋକୁ ପାରୁସିର୍ ଜିସୁ ଲାକ୍ତୁ ୱାଜି ୱାନିଙ୍ଗ୍ ପରିକା କିଜି
ୱେନ୍ବାତାର୍, “ନିଜେଦି ଆଡ଼ିଦିଙ୍ଗ୍ ଡ଼ିସ୍ତେଙ୍ଗ୍ ଇନିକା ମେମାରି
ତରଟାନ୍ ମା ନିୟମ୍ ମାନାଡ୍ ନୋ ?”
୩ ଜିସୁ ୱାରିଙ୍ଗ୍ ଉତର୍ ସିତାନ୍, “ମୋସା ମିଙ୍ଗିଁ ଇନି ମାଟା
ୱେର୍ତା ମାନାନ୍ ?”
୪ ✡ୱାର୍ ୱେର୍ତାର୍, “ଡ଼ିସ୍ନି ଆକୁ ରାସ୍ସି ଆଇମାଦିଙ୍ଗ୍
ଡ଼ିସ୍ତେଙ୍ଗ୍ ମୋସା, ୱେର୍ତା ମାନାନ୍ ।”
୫ ଜିସୁ ୱାରିଙ୍ଗ୍ ଇର୍ହାନ୍, “ମି ଜିବନ୍ତି ଆଟୁୱାଦିଙ୍ଗ୍ ସୁଡ଼୍ଜି ମୋସା
ମିଙ୍ଗିଁ ଇୟାୱାଜା ବିଦି ରାସ୍ତା ଇଟ୍ଟା ମାନାନ୍ ।
୬ ମାତର୍ ଏଣ୍ଣେସ୍ ସାସ୍ତ୍ର ଇନାଡ୍, ଆୟାୱାଜା ତିଆର୍ ଆନି
ଆଗ୍ଡ଼ିରାନ୍ ମାପୁରୁ ୱାରିଙ୍ଗ୍ ମେମାରି ନି ଆଇମା କିଜି ତିଆର୍ କିତାନ୍
।

---

✡ **୯:୫୦** ମାତିଉ ୫:୧୩; ଲୁକ ୧୪:୩୪,୩୫. ✡ **୧୦:୪** ମାତିଉ ୫:୩୧.

୭ ଆଦେଙ୍ଗ୍ ଅରେନ୍ ଇୟାଉଣ୍ଡିଙ୍ଗ୍ ମେମାର୍ଏନ୍ ନିଜେଦି
ବୁବାୟାୟେଙ୍ଗ୍ ଡ଼ିସ୍ସି ନିଜେଦି ଆଡ଼ସି ୱାଲେ ତେବାନାନ୍ ମାରି
ଆୟା ରିଏର୍ ଅରେନ୍ଆନାର୍,
୮ ୱାର୍ ରିଏର୍ ଉଣ୍ଡେ୍ନେ ଆନାର୍ । ମାରି ୱାର୍ ରିଏର୍ ଆଏର୍,
ମାତର୍ ଉଣ୍ଡେ୍ନେ ଆନାର୍ ।
୯ ମାପୁରୁ ଆମାକା ମିସାକିତା ମାନାନ୍, ଆକା ଲୋକୁ ୱାରିଙ୍ଗ୍
ୱେର୍ଏ କିମାକିର୍ ।”
୧୦ ୱେନ୍କା ସିସୁର୍ ଇନ୍ଡ୍ର ଡ଼େସି ୱାତି ୱେନ୍କା ଜିସୁଙ୍ଗୁଁ ଇୟା
ବିସୟତୁ ମାରିଡ଼େସି ୱେନ୍ବାତାର୍ ।
୧୧ ✡ଆବେନ୍ ଜିସୁ ୱାରିଙ୍ଗ୍ ଇର୍ଆନ୍, “ଏନ୍ଆପିନ୍ ନିଜେଦି
ଆଡ଼ିଦିଙ୍ଗ୍ ଡ଼ିସ୍ନାନ୍ ନୋ ମାରି ଉନ୍ଣ୍ଡି୍ତାନିଙ୍ଗ୍ ପେଡ଼ି ଆନାନ୍, ଆୟା
ମେମାରି ଆଡ଼ିସ୍ ବିରଦ୍ତାନ୍ ଦାରିପାଣି କିନାନ୍;
୧୨ ମାରି, ଜଦି ଏମେ ଆଇମା ନିଜେତି କନ୍ଲିଙ୍ଗ୍ ଡ଼ିସ୍ସି ମାରି
ଅରେନ୍ ମେମାର୍ଏନ୍ତିଙ୍ଗ୍ ପେଡ଼ି ଆନାଡ଼୍, ଆୟା ଆଇମା ବା ଦାରି
ପାପ୍ତୁ ଦସ୍ ଆନାଡ଼୍ ।”

## ଜିସୁ ଇସ୍ରି କଡ଼ରିଙ୍ଗ୍ ଆସର୍ବାଦ୍ କିତାନ୍
## (ମାତିଉ ୧୯:୧୩-୧୫; ଲୁକ ୧୮:୧୫-୧୭)

୧୩ ଜିସୁ ଏଣ୍ଡେସ୍ ଇସ୍ରି କଡ଼ରିଙ୍ଗ୍ କିୟୁ ଇଡ଼ଜି ଆସର୍ବାଦ୍ କିନି
ଉଣ୍ଡିଙ୍ଗ୍, ଲୋକୁ ଇସ୍ରି କଡ଼ରିଙ୍ଗ୍ ଜିସୁ ଲାକ୍ତୁ ତାତାର୍; ମାତର୍ ସିସୁର୍
ଆୟା ଲୋକାଙ୍ଗ୍ ଆଦ୍ରିସ୍ତେଙ୍ଗ୍ ଆସ୍ତାର୍ ।
୧୪ ସିସୁର୍ ଲୋକାଙ୍ଗ୍ ଲାଗାନିକା ସୁଡ଼ଜି, ଜିସୁ ସିସୁରି ମୁସ୍କୁ ରିସା
ଆତାନ୍ନୋ ଇର୍ହାନ୍, “ଇସ୍ରି କଡ଼ରିଙ୍ଗ୍ ନା ଲାକ୍ତୁ ୱାଦେଙ୍ଗ୍ ସିଦୁ,
ୱାରିଙ୍ଗ୍ ମାନା କିମାଟ୍; ଏନ୍ଧା ଇରିଙ୍ଗ୍ ମାପୁରୁତି ରାଜି ଇୟାୱାଜା ଇସ୍ରି
କଡ଼ରିଦି ।
୧୫ ✡ନାନ୍ ମିଙ୍ଗି ସତ୍ ଇଜିନା, ଏନ୍ ଜଦି ଇସ୍ରିକଡ଼ୱାଜା ମାପୁରୁଦି
ରାଜିଦିଙ୍ଗ୍ ଆସ୍ଏନ୍, ୱାଣ୍ଡୁ୍ଏଣ୍ଡେସ୍ କିଜିବା ଆବେନ୍ ଡ଼ଗ୍ଗୁଦେଙ୍ଗ୍
ଆଟ୍ଏନ୍ ।”
୧୬ ଇୟା ୱେନ୍କା ଜିସୁ ୱାରିଙ୍ଗ୍ ଗାତୁ ଆସ୍ତାନ୍ନୋ କଡ଼ରି ମୁସ୍କୁ
କିୟୁ ଇଡ଼ଜି କଡ଼ରିଙ୍ଗ୍ ଆସର୍ବାଦ୍ କିତାନ୍ ।

---

✡ **୧୦:୧୧** ମାତିଉ ୫:୩୨; ୧ କରିନ୍ଥିୟ ୭:୧୦,୧୧. ✡ **୧୦:୧୫** ମାତିଉ ୧୮:୩.

## ଅରେନ୍ ମାଜନ୍ ମୁରୁଲି ଲୋକ୍‌ତି ମାଟା
## (ମାତିଉ ୧୯:୧୬-୩୦; ଲୁକ ୧୮:୧୮-୩୦)

୧୭ ଜିସୁ ମାରିଡ଼େସି ସନିୱାଲେ ଅରେନ୍ ଲୋକୁ ଉରୁକ୍‌ସି ୱାଜି
ଜିସୁଦି ଆଗ୍‌ଡ଼ି ମେଣ୍ଡେଙ୍ଗ୍ ଗଟ୍‌କିଜି ୱାନିଙ୍ଗ୍ ୱେନ୍‌ବାତାନ୍, “ଏ ସତ୍
ଗୁରୁ, ଏସ୍‌କାଙ୍ଗ୍‌ୱିଜିଇ ଜିବନ୍ ପୟ୍‌ନି ଉଣ୍ଡିଙ୍ଗ୍ ନାନ୍ ଇନିକା କିଦେଙ୍ଗ୍
ଆନାଦ୍ ?”

୧୮ ଆବେନୁ ଜିସୁ ୱାନିଙ୍ଗ୍ ଇର୍ହାନ୍, “ନାଙ୍ଗିଁ ନେଗିକାନ୍ ଇଜି
ଇନିଦାନିଙ୍ଗ୍ ଇଜିନି ?” ମାରି ମାପୁରୁଙ୍ଗୁଁ ଡ଼ିସ୍‌ତିଙ୍ଗ୍, “ମାରି ଆଇକାନ୍
ଏନ୍‌ବା ସତ୍ ।

୧୯ ନିନ୍ ସାସ୍ତ୍ରଦି ନିୟମ୍‌କୁ ୱିଜୁ ନେସ୍ତିମାନି, ଲୋକାଙ୍ଗ୍ ସାୟାମାର୍‌ଗା
ଡାକ୍‌ମାଟ୍, ଦାରିପାଣି କିମାଟ୍, ଡଙ୍ଗାଁ କିମାଟ୍, ଏ ବିରଦ୍‌ତାନ୍ ମିସ୍
ମାଟା ଇନ୍‌ଡ୍ରେଙ୍ଗ୍ ଆଏତ୍, ଲୋକାଙ୍ଗ୍ ଆସା କିମାଟ୍, ନିଜେଦି ବୁବା
ୟାୟାଏଙ୍ଗ୍ ମାନାଦୁ ।”

୨୦ ଆୟା ମାଜନ୍ ଲୋକୁ ଇର୍‌ଆନ୍, “ଏ ଗୁରୁ, ଇୟାୱିଜୁ ନାନ୍
ମୁରୁଲିୱାଲେରାନ୍ ଇୟାୱିଜୁ ନିୟମ୍ ମାନାଜି ୱାଜିନା ।”

୨୧ ଜିସୁ ୱାନି ତରିଣ୍ଡ ସୁଡ଼୍‌ଜି ୱାନିଙ୍ଗ୍ ଲାଡ଼୍‌କିଜି ଇର୍‌ଆନ୍, “ନି
ଉଣ୍ଡି ବିସୟ ଉଣାମାନାତ୍, ସାଙ୍ଗ୍ ନି ୱିଜୁ ଦନ୍ ସମ୍ପତ୍ତି ପର୍‌ସୋ
କାକୁତି ଲୋକାଙ୍ଗ୍ ଡାବୁଙ୍ଗୁଁ ବାଟାକିଜି ସିଆ, ଆବେଟ୍ ନିନ୍
ମୁସ୍‌କୁପୁର୍‌ତି ଦନ୍ ପଇନି; ମାରି, ୱାଜି ନା ୱେନ୍‌କା ବୁଲାଆ ।”

୨୨ ଜିସୁଦି ଇୟା ମାଟା ୱେର୍‌ଆନ୍ ନୋ ଆୟା ଲୋକ୍‌ତି ମକମ୍
ୱାର୍‌ତା ସର୍‌ଆତ୍ ମାରି ୱାନ୍ ଦୁଃକ୍ ଆଜି ଇନ୍‌ଡ୍ର ସର୍‌ଆନ୍, ଇରିଙ୍ଗ୍
ୱାନିଙ୍ଗ୍ ନାଣ୍ଡ ଦନ୍ ସମ୍ପତ୍ତି ମାର୍‌ଆତ୍ ।

୨୩ ଜିସୁ ସାରିବେଡ଼୍‌ତି ସୁଡ଼୍‌ତାନ୍ ନୋ ନିଜେଦି ସିସୁରିଙ୍ଗ୍ ଇର୍ହାନ୍,
“ଏମେ ଲୋକାଙ୍ଗ୍ ନାଣ୍ଡ ଦନ୍ ମାନାଦ୍, ୱାରୁ ବେସି କାସ୍ଟଦାନ୍ ମାପୁରୁତି
ରାଜିଦୁ ସନ୍‌ଡ୍ରେଙ୍ଗ୍ ଆଟ୍‌ନାର୍ ।”

୨୪ ଜିସୁଦି ମାଟା ୱେନ୍‌ଜି ସିସୁର୍ କାବାଆତା ସର୍‌ଆର୍ । ମାତର୍
ଜିସୁ ମାରିଡ଼େସି ୱାରିଙ୍ଗ୍ ଇର୍‌ଆନ୍, “ଏ ନା କଡ଼ର୍, ମାପୁରୁଦି ରାଜିଦୁ
ସନ୍‌ଡ୍ରେଙ୍ଗ୍ ସତେନେ କାସ୍ଟ !

୨୫ ଉଣ୍ଡି ସୁଜିଦି ବର୍ ସିଜି ଉଟ୍ ଡ଼ଗୁନିକା ଉସାସ୍, ମାତର୍ ଅରେନ୍
ମାଜନ୍ ଲୋକୁ ମାପୁରୁଦି ରାଜିଦୁ ସନିକା କାସ୍ଟ ।”

²⁶ ଇୟା ମାଟା ୱେନ୍‌ଜି ସିସୁର୍ ନାଣ୍ଡ କାବା ଆତାର୍ ନୋ ୱାରିୱାରି
ଲୋଇ ୱାର୍‌ଗିଜି ସାତାର୍, "ଆର୍‌ତିଙ୍ଗ୍ ଏନ୍ ରକିୟା ପଇଦେଙ୍ଗ୍
ଆଟ୍‌ନାନ୍ ?"
²⁷ ଜିସୁ ସିସୁରିଙ୍ଗ୍ ସାଡ଼୍‌କୁ ସାଡ଼୍‌କୁ ସୁଡ଼୍‌ଜି ଇର୍ହାନ୍, "ଇକା ଲୋକାଦି
ଉଣ୍ଡିଙ୍ଗ୍ ଆଟ୍‌ୱା, ମାତର୍ ମାପୁରୁଦିଙ୍ଗ୍ ଉଣ୍ଡିଙ୍ଗ୍ ଉସାସ୍, ଇରିଙ୍ଗ୍ ମାପୁରୁ
ୱିଜୁ କିଦେଙ୍ଗ୍ ଆଟ୍‌ନାନ୍ ।"
²⁸ ଇୟା ମାଟା ୱେନ୍‌ଜି ପିତର୍ ଜିସୁଙ୍ଗୁଁ ଇର୍ହାନ୍, "ସୁଡ଼୍‌ଆ, ମାପ୍ ୱିଜୁ
ଡ଼ିସ୍‌ସି ନି ୱେନ୍‌କା ୱାତା ମାନାପ୍ ।"
²⁹ ଜିସୁ ଇର୍ହାନ୍, "ନାନ୍ ମିଙ୍ଗ୍ଁ ସତ୍ ଇଜିନା," ଏମେ ଲୋକୁ ନା
ୱେନ୍‌କା ୱାନି ଉଣ୍ଡିଙ୍ଗ୍ "ମାରି ନା ସୁସମାଚାର୍ ୱେର୍‌ନି ଉଣ୍ଡିଙ୍ଗ୍ ଏନ୍‌ବା
ଇଲୁ, ତଡ଼ାନ୍‌ତିଙ୍ଗ୍ ନି ତାଙ୍ଗ୍ଁ, ବୁବା ନି ୟାୟେଙ୍ଗ୍, କଡ଼କକ୍ରାରିଙ୍ଗ୍
ମାରି ବୁମିବାଡ଼ା ଡ଼ିସ୍‌ତାମାନାନ୍,
³⁰ ମାରି ଇଲେଇ ଇୟା ଜଗ୍‌ତୁ ଦାପେ ଦାପେନେ ଶହେ ଗୁଣୁତାନ୍
ଇଲୁ, ତଡ଼ାନ୍, ତାଙ୍ଗ୍ଁ, ୟାୟା, ମାରିନ୍, ଗାଡ଼ି, ମାରି ଭୁମିବାଡ଼ିଦି
ୱାଲେ କାସ୍ଟବା ପଇନାନ୍ । ମାରି ୱାନି ଦିନ୍‌ତୁ ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍
ପଇନାନ୍ ।
³¹ ✡ମାତର୍ ଇଲେଇ ଏମେ ଲୋକ୍‌ଡର୍ ଆଗ୍‌ଡ଼ି ମାନାର୍, ୱାର୍
ୱେନ୍‌କା ଆନାର୍, ମାରି ୱେନ୍‌କା ମାନି ଲୋକ୍‌ଡର୍ ଆଗ୍‌ଡ଼ି ଆନାର୍
।"

## ଜିସୁ ୱାନି ସାନି ମାଟା ମୁଜା ଇର୍ହାନ୍
## (ମାତିଉ ୨୦:୧୭-୧୯; ଲୁକ ୧୮:୩୧-୩୪)

³² ଇୟା ୱେନ୍‌କା ୱାର୍ ଜିରୁସାଲାମ୍‌ତୁ ସନିୱାଲେ ସାରିଦୁ
ମାରାଆନ୍ ମାରି ଜିସୁ ସିସୁରି ଆଗ୍‌ଡ଼ି ଆଗ୍‌ଡ଼ି ସଲ୍‌ସି ମାର୍‌ଆନ୍,
ମାରି ଶିଶୁର୍ କାବାଆତା ସର୍‌ଆର୍, ମାରି ୱାନି ୱେନ୍‌କା ବୁଲାଜି
ମାର୍‌ଇ ଲୋକ୍‌ଡର୍ ଡିଲାତାସର୍‌ଆର୍ । ଜିସୁ ମାରିଡ଼େସି ବାର
ଲୋକାଙ୍ଗ୍ କୁକ୍‌ସି, ୱାନି ଉଣ୍ଡିଙ୍ଗ୍ ଇନିକା ଇନିକା ୱିଜୁ ଗଟେଆଦେଙ୍ଗ୍
ସଲ୍‌ସିନାତ୍, ଆୟା ବିସୟତାନ୍ ୱିଜୁ ସିସୁରିଙ୍ଗ୍ ଇନ୍‌ଡ୍ରେଙ୍ଗ୍ ଆସ୍‌ତାନ୍
।

✡ **୧୦:୩୧** ମାତିଉ ୨୦:୧୬; ଲୁକ ୧୩:୩୦.

୩୩ ଜିସୁ ଇର୍ହାନ୍, "ୱେନ୍‌ତୁ, ମାପ୍ ଜିରୁସାଲମ୍‌ତୁ ସଲ୍‌ସିନାପ୍; ଆବେ
ମନୁଷ୍ୟପୁତ୍ର ଜେ ନାନ୍ ପେରି ପେରି ଜାଜକ ମାରି ସାସ୍ତ୍ରିରି କିୟୁଦୁ
ସେର୍‌ପାନା, ମାରି ୱାରୁ ନାଂଇ ସାନି ଦଣ୍ଡ୍ ସିନି ଉଣ୍ଡିଙ୍ଗ୍ ଆଇ ଅଣଜିହୁଦି
ଲୋକ୍‌ତି କିୟୁଦୁ ସର୍ପେ କିଜି ସିନାର୍, ନାଂଇ ବିଚାର୍ କିଜି ଡାକ୍‌ନାର୍ ।
୩୪ ମନୁଷ୍ୟପୁତ୍ରଦିଙ୍ଗ୍ ଜେ ନାନ୍ ୱାର୍ ନାଂଇ ସେମାର୍ କିନାର୍,
ନା ମୁସ୍‌କୁ ପୁସ୍‌ନାର୍, ନାଂଇ କୋର୍‌ଡାଦାଣ୍ଡୁ ଡାକ୍‌ନାର୍ ମାରି ନାଂଇ
ସାପିସ୍ କିନାର୍, ମାରି ମୁନେଟି ୱେନ୍‌କା ୱାନ୍ ମାରିଡ଼େସି ଜିବନ୍‌ଆଜି
ନିଙ୍ଗିଁ ନାନ୍ ।"

## ଯାକୁବ ନି ଯୋହନ ଜିସୁଦି ଉଣି ନି ଡେବିରି ତରିଣ୍ଡ ବାସ୍‌ତେଙ୍ଗ୍ ଗୁଆରି କିତାର୍

*(ମାତିଉ ୨୦:୨୦-୨୮)*

୩୫ ଜେବଦଦି ମାରିସିର୍ ଯାକୁବ ନି ଯୋହନ ଜିସୁ ଲାକ୍‌ତୁ ୱାତା
ରୋ ଇର୍ହାର୍, "ଏ ଗୁରୁ," ମା ଉଣ୍ଡିଙ୍ଗ୍ ଇନିକା ବା କିଆ, "ମାପ୍ ନିବାନୁ
ଇନିକା ଲସ୍‌ନାପ୍, ଆୟାକା ମା ଉଣ୍ଡିଙ୍ଗ୍ କିଆ ।"
୩୬ ଜିସୁ ୱାରିଙ୍ଗ୍ ୱେନ୍‌ବାତାନ୍, "ନାନ୍, ମି ଉଣ୍ଡିଙ୍ଗ୍ ଇନିକା କିନା
ଇଜି ମିର୍ ଇନିକା ବଦା କିଜିନିଦେର୍ ?"
୩୭ ୱାରୁ ଜିସୁଙ୍ଗୁଁ ଇର୍ହାର୍, "ମାପୁରୁତି ରାଜିଦୁ ଏସିୱାଲେ ନିନ୍
ମହିମାଦି ରାଜାଗଦିଦୁ ବାସ୍‌ନି ମା ମାଣ୍‌କୁ ଅରେନ୍ ଲୋକ୍‌ତିଙ୍ଗ୍ ନି
ଉଣେରି କିୟୁ ତରିନ୍ ମାରି ଅରେନ୍ ଲୋକ୍‌ତିଙ୍ଗ୍ ନି ଡେବ୍‌ରିକିୟୁ
ତରିନ୍ ବାସ୍ତେଙ୍ଗ୍, ମାଙ୍ଗିଁ ଇୟା ବର୍ ସିଦା ।"
୩୮ ✡ମାତର୍ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ମିର୍ ଇନିକା ଲସ୍‌ସିନିଦେର୍,
ଆୟାକା ମିର୍ ନେସ୍‌ତେଙ୍ଗ୍ କି ବୁଝାଦେଙ୍ଗ୍ ଆଟ୍‌ଏଜିନିଦେର୍ । ନାନ୍
ଏମେ ଦୁଃକୁ ବୋଗାଜି ଉଣ୍ଡେଙ୍ଗ୍ ସନା, ଆୟା ଦୁଃକୁତିଙ୍ଗ୍ ବୋଗାଜି
ଉଣ୍ଡେଙ୍ଗ୍ ଆଟ୍‌ନିଦେର୍ ନୋ ? ନାନ୍ ଏମେ ସାନି ଡୁବନ୍‌ତୁ ଡୁବନ୍ ଅନା
ମିର୍ ଇନିକା ଆୟା ଡୁବନ୍‌ତୁ ଅତେଙ୍ଗ୍ ଆଟ୍‌ନିଦେର୍ ନୋ ?"
୩୯ ୱାର୍ ଜିସୁଙ୍ଗୁଁ ଇର୍ହାର୍, "ହୁଁ ମାପ୍ କିଦେଙ୍ଗ୍ ଆଟ୍‌ନାପ୍ ।" ଜିସୁ
ୱାରିଙ୍ଗ୍ ଇର୍‌ଆନ୍, ନାନ୍ ଏମେ ଦୁଃକୁ ବୋଗାନା, "ମିର୍ ଆବେନୁ

✡ **୧୦:୩୮** ଲୁକ ୧୨:୫୦.

ଭୋଗାନିଦେର୍, ମାରି ନାନ୍ ଏମେ ସାନି ଡୁବନ୍‌ତୁ ଡୁବନ୍ ଅସିନା, ମିର୍
ନା ୱାଜା ଆବେନୁ ଡୁବନ୍ ଅତେଙ୍ଗ୍ ଆଟ୍‌ନିଦେର୍;
୪୦ ମାତର୍ ନା ଉଣେରି କିୟୁ ତରିଣ୍ଡ ନି ଡେବିରି କିୟୁ ତରିଣ୍ଡ ବାସିସ୍
କିଦେଙ୍ଗ୍ ନା ଅଦିକାର୍ ବିସୟ୍ ସିଲେତ୍; ମାତର୍ ଏମେ ଲୋକ୍‌ତି
ଉଣ୍ଡିଙ୍ଗ୍ ମା ବୁବା ଆୟା ବାଡି ତିଆର୍ କିତା ଇଟ୍‌ତାମାନାନ୍, ଆୟା
ବାଡିଦୁ ୱାର୍ ବାସ୍‌ନାର୍ ।”

୪୧ ଇୟା ମାଟା ୱେର୍‌ଆର୍ ନୋ ଆଇ ଦାସ୍‌ଲୋକ୍ ସିସୁର୍ ଜାକୁବ
ନି ଯୋହନତି ମୁସ୍‌କୁ ରିସା ଆତାର୍ ।
୪୨ ✡ଜିସୁ ୱାରିଙ୍ଗ୍ ଲାକ୍‌ତୁ କୁକ୍‌ତାନ୍‌ନୋ ଇର୍‌ଆନ୍, “ଏମେ ଲୋକୁ
ଅଣଜିହୁଦି ମାଣ୍‌କୁ ଶାସନ କିନି ଲୋକାୱାଜା ୱେଙ୍ଗ୍ ନାଁର୍, ୱାର୍
ୱାରି ମୁସ୍‌କୁ ଶାସନ୍ କିଜିନାର୍ ମାରି ୱାରି ରାଜାର୍ ୱାରି ମୁସ୍‌କୁ ଶାସନ୍
କିଜିନାର୍, ମିର୍ ଇୟାକା ନେସ୍‌ତିମାନିଦେର୍ ।
୪୩ ✡ମାତର୍ ମି ମାନୁ ଆୟାୱାଜା ସିଲେତ୍; ମାତର୍ ମି ମାଣ୍‌କୁ ଏନ୍
ଜଦି ପେରିକାନ୍ ଆଦେଙ୍ଗ୍ ବଦା କିନାନ୍, ୱାଣ୍ଡୁ ମି ସେବାକିନିକାନ୍
ଆପିନ୍ ।
୪୪ ମାରି ମି ମାଣ୍‌କୁ ଏନ୍‌ଆପିନ୍ ପେରିକାନ୍ ଆଦେଙ୍ଗ୍ ବଦାକିନାନ୍,
ୱାଣ୍ଡୁ ୱିଜେରି ଗଡିମୁରୁଲି ଆପିନ୍ ।
୪୫ ଇରିଙ୍ଗ୍ ମନୁସ୍ୟପୁତ୍ର ଜେ ନାନ୍ ସେବା ପଇଦେଙ୍ଗ୍ ରେଏ, ମାତର୍
ସେବା କିଦେଙ୍ଗ୍ ୱାତାମାନା ମାରି ୱିଜୁ ଲୋକାଙ୍ଗ୍ ରକିୟା କିଜି
ନିଜେଦି ଜିବନ୍ ସିଦେଙ୍ଗ୍ ଇଜି ୱାତାମାନା ।”

## ଜିସୁ ବାର୍ଟୀମୟ କାଣେଙ୍ଗ୍ ନେଗେଣ୍ଡ କିତାନ୍
## *(ମାତିଉ ୨୦:୨୯-୩୪; ଲୁକ ୧୮:୩୫-୪୩)*

୪୬ ଜିସୁ ମାରି ୱାନି ସିସୁର୍ ଜିରିହୋ ଗାଡ଼୍‌ତୁ ୱାତାର୍, ମାରି ୱାର୍
ନାଣ୍ଡଲୋକୁ ୱାଲେ ସଲ୍‌ସି ମାର୍‌ଆର୍, ଯିରିହୋତି ଆୟା ଗାଡ଼୍ ଡ଼ିସ୍‌ସି
ସନିୱାଲେ, ଟିମାୟଦି ମାରିନ୍ ବାର୍ଟୀମୟ ଦରତିକାନ୍ ଅରେନ୍ କାଣା
ଭିକାରି ସାରି ଲାକ୍‌ତୁ ବାସ୍ତା ମାର୍‌ଆନ୍ ।

---

✡ **୧୦:୪୨** ଲୁକ ୨୨:୨୫,୨୬. ✡ **୧୦:୪୩** ମାତିଉ ୨୩:୧୧; ମାର୍କ ୯:୩୫; ଲୁକ ୨୨:୨୬.

୪୭ ୱାନ୍ ଜେ ନାଜରିତିୟ ଜିସୁ, ଆୟା ସାରିଦୁ ସଲ୍‌ସିନାନ୍ ଇଜି
ୱେନ୍‌ଜି ଆୟା କାଣା ବିକାରି ନାଣ୍ତ ଆଉଲି ଆଜି ଇର୍‌ଆନ୍, “ଏ
ଦାଉଦତି ମାରିନ୍ ଜିସୁ, ନାଙ୍ଗିଁ ଦୟା କିଆ ।”
୪୮ ଆବେନୁ ଏସଲୋକ୍ ୱାନିଙ୍ଗ୍ ଆଲେଜ ମାନ୍‌ଡ୍ରେଙ୍ଗ୍ ଇଜି
ଆଦିରିସ୍‌ତେଙ୍ଗ୍ ଆସ୍‌ତାର୍, ମାତର୍ ୱାଣ୍ତୁ ମାରି ନାଣ୍ତଦାଣ୍ତ ଆଉଲି
ଆଜି ଇର୍‌ଆନ୍, “ଏ ଦାଉଦତି ମାରିନ୍, ନାଙ୍ଗିଁ ଅଡ଼ପ୍ ଦୟା କିଆ
!”
୪୯ ଆବେନୁ ଜିସୁ ତେବାତାନ୍ ନୋ ଇର୍‌ଆନ୍, “ୱାନିଙ୍ଗ୍ କୁକ୍‌ତୁ ।”
ୱାର୍ ଆୟା କାଣା ଭିକାରିତିଙ୍ଗ୍ କୁକ୍‌ସି ଇର୍‌ଆନ୍, “ସାସ୍ ଆସ୍‌ଆ,
ନିଂଆ, ଜିସୁ ନିଂଇ କୁକ୍‌ସିନାନ୍ ।”
୫୦ ଆବେଟ୍ ୱାଣ୍ତୁ ନିଜେଦି ସାଦର୍ ପୋକ୍‌ତାନ୍ ନୋ ନିଂଇଜି ଜିସୁ
ଲାକ୍‌ତୁ ୱାତାନ୍ ।
୫୧ ଜିସୁ ୱାନିଙ୍ଗ୍ ୱେନ୍‌ବାତାନ୍, “ନାନ୍ ନି ଉଣ୍ତିଙ୍ଗ୍ ଇନିକା କିନା ଇଜି
ନିନୁ ବଦା କିଜିନି ?” ଆୟା କାଣା ଲୋକୁ ଜିସୁଙ୍ଗୁଁ ଇର୍‌ଆନ୍, “ଏ ଗୁରୁ,
ନାନ୍ ଏଣ୍ତେସ୍ ସୁଡ଼ୁଦେଙ୍ଗ୍ ଆଟ୍‌ନା ।”
୫୨ ଜିସୁ ୱାନିଙ୍ଗ୍ ଇର୍‌ଆନ୍, “ସାଙ୍ଗ୍‌ଆ, ନି ବିସ୍‌ବାସ୍ ନିଙ୍ଗିଁ
ନେଗେନ୍ କିତାମାନାଡ୍ ।” ଆୟା ଦାପ୍ରେନେ କାଣା ୱାନି ସୁଡ଼ନୁ ସାକ୍ତି
ପଇତାନ୍ ନୋ ସାରିଦୁ ଜିସୁ ୱେନ୍‌କା ୱେନ୍‌କା ବୁଲାଦେଙ୍ଗ୍ ଆସ୍‌ତାନ୍
।

# ୧୧

## ଜିସୁ ରାଜା ୱାଜା ଯିରୁଶାଲତୁ ସର୍‌ଆନ୍
## (ମାତିଉ ୨୧:୧-୧୧; ଲୁକ ୧୯:୨୮-୪୦; ଜୋହନ ୧୨:୧୨-୧୯)

୧ ଏସିୱାଲେ ଜିସୁ ମାରି ୱାନି ସିସୁର୍ ଜିରୁସାଲମ୍‌ତି ଲାକ୍‌ତୁ ମାନି
ଜୀତ ଗରନ୍‌ତି ଲାକ୍‌ତୁରି ବେଡ୍‌ପାଗି ନି ବେତନିୟା ଇନି ନାର୍‌ତୁ
ଇତାର୍, ନାସ୍ତିୱାଲେ ଜିସୁ ୱାନି ସିସୁରି ଲୋଇ ରିଏରିଙ୍ଗ୍ ଇୟା ମାଟା
ୱେର୍‌ସି ପୋକ୍‌ତାନ୍ ।
୨ “ମି ଆଗ୍‌ଡ଼ି ମାନି ଆୟା ନାଟ ସାନ୍‌ଡୁ; ଆବେ ଇତି ଦାପ୍ରେ, ଆମା
ମୁସ୍‌କୁ ଏନ୍‌ବା ବାସ୍‌ଇ ମାନି ଉଣ୍ତି ଗଦପିଲାଦିଙ୍ଗ୍ ତର୍‌ନି ମାନିକା
ସୁଡ଼୍‌ନିଦେର୍, ଆୟା ଗଦପିଲାଦିଙ୍ଗ୍ କୁଡ୍‌ସ ନା ଲାକ୍‌ତୁ ତାଗାଟ୍ ।

୩ ମାରି, ଏନ୍ ଜଦି ମିଙ୍ଗ ଏନ୍ଦା କୁଡ୍‌ସି ଅସିନିଦେର୍ ଇଜି
ୱେନ୍‌ବାନାନ୍, ଇନିଦେର୍, ପ୍ରବୁଙ୍ଗ୍ ଦର୍‌କାର୍ ମାନାତ୍, ମାରି ୱାନ୍
ଆୟା ଗଦପିଲାଦିଙ୍ଗ୍ ମାରିଡ଼େସି ୱେଡ଼ା କିଏନ୍‌ଣ୍ଡା ବେନୁ ପୋକ୍‌ନାନ୍
।"

୪ ସିସୁର୍ ଆୟା ନାର୍‌ତୁ ସରାରୋ ଉଣ୍ଡି ଇଲୁ ସେର୍‌ଲା ଲାକ୍‌ତୁ
ଆଡ୍‌ରେ ଦୁୱାର୍‌ତୁ ଉଣ୍ଡି ଗଦପିଲାଦିଙ୍ଗ୍ ତର୍‌ତି ମାର୍‌ଇକା
ସୁଡ଼ତୁାରୋ ଗଦଦିଙ୍ଗ୍ କୁଡ୍‌ତାର୍ ।
୫ ଆବେନ୍ ଆୟା ଲାକ୍‌ତୁ ନିରିଇ ମାନି ଲୋକା ମାଣ୍‌କୁ ଏସ
ଲୋକୁ ୱାରିଙ୍ଗ୍ ୱେନ୍‌ବାତାର୍, "ଗଦପିଲାଦିଙ୍ଗ୍ ଇନିକା କିଜିନିଦେର୍,
ଗଦପିଲାଦିଙ୍ଗ୍ ଇନ୍‌ଦାନିଙ୍ଗ୍ କୁଡ୍‌ସିନିଦେର୍ ?"

୬ ଜିସୁ ଇନିକା ଇନ୍‌ଡ୍ରେଙ୍ଗ୍ ଇର୍‌ଆମାର୍‌ଆନ୍, ସିସୁର୍ ଆୟାୱାଜା
ୱାରିଙ୍ଗ୍ ଇର୍ହାର୍, ତାନେ ୱେନ୍‌କା ଲୋକୁ ୱାନିକାଙ୍ଗ୍ ଡ଼ିସ୍‌ସି ସିତାର୍
।
୭ ସିସୁର୍ ଆୟା ଗଦପିଲାଦିଙ୍ଗ୍ ଜିସୁ ଲାକ୍‌ତୁ ତାତାର୍ ରୋ ମାରି
ଗଦଦି ମୁଟାମ୍ ମୁସ୍‌କୁ ନିଜେ ନିଜେଦି ୱାତିଙ୍ଗ୍ ପାର୍‌ସି ସିତାର୍, ମାରି
ଜିସୁ ଆୟା ଗଦ ମୁସ୍‌କୁ ବାସ୍‌ତାନ୍ ।
୮ ମାରି ଏସଲୋକ୍ ଜିସୁଙ୍ଗୁ ମାନାଜି ଇଜି ନିଜେ ନିଜେଦି ୱାତିଙ୍ଗ୍
ରାସ୍ତାଦୁ ପାର୍‌ସି ସିତାର୍ ମାରି ଏସୋଲୋକ୍ ମାରାତି ରଡେଙ୍ଗ୍ ୱିଜୁ
କାଡ୍‌ସି ତାତାର୍ ନୋ ରାସ୍ତାଦୁ ପାର୍‌ତାର୍ ।
୯ ମାରି, ଜିସୁଦି ଆଗ୍‌ଡ଼ି ନି ୱେନ୍‌କା ବୁଲାଜି ସଲ୍‌ସି ମାନି ଲୋକ୍‌ଡର୍
ନାଣ୍ଡ ଆଉଲି ଆଜି ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍, "ହୋଶାନା ପ୍ରବୁଦି ଦର୍‌ତାନ୍
ଏନ୍ ୱାଜିନାନ୍, ମାପୁରୁ ୱାନିଙ୍ଗ୍ ଆସିର୍ବାଦ୍ କିପିନ୍ !
୧୦ ମା ପୁର୍ବେଦି ବୁବା ଦାଉଦତି ଆମା ରାଜି ୱାଜିନାତ୍,
ଆୟାତାନେଙ୍ଗ୍ ଧନ୍ୟ, ଆୟା ମୁସ୍‌କୁପୁର୍‌ତୁ ମାନି ନେଗି ବୁବାଦି
ଧନ୍ୟ । ନାଣ୍ଡ ଲୋକାମାନୁ ହୋଶାନା ।"

୧୧ ଜିସୁ ଜିରୁସାଲାମ୍‌ତୁ ଇତାନ୍ ମାରି ମନ୍ଦିର୍ ଲୋଇ ଡ଼ଗ୍ଗିତାନ୍ ମାରି
ସାରିବେଡ଼ତି ୱିଜୁ ଜିନିସ୍‌ତିଙ୍ଗ୍ ସୁଡ଼ତାନ୍ ନାସ୍ତିୱାଲେ ମିଲ୍‌ମିଲିକା
ଆଜି ୱାଜି ମାର୍‌ଆଡ୍ ଆକା ବାର୍ ଲୋକୁ ସିସୁରିୱାଲେ ବେତନିୟା
ଇନି ନାର୍‌ତୁ ସର୍‌ଆନ୍ ।

## ଜିସୁ ତଗା ମାରାନ୍‌ତିଙ୍ଗ୍ ଆନାଦୁରିଆ ସିତାନ୍
## (ମାତିଉ ୨୧:୧୮-୧୯)

୧୨ ଆୟା ମାର୍‌ନାଣ୍ଡିଙ୍ଗ୍ ଜିସୁ ମାରି ସିସୁର୍ ବେତନିୟା ନାର୍‌ତାଣ୍ଡ
ଜିରୁସାଲମ୍‌ତାନ୍ ୱାନିୱାଲେ ଜିସୁଙ୍ଗୁଁ ନାଣ୍ଡ ବାଙ୍ଗାଁ କାଟ୍‌ତାଡ୍ ।
୧୩ ମାରି, ଜିସୁ ଆକଣ୍‌କୁ ଉଣ୍ଡି୍ ଆକୁମାନି ତଗା ମାରାନ୍‌ତିଙ୍ଗ୍
ସୁଡ଼ତ୍ତାନ୍, ତଗା ମାରାନ୍‌ତୁ ଫଲ୍ ମାନାଡ୍‌ନୋ ସିଲେଡ୍, ଆୟା
ଆସାଦାନ୍ ଜିସୁ ତଗା ମାରାନ୍ ଲାକ୍‌ତୁ ସର୍‌ଆନ୍ । ମାତର୍ ଲାକ୍‌ତୁ
ୱାତାନ୍ ନୋ ଆୟା ତଗା ମାରାନ୍‌ତୁ ଆକୁ ଡ଼ିସ୍‌ସି ମାରି ଇନି ଫଲ୍ ବା
ପଏତାନ୍, ଇରିଙ୍ଗ୍ ଆୟା ବେଡ଼ାଦୁ ତଗା ପଲ୍ ଆସ୍‌ନି ଦିନ୍ ରେଏତା
ମାର୍‌ଆଡ୍ ।
୧୪ ଜିସୁ ଆୟା ତଗା ମାରାନ୍‌ତିଙ୍ଗ୍ ସୁଡ଼୍‌ଜି ଇର୍‌ଆନ୍, "ନି
ଲାକ୍‌ତୁରାନ୍ ଏମେ ଲୋକୁ ଏସ୍‌କାଙ୍ଗ୍‌ବା ପଲ୍ ତିନ୍‌ମାକିର୍ ।" ଜିସୁଦି
ଇୟା ମାଟା ସିସୁର୍ ୱେର୍‌ଆର୍ ।

## ଜିସୁ ମନ୍ଦିରତି ପର୍‌ନି ପାସ୍‌ରେଙ୍ଗ୍ ପୋକ୍‌ତାନ୍
## (ମାତିଉ ୨୧:୧୨-୧୭; ଲୁକ ୧୯:୪୫-୪୮; ଜୋହନ ୨:୧୩-୨୨)

୧୫ ତାନେ ୱେନ୍‌କା ୱାର୍ ଜିରୁସାଲମ୍‌ତୁ ୱାତାର୍, ମାରି ଜିସୁ ମନ୍ଦିର୍
ଲୋାଇ ସର୍‌ଆର୍‌ନୋ ଆବେ ପୁଜା ସିନି ଗରିଆ ମେଣ୍ଢେଙ୍ଗ୍ ପର୍‌ଜି
ମାନି ଲୋକାଙ୍ଗ୍ ଆଡ୍‌ରେ ସପ୍‌ତା ପୋକ୍‌ତାନ୍ । ମାରି ଟାକା ପର୍‌ନି
ଲୋକାଦି ଟେବୁଲ୍ ନି ପାଉରା ପର୍‌ନି ଲୋକାଦି ପାସ୍‌ରା ଡର୍ ପେର୍‌ଜି
ପକ୍‌ତାନ୍,
୧୬ ମାରି ମନ୍ଦିର୍ ଲୋଇରି ଦୁଆର୍ ସିଜି ଇନି ଜିନିସ୍ ଅତେଙ୍ଗ୍ ସାରି
ଏଙ୍ଗ୍‌ବା ସିଏତାନ୍,
୧୭ ଆୟାୱେନ୍‌କା ଜିସୁ ଶିକ୍ଷା ସିଜି ସିଜି ଇର୍‌ଆନ୍, "ଦାର୍ମୁସାସ୍ତ୍ରଦୁ
ଇକା ରାସାତାମାନାଡ୍, ନା ମନ୍ଦିର୍ ଦୁନିଆଦି ୱିଜୁ ଜାତିଦି ଲୋକ୍‌ତି
ଉଣ୍ଡିଙ୍ଗ୍ ପାର୍‌ତାନା ଇଲୁ ଇଜି ୱେଙ୍ଗ୍ ଁ ନାଁଡ୍ ? ମାତର୍ ମିର୍ ତୋ ଆକା
ଡଙ୍ଗାଁରି ଇଲୁୱାଜା କିତିମାନିଦେର୍ ।"
୧୮ ପେରି ପେରି ଜାଜକର୍ ମାରି ସାସ୍ତ୍ରିର୍ ଇୟା ମାଟା ୱେର୍‌ଆର୍‌ରୋ
ଜିସୁଙ୍ଗୁଁ ଏଣ୍ଡେସ୍ ସାପିସ୍ କିଦେଙ୍ଗ୍ ଆଟ୍‌ନାର୍, ଆୟା ଉଣ୍ଡିଙ୍ଗ୍ ସାରି
ପଇଦେଙ୍ଗ୍ ଆସ୍‌ତାର୍; ମାତର୍ ଆବେ ମାର୍‌ଇ ଲୋକଡର୍ ୱାନି
ସିକିୟାଦିଙ୍ଗ୍ କାବା ଆତାର୍ ନୋ ୱାର୍ ୱାନିଙ୍ଗ୍ ତିଲାଜି ମାର୍‌ଆର୍ ।

୧୯ ଆୟା ନାଣ୍ଡିଙ୍ଗ୍ ମିଲିମିଲିକା ଜିସୁ ମାରି ୱାନି ସିସୁର୍ ଆୟା ଗାଡ଼୍
ଡ଼ିସ୍ସି ସଲ୍ସିମାର୍ଆର୍ ।

## ତଗା ମାରାନ୍ତାନ୍ ସିକିୟା
(ମାତିଉ ୨୧:୨୦-୨୨)

୨୦ ମାରି ଅର୍ଲେନ୍ ସାଲ୍ଦି ଆୟା ସାରି ସିଜି ସନିୱାଲେ ୱାର୍ ଜିସୁ
ଏମେ ତଗା ମାରାନ୍ତିଙ୍ଗ୍ ଆନାଦୁରିଆ ସିତାମାର୍ହାନ୍ ଆୟା ମାରାନ୍
ମଦଲ୍ତାନ୍ ୱାର୍ସି ସରିକା ସୁଡ଼ୁତାର୍ ।
୨୧ ନାସ୍ତିୱାଲେ ପିତର୍ ଆଗ୍ଡ଼ିରି ମାଟା ଏଡ୍କିଜି ଜିସୁଙ୍ଗୁଁ ଇର୍ଆନ୍,
"ଏ ଗୁରୁ, ସୁଡ଼୍ଆ, ନିନ୍ ଏମେ ତଗା ମାରାନ୍ତିଙ୍ଗ୍ ଆନାଦୁରିଆ ସିତି
ମାର୍ଇ, ଆୟା ତଗା ମାରାନ୍ ୱାର୍ସି ସର୍ଆ ମାନାଡ୍ ।"
୨୨ ଜିସୁ ଶିଶୁରିଙ୍ଗ୍ ୱେର୍ତାନ୍, "ମାପୁରୁଦି ମାନୁ ବିଶ୍ୱାସ୍ କିଦୁ ।
୨୩ ନାନ୍ ମିଙ୍ଗିଁ ସଡ୍ ଇଜିନା, ଜେ ଏମେ ଲୋକୁ ଇୟା ଗରନ୍ତିଙ୍ଗ୍
ନିନ୍ ନିଙ୍ଗ୍ଜି ସାମ୍ଦୁର୍ତୁ ସଲ୍ସି ଆର୍ଆ ଇଜି ଇନାନ୍, ମାରି ୱାନି
ନିଜେଦି ମନ୍ ଲୋଇ ଅଡ୍ବିଏଣ୍ଗା, ଏମେକା ଇର୍ଆ ମାନା, ଆକା
ଆନାଡ୍ ଇଜି ବିସ୍ବାସ୍ କିନାନ୍, ୱାନି ଉଣ୍ଡିଙ୍ଗ୍ ଆକା ସଡ୍ ଆନାଡ୍ ।
୨୪ ଆଦେଙ୍ଗ୍, ନାନ୍ ମିଙ୍ଗିଁ ଇଜିନା, ମିର୍ ଏମେ ଏମେକା ପାର୍ତନା
କିଜି ଲସ୍ନିଦେର୍, ଆକା ୱିଜୁ ପଇନାପ୍ ଇଜି ବିସ୍ବାସ୍ କିଦୁ,
ଆୟାୱିଜୁ ପଇନିଦେର୍ ।
୨୫ ✡ମାରି, ମିର୍ ଏମେ ସମୟତୁ ପାର୍ତନା କିଦେଙ୍ଗ୍ ନିଙ୍ଗ୍ନିଦେର୍,
ଜଦି ଏ ବିରୁଦ୍ତାନ୍ ମିଙ୍ଗିଁ ଇନି ମାଟା ମାନାଡ୍, ୱାନିଙ୍ଗ୍ କେମା କିଦୁ,
ଆଦେଙ୍ଗ୍ ମି ମୁସ୍କୁପୁର୍ତି ବୁବା ବା ମିଙ୍ଗିଁ ୱିଜୁ ପାପ୍କେମା କିନାନ୍
।
୨୬ ମାତର୍ ମିର୍ ଜଦି ଆଇ ଲୋକାଙ୍ଗ୍ କେମା କିଇଦେର୍, ଆଦେଙ୍ଗ୍
ମି ମୁସ୍କୁପୁର୍ତି ବୁବା ବା ମିଙ୍ଗିଁ ପାପ୍ ୱିଜୁ କେମା କିଏନ୍ ।"*

## ଜିସୁଦି ଅଦିକାର୍ ବିସୟତୁ ୱେନ୍ବାତାର୍
(ମାତିଉ ୨୧:୨୩-୨୭; ଲୁକ ୨୦:୧-୮)

✡ **୧୧:୨୫** ମାତିଉ ୬:୧୪,୧୫. * **୧୧:୨୬** ଏସ ପାଡ଼ିଇ ରାସାତିମାନୁ ଇୟା ପଦ ସିଲେଡ୍
।

୨୭ ମାରିଡ଼େସି ଜିସୁ ମାରି ୱାନି ଶିଶୁର୍ ଜିରୁସାଲମ୍‌ତୁ ୱାତାର୍; ଜିସୁ
ମନ୍ଦିର୍ ଲୋଇ ବୁଲାନି ୱାଲେ ପେରି ଯାଜକ, ସାସ୍ତ୍ରିର୍ ମାରି ନେତାର୍
ୱାନି ଲାକ୍‌ତୁ ୱାଜି ୱେନ୍‌ବାତାର୍,
୨୮ "ନିନ୍ ଏମେ ଅଦିକାର୍‌ତାନ୍ ଇୟାୱିଜୁ କିଜିନି ? ମାରି ଇୟାୱିଜୁ
ପାଣି କିଦେଙ୍ଗ୍ ନିଂଇ ଏନ୍ ଇୟା ଅଦିକାର୍ ସିତା ମାନାନ୍ ?"
୨୯ ମାତର୍ ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ନାନ୍ ମିଙ୍ଗିଁ ଉଣ୍ତି ମାଟା
ୱେନ୍‌ବାନା, ନା ମାଟାଦି ଉତର୍ ସିଦାଟ୍, ଆଦେଙ୍ଗ୍ ନାନ୍ ଏମେ
ଅଦିକାର୍‌ତାନ୍ ଇୟାୱିଜୁ କିଜିନା, ଆକା ମିଙ୍ଗିଁ ଇନା ।
୩୦ ଜୋହନତି ଡୁବନ୍ ମୁସ୍‌କୁପୁରୁତାନ୍ ନା ଲୋକା ମାଣ୍‌କୁ ଆତାଡ୍
? ନାଂଇ ୱେର୍‌ତୁ ।"
୩୧ ଆବେନୁ ୱାର୍ ୱାରି ୱାରି ଲୋଇ ୱାର୍‌ଗିସାଜି ଇନ୍‌ତ୍ରେଙ୍ଗ୍
ଆସ୍‌ତାର୍, ଜଦି ମୁସ୍‌କୁପୁର୍‌ତାନ୍ ଇଜି ଇନିକା, ଆବେଟ୍ ୱାଣ୍ତୁ
ଇନାନ୍, ମିର୍ ଇନ୍‌ଦାନିଙ୍ଗ୍ ଜୋହନତିଙ୍ଗ୍ ବିସ୍‌ବାସ୍ କିଇତିଦେର୍ ?
୩୨ ଜଦି ଯୋହନତି ଡୁବନ୍ ଲୋକାମାଣ୍‌କୁ ଆତାମାନାନ୍ ଇଜି
ଇତ୍ରେଙ୍ଗ୍ ମାପ୍ ଲୋକାଙ୍ଗ୍ ତିଲାଜି ମାର୍ହାପ୍ ? ଇରିଙ୍ଗ୍ ୱିଜୁ ଲୋକୁ
ମାନାଜି ମାର୍‌ଆର୍ ଯେ ଯୋହନ ଅରେନ୍ ବାବବାଦି ଇଜି ।
୩୩ ୱାର୍ ଜିସୁଙ୍ଗୁଁ ଉତର୍ ସିତାର୍, "ମାପ୍ ନେସ୍‌ଏପ୍ ।" ଆୟାୱେନ୍‌କା
ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ନାନ୍ ଏମେ ଅଦିକାର୍‌ତାଣ୍ତ ଇୟାୱିଜୁ
ପାଣି କିଜିନା, ଆକା ନାନ୍ ବା ମିଙ୍ଗିଁ ୱେର୍‌ଏ ।"

# ୧୨

## ଅଙ୍ଗୁର୍ କିଡ଼ିଇ ମାରି ବାଗ୍‌ତୁ ପାଣିକିନି ଲୋକା କାତା
## (ମାତିଉ ୨୧:୩୩-୪୬; ଲୁକ ୨୦:୯-୧୯)

୧ ଇୟା ୱେନ୍‌କା ଜିସୁ ୱାରିଙ୍ଗ୍ କାତାଦାନ୍ ଇର୍‌ଆନ୍, ଅରେନ୍
ଲୋକ୍ ଉଣ୍ତି ଅଙ୍ଗୁର୍ କିଡ଼ିଇ ଆରାମ୍ କିଜି ଆୟା କିଡ଼ିଇଦି
ସାରିବେଡ଼ତି କୋଅଟି ତିଆର୍ କିତାନ୍, ମାରି ଅଙ୍ଗୁର୍‌ରସ୍ ଇଡ୍‌ଦେଙ୍ଗ୍
ଗୁଟା କାରିତାନ୍ ମାରି କାପ୍‌କିନି ଗୁଡ଼ା ତିଆର୍ କିତାନ୍, ଆୟାୱେନ୍‌କା
ୱାନ୍ ବାଗ୍‌ତୁ ପାଣିକିନିୱାରିଙ୍ଗ୍ ଆୟା ଡଡି ବାଗ୍‌ତାନ୍ ସିତାନ୍‌ନୋ
ଆଇଦେସ୍‌ତୁ ସୋର୍ହାନ୍ ।

୨ ତାନେ ୱେନ୍‌କା ବାଗ୍‌ତୁପାଣିକିନି ୱାରି ମାଣ୍‌କୁ ଅଙ୍ଗୁର୍
କିଡ଼ିଇଦାନ୍ ଫଲ୍ ନିଜେତି ବାଗ୍ ଲୋସ୍‌ନି ତାନି ଉଣ୍ଡିଙ୍ଗ୍ ୱାନ୍ ଅରେନ୍
ଗଡିମୁରୁଲିଙ୍ଗ୍ ନାସ୍ତିୱାଲେ ପାଣିକିନିୱାରି ଲାକ୍‌ତୁ ପକ୍‌ତାନ୍ ।
୩ ମାତର୍ ୱାର୍ ଆୟା ଗଡିମୁରୁଲିଙ୍ଗ୍ ଆସ୍‌ତାରୋ ଡାକ୍‌ତାର୍‌ନୋ
ୱାର୍‌ଇ କିୟୁଦୁ ପକ୍‌ତାର୍ ।
୪ ଆୟାୱେନ୍‌କା ସାଉକାର୍ ମାରି ଅର୍‌ସୁ ମାରି ଅରେନ୍ ପାଣିକିନି
ଗଡିମୁରୁଲିଙ୍ଗ୍ ପୋକ୍‌ତାନ୍; ୱାର୍ ଆୟାୱାନିଙ୍ଗ୍ ବା ୱାନି ତାଲା
ପାଟ୍‌ତାର୍ ମାରି ୱାନିଙ୍ଗ୍ ନିସାର୍ କିତାର୍ ।
୫ ଇୟା ୱେନ୍‌କା ମାରି ଅରେନ୍ ୱାନିଙ୍ଗ୍ ପକ୍‌ତାନ୍, ୱାର୍
ଆୟାୱାନିଙ୍ଗ୍ ବା ସାୟାମାର୍‌ଗା ଡାକ୍‌ତାର୍ । ସାଉକାର୍ ମାରିଡ଼େସି
ମାରି ଏସ ଲୋକାଙ୍ଗ୍ ପକ୍‌ତାନ୍; ୱାରି ଲୋଇ ଏସୋ ଲୋକାଙ୍ଗ୍
ଡାକ୍‌ତାର୍ ମାରି ଏସ ଲୋକାଙ୍ଗ୍ ସାୟାମାର୍‌ଗା କାଡ୍‌ତାର୍ ।
୬ ସାଉକାର୍‌ତି ଲାକ୍‌ତୁ ଅରେନ୍‌ନେ ବାକି ମାନାନ୍, ୱାଣ୍ଡ୍ରୁ ୱାନି
ନିଜେଦି ଲାଡ୍‌ତି ମାରିନ୍ । ନା ମାରିନ୍‌ତିଙ୍ଗ୍ ୱାର୍ ଏଣ୍ଡେସ୍‌ବା
ମାନାନାର୍, ଇୟାୱାଜା ଅଡ଼୍‌ବିଜି ସାରାସାରି ୱେନ୍‌କା ଆୟାୱାରି
ଲାକ୍‌ତୁ ନିଜେଦି ମାରିନ୍‌ତିଙ୍ଗ୍ ପୋକ୍‌ତାନ୍ ।
୭ ମାତର୍ ଆୟା ବାଗ୍‌ତୁ ପାଣିକିନି ଲୋକୁ ୱାରି ୱାରି ଲୋଇ
ୱାର୍‌ଗିତାର୍, ଇକାନ୍ ସାଉକାର୍‌ତି ମାରିନ୍, ରାଦୁ, ୱାନିଙ୍ଗ୍
ସାୟାମାର୍‌ଗା ଡାକ୍‌ନାଟ୍; ଆବେଟ୍ ସାଉକାର୍‌ତି ଦନ୍ ୱିଜୁ ମା କିୟୁଦୁ
ୱାନାଡ୍ ।
୮ ଆବେଟ୍ ୱାର୍ ସାଉକାର୍‌ତି ମାରିନ୍‌ତିଙ୍ଗ୍ ଆସ୍ତାର୍‌ନୋ
ସାୟାମାର୍‌ଗା ଡାକ୍‌ତାର୍ ମାରି ମାଡ଼ାଦିଙ୍ଗ୍ ଅଙ୍ଗୁର୍ କିଡ଼ିଇ ଡ଼ିସ୍‌ସି
ଆଇ ବାଡିଦୁ ପେର୍‌ତା ପକ୍‌ତାର୍ ।
୯ ଜିସୁ ୱେନ୍‌ବାତାନ୍, "ଇୟା ୱେନ୍‌କା ଆୟା ଅଙ୍ଗୁର୍ କିଡ଼ିଇଦି
ସାଉକାର୍ ଇନିକା କିନାନ୍ ?" ଆୟା ସାଉକାର୍ ୱାଜି ଏଣ୍ଡେସ୍‌ବା
ଆୟାୱାରିଙ୍ଗ୍ ସାୟାମାର୍‌ଗା ଡାକ୍‌ନାନ୍ ମାରି ଆୟା ଅଙ୍ଗୁର୍
କିଡ଼ିଇଦିଙ୍ଗ୍ ଆଇ ଲୋକାଙ୍ଗ୍ ବାଗ୍‌ତୁ ପାଣିକିନି ଉଣ୍ଡିଙ୍ଗ୍ ସିନାନ୍
।
୧୦ ମିର୍ ଦାର୍ମୁସାସ୍ତ୍ରଦୁ ଇୟା ମାଟା ବା ପଡ଼ାଇଦେର୍,
ଇଲୁ ତର୍‌ନି ମିସ୍ତ୍ରିର୍ ଏମେ କାଲୁଦିଙ୍ଗ୍ ଦର୍‌କାର୍ ଆଏଡ୍ ଇର୍ହାର୍,
ଆକାନେ କନାଦି ମୁଲ୍ କାଲୁ ଆତାଡ୍;

୧୧ ପ୍ରବୁ ମାଣ୍‌କୁ ଇକା ଆତାଡ୍,
ମାରି ଆକା ମା ଉଣ୍ତିଙ୍ଗ୍ ଏସା କାବାଦି ମାଟା !
୧୨ ଆବେନ୍ ଜିହୁଦି ନେତାର୍ ୱାନିଙ୍ଗ୍ ଆସ୍‌ତେଙ୍ଗ୍ ଇଜି ବଦାକିତାର୍,
ମାତର୍ ୱାର୍ ଲୋକାଙ୍ଗ୍ ତିଲାତାର୍; ମାତର୍ ଜିସୁ ଇୟା ମାଟା ୱାରିଙ୍ଗ୍
ସୁଡ଼୍‌ଜି ଇନ୍‌ଜିନାନ୍ ଇଜି ୱାର୍ ନେସ୍‌ତେଙ୍ଗ୍ ଆଟ୍‌ତାର୍, ମାରି ୱାର୍
ତିଲାଜି ଜିସୁଙ୍ଗୁଁ ଡ଼ିସ୍‌ସି ସରଆର୍ ।

## ସିସ୍‌ଟୁ ସିନି ବିସୟତୁ ମାଟା
(ମାତିଉ ୨୨:୧୫-୨୨; ଲୁକ ୨୦:୨୦-୨୬)

୧୩ ୱେନ୍‌କା ଏସ ପାରୁସିର୍ ମାରି ହେରୋଦ ରାଜା ଦଲତି ମାଣ୍‌କୁ
ଏସ ଲୋକାଙ୍ଗ୍ ଜିସୁଦି ମାଟାଦି ଭୁଲ୍‌ତିଙ୍ଗ୍ ଆସ୍‌ସି ଗୁଟାଦୁ ପକ୍‌ତେଙ୍ଗ୍
ଇଜି ୱାର୍ ପକ୍‌ତା ମାର୍‌ଆର୍ ।
୧୪ ୱାର୍ ୱାତା ରୋ ଜିସୁଙ୍ଗୁଁ ଇର୍ହାର୍, "ଏ ଗୁରୁ, ମାପ୍ ନେସ୍‌ନାପ୍,
ନିନ୍ ସତ୍ ମାରି ଏମେ ଲୋକାଙ୍ଗ୍ ବା ତିଲାଇ; ଇରିଙ୍ଗ୍ ନିନ୍ ଏମେ
ଲୋକାଙ୍ଗ୍ ବା ମକମ୍ ସୁଡ଼୍‌ଏୁଣ୍‌ଗା କିନି, ମାତର୍ ସତ୍‌ତାନ୍ ମାପୁରୁତି
ସାରିଦି ବିସୟ ଶିକ୍ଷା ସିନି । ମାଙ୍ଗିଁ ୱେର୍‌ଆ କାଇସର୍ ରାଜାଏଙ୍ଗ୍
ସିସୁଟୁ ସିଦେଙ୍ଗ୍ ନିୟମ୍‌ନୋ ସିଲେଡ୍ ?"
୧୫ ମାଡୁ ସିନା ଡୋ ସିଲେ ? ମାତର୍ ଜିସୁ ୱାରି ସାଲାକି
ନେସ୍‌ତାନ୍‌ନୋ ୱାରିଙ୍ଗ୍ ଇର୍‌ଆନ୍, "ଏନ୍ଦା ନାଂଇ ଉରିଦୁ ପକ୍‌ତେଙ୍ଗ୍
ବଦାକିଜିନିଦେର୍ ? ଉଣ୍ତି ଟାକା ଅଦ୍‌ଲି ଡାବୁଙ୍ଗ୍ ନା ଲାକ୍‌ତୁ ତାଗାଟ୍,
ନାନ୍ ଆକା ସୁଣା ।"
୧୬ ଆବେଟ୍ ୱାର୍ ଉଣ୍ତି ଟାକା ଅଦ୍‌ଲି ତାତାର୍ । ଜିସୁ ୱାରିଙ୍ଗ୍
